

ଶ୍ରେଷ୍ଠ ସ୍ଥାନରେ ତିଳକ ବର୍ମା ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 237 | ଭାଗ ୩୨ | ସଂଖ୍ୟା୨୩୭ | Bhubaneswar | Thursday 21 November 2024 | Page 8 Rs. 4.00 | ଭୁବନେଶ୍ୱର | ଗୁରୁବାର ୨୧ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ରକ୍ତମୁଖା ବବି ଅନୁଗତ

ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ): ଯାଜପୁରରେ ବିଜେଡି ଗଡ଼ ଭୁଷୁଡ଼ିବା ପରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ସମର୍ଥକମାନେ ରକ୍ତମୁଖା ହୋଇଛନ୍ତି। କ୍ଷମତାରୁ ଯିବାପରେ ଏକ ପ୍ରକାର

- ବିଧାୟକଙ୍କ ଗାଡି ଭାଙ୍ଗିଲେ
- ଅଣ୍ଡାମାଡର ବଦଳା ନେଲେ
- ପୁଲିସ ନିରବତାକୁ ନିନ୍ଦା



ପାଗଳ ଭଳି ଆଚରଣ କରୁଥିବା କିଛି ଯୁବକ ଆଜି ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଗାଡି ଭଙ୍ଗାରୁଜା କରିଛନ୍ତି। ଏସବୁ କାଣ୍ଡ ବବିଙ୍କ ଇଙ୍ଗିତରେ ହୋଇଥିବା ନେଇ ବିଜେପି କର୍ମୀମାନେ ସିଧାସଳଖ ଅଭିଯୋଗ ଆଣୁଥିବାବେଳେ ପୁଲିସ୍‌ର ନିରବତା ବିଜେପି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରୁଛି।

ଧର୍ମଶାଳା ବିଧାୟକ ଲିକୁ ସାହୁ ଆଜି ଯାଜପୁର ସ୍ଥିତ ଡିଡିଏମ୍ ଅଫିସ ଆସିଥିବାବେଳେ ତାଙ୍କ ଉପରେ ହୋଇଛି ଆକ୍ରମଣ। ବିଚ୍ ରାସ୍ତାରେ ଜଣେ ବିଧାୟକଙ୍କ ଗାଡିକୁ ଭଙ୍ଗାରୁଜା ହୋଇଥିବାବେଳେ ତାଙ୍କୁ ମାଡ ମାରି ଚେନ୍ ଛଡାଇ ନେଇଥିବା ➩ପୃଷ୍ଠା-୬

## ହନୁ ମଲାବେଳେ ସତ କୁହେ



ଯାଜପୁର,୨୦।୧୧ (ସଂଚାର ବ୍ୟୁରୋ): ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଉପରେ ଆକ୍ରମଣ ଘଟଣାରେ ତାଙ୍କର କିମ୍ବା ତାଙ୍କ ପରିବାରର ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟୀକରଣ ଦେଉଛନ୍ତି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ। ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ସେ କହିଛନ୍ତି। ପୋଲିସର ତଦନ୍ତ ପ୍ରକ୍ରିୟାରେ ସେ ଓ ତାଙ୍କ ପରିବାର ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ହେଲେ ହନୁ ମଲା ବେଳେ ସତ କହେ ➩ପୃଷ୍ଠା-୬

ଗଣତନ୍ତ୍ରରେ ବିଶ୍ୱାସ କରେନି ବିଜେଡି !

# ଏକ୍‌ଜିଟ୍ ପୋଲ୍‌ରେ ବିଜେପିର ବାଜିମାତ୍

ମୁମ୍ବାଇ/ରାଞ୍ଚି,୨୦।୧୧: ମହାରାଷ୍ଟ୍ର ଓ ଝାରଖଣ୍ଡର ସମସ୍ତ ବିଧାନସଭା ଆସନରେ ବୁଧବାର ସନ୍ଧ୍ୟାରେ ମତଦାନ ଶେଷ ହୋଇଛି। ମହାରାଷ୍ଟ୍ରରେ ଗୋଟିଏ ପର୍ଯ୍ୟାୟରେ ସମସ୍ତ ୨୮୮ ଓ ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟରେ ୩୮ଆସନରେ ମତଦାନ ହୋଇଛି। ସନ୍ଧ୍ୟା ସୁଦ୍ଧା ମହାରାଷ୍ଟ୍ରରେ ୫୮.୨୨ ଓ ଝାଡ଼ଖଣ୍ଡରେ ୬୭.୫୯%

## ସରିଲା ଭୋଟ: ୨୩ରେ ଗଣତି

## ମହାରାଷ୍ଟ୍ରରେ ୫୮.୨୨ / ଝାଡ଼ଖଣ୍ଡରେ ୬୭.୫୯% ମତଦାନ

ମତଦାନ ରେକର୍ଡ ହୋଇଛି। ଆସନ୍ତା ୨୩ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ସନ୍ଧ୍ୟାରେ ଇଭିଏମ୍ ସିଲ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ୍‌ଜିଟ ପୋଲ ବା ବୁଥ୍ ଫେରନ୍ତା ଜନମତ ସାମ୍ନାକୁ ଆସିଛି। ମହାରାଷ୍ଟ୍ରରେ ମହାଯୁତି ଓ ମହା ଅଘାଡ଼ି ମଧ୍ୟରେ ମହା ଟକ୍କର ହୋଇଛି।

ଅଧିକାଂଶ ଏକ୍‌ଜିଟ ପୋଲର ଆକଳନ କହୁଛି, ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାଯୁତି ପୁଣି ସରକାର ଗଠନ କରିବ। ତିନି ସଂସ୍ଥା ମହାରାଷ୍ଟ୍ରରେ ଝୁଲା ବିଧାନସଭା ନେଇ ଆକଳନ କରିଥିଲେ ହେଁ ବିଜେପି ଓ ଶିସେନା ସିନ୍ଦେ ଗୋଷ୍ଠୀକୁ ନେଇ ଗଠିତ ମହାଯୁତିର ପଲ୍ଲା ଭାରି ରହିବ ବୋଲି କହିଛନ୍ତି। ଏପରି ସ୍ଥିତିରେ ସ୍ୱାଧୀନ କିମ୍ବା ଛୋଟ ଛୋଟ ଦଳର ବିଧାୟକମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ରାଜ୍ୟରେ ୨୮୮ ବିଧାନସଭା ଆସନ ମଧ୍ୟରୁ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୧୪୫। ମାଟ୍ରିଜ ପକ୍ଷରୁ ହୋଇଥିବା ଆକଳନରେ ଏମ୍‌ଭିଏ ୧୫୦-୧୭୦ ଆସନ ଜିତିବ। କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା ଓ ଶରଦ ପାୱାରଙ୍କ ଏନସିପିକୁ ନେଇ ଗଠିତ ମହା ବିକାଶ ଅଘାଡ଼ି ((ଏମ୍‌ଭିଏ) ୧୧୦ରୁ ୧୩୦ ଓ ଅନ୍ୟାନ୍ୟ ଦଳ ୮ରୁ ୧୦ଟି ଆସନ ଜିତିବେ। ଏହି ସଂସ୍ଥା ଆହୁରି କହିଛି ଯେ ମହାରାଷ୍ଟ୍ରରେ ବିଜେପି ଏକାକୀ ୮୯ରୁ ୧୦୧, କଂଗ୍ରେସ ୩୯ରୁ ୪୭, ଶିବସେନା ୩୭ରୁ ୪୫, ଏନସିପି(ଶରଦ ପାୱାର) ୩୫ରୁ ୪୩, ଶିବସେନା(ଉଦ୍ଧବ ଠାକରେ) ୨୧ରୁ ୨୯ ଓ ଏନସିପି(ଅଜିତ ପାୱାର) ୧୭ରୁ ୨୬ଟି ଆସନ ଜିତିବ। ପି-ଏମ୍‌ଆର୍‌କ୍ୟୁ ଏକ୍‌ଜିଟ ପୋଲରେ ମହାଯୁତି ୧୩୭ରୁ ୧୫୭, ଏମଭିଏ ୧୨୬ରୁ ୧୪୬ ଓ ଅନ୍ୟାନ୍ୟ ଦଳ ୨ରୁ ୮ଟି ଆସନ ଜିତିବେ। ପିପୁଲ୍ସ ପ୍ଲସ କହିଛି ମହାରାଷ୍ଟ୍ରରେ ବିଜେପି ମେଣ୍ଟ ୧୭୫ରୁ ୧୯୫, ଏମଭିଏ ୮୫ରୁ ୧୧୨ ଓ ଅନ୍ୟାନ୍ୟ ଦଳ ୭ରୁ ୧୨ଟି ଆସନ ପାଇବେ।

ଚାଣକ୍ୟ ପକ୍ଷରୁ କରାଯାଇଥିବା ଏକ୍‌ଜିଟ ପୋଲରେ ବିଜେପି ମେଣ୍ଟ ୧୫୨ରୁ ୧୬୦, ଏମଭିଏ ୧୩୦ରୁ ୧୩୮ ଓ ଅନ୍ୟାନ୍ୟ ଦଳ ୬ରୁ ୮ଟି ଆସନ ଜିତିବେ। ସ୍ଥାନୀୟ ଏଜେନ୍ସି ଲୋକସାହି ମରାଠୀ-ରୁଦ୍ରର ଏକ୍‌ଜିଟ ପୋଲ କିନ୍ତୁ ଭିନ୍ନ କଥା କହୁଛି। ସଂସ୍ଥାର ଆକଳନ ଅନୁଯାୟୀ, ରାଜ୍ୟରେ କୌଣସି ମେଣ୍ଟକୁ ସରକାର ➩ପୃଷ୍ଠା-୬




ମୋଟ ଆସନ-୨୮୮

| | ବିଜେପି ଓ ମହାଯୁତି | ମହାବିକାଶ ଅଘାଡ଼ି | ଅନ୍ୟାନ୍ୟ |
|---|---|---|---|
| ପି-ମାର୍କ- | ୧୩୭-୧୫୭ | ୧୨୬-୧୪୬ | ୨-୦୮ |
| ମାଟ୍ରିକ୍ସ - | ୧୫୦-୧୭୦ | ୧୧୦-୧୩୦ | ୮-୧୦ |
| ପିପୁଲ୍‌ସ ପଲ୍‌ସ- | ୧୮୨ | ୯୭ | ୯ |
| ଚାଣକ୍ୟ - | ୧୫୨-୧୬୦ | ୧୩୦-୧୩୮ | ୬-୦୮ |
| ପୋଲ ଡାଏରି | ୧୨୨-୧୮୬ | ୬୯-୧୨୧ | ୧୨-୨୯ |




ମୋଟ ଆସନ-୮୧

| ଏନ୍‌ଡିଏ | ଇଣ୍ଡିମେଣ୍ଟ | ଅନ୍ୟାନ୍ୟ |
|---|---|---|
| ମାଟ୍ରିକ୍ସ-୪୨-୪୭ | ୨୫-୩୦ | -- |
| ପିପୁଲ୍ସ ପଲ୍‌ସ-୪୪-୫୩ | ୨୫-୩୭ | ୪-୭ |
| ନାଓ ଜେଭିସି-୪୦-୪୪ | ୩୦-୪୦ | ୫ |
| ଆକ୍ସିସ୍ ମାଇଁ ଇଣ୍ଡିଆ- ୨୫ | ୫୩ | ୪-୫ |
| ଇଲେକ୍ଟ୍ରୋରାଲ ଏଜ୍- ୩୨ | ୪୨ | ୬-୭ |
| ଚାଣକ୍ୟ- ୪୫-୫୦ | ୩୫-୩୮ | -- |

# ଅଣଓଡ଼ିଆ କଣ୍ଟ୍ରାକ୍ଟରଙ୍କୁ ଓଡ଼ିଶା ମନା



ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ): ରାଜ୍ୟରେ ଗତ ସାଧାରଣ ନିର୍ବାଚନ ପରଠୁ ଓଡ଼ିଆ ଏବଂ ଅଣଓଡ଼ିଆ ପ୍ରସଙ୍ଗ ବେଶ ଚର୍ଚ୍ଚାରେ ରହିଛି । ଖାସ୍କରି ବିଜେପି 'ଓଡ଼ିଆ ଅସ୍ମିତା' ପ୍ରସଙ୍ଗକୁ କେନ୍ଦ୍ରକରି ସତ୍ତାକୁ ଆସିଥିବାରୁ, ଏବେ ଏହି କଥା ଚର୍ଚ୍ଚାରେ ରହୁଛି । ଆଉ ଏହାରି ଭିତରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଛନ୍ତି ବଡ ବୟାନ। ଓଡ଼ିଶା ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌କ୍ଲେଭ୍-୨୦୨୪ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ପୂର୍ବ ସରକାର ସମୟରେ ଓଡ଼ିଶାର କଣ୍ଟ୍ରାକ୍ଟରଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡୁଥିଲା। ଏମିତି କି ଅନେକ ଓଡ଼ିଆ କଣ୍ଟ୍ରାକ୍ଟର ଲାଇସେନ୍ସ ସରେଣ୍ଡର କରିବାକୁ ବସିଥିଲେ । ହେଲେ ଏବେ କିନ୍ତୁ ଆଉ ତାହା ହେବନି। ପୂର୍ବରୁ ଛୋଟ ଛୋଟ କାମ ଯାହା ଓଡ଼ିଆ ନିର୍ମାଣକାରୀ ସଂସ୍ଥା କରିପାରିଥାନ୍ତେ, ତାକୁ ଗତ ସରକାର ନ କରି କ୍ଲବଅପ୍ କରି ରାଜ୍ୟ ବାହାର ବଡ ବଡ କଣ୍ଟ୍ରାକ୍ଟର ସଂସ୍ଥାକୁ ଦେଉଥିଲେ। ଆଜିର ଦିନରେ ଆମେ ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରିଛୁ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ବି ଆଉ ସି କ୍ଲାସ କଣ୍ଟ୍ରାକ୍ଟର ସଂସ୍ଥାମାନଙ୍କର ରେଡିଆନ୍ସ ଚେଞ୍ଜ ହୋଇଛି ଏବଂ ତାଙ୍କ ଲିମିଟକୁ ମଧ୍ୟ ବଢ଼ାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ➩ପୃଷ୍ଠା-୬

# ରେକର୍ଡ ରୁମରେ ମୂଷା



ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ): ରାଜ୍ୟ ସଚିବାଳୟରେ କଡା ସୁରକ୍ଷାରେ ଥିବା ସାଧାରଣ ପ୍ରଶାସନ ବିଭାଗର ରେକର୍ଡ ରୁମରେ ମୂଷା ଆତଙ୍କ। ଅବଶ୍ୟ ଏ ମୂଷା ଦୁଇ ଗୋଡିଆ। ଏହି ମୂଷା ପ୍ରାଦୁର୍ଭାବରେ ରେକର୍ଡ ରୁମ୍‌ର ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସବୁ ଅତି ସହଜରେ ବିଲଡର ଓ ଜମିମାଫିଆମାନଙ୍କ ପକେଟକୁ ଚାଲିଯାଉଛି। ରାଜଧାନୀରେ କୌଣସି ସ୍ଥାନରେ ଜମି ହଡପ କିମ୍ବା ଶସ୍ତାରେ କିଣା ବିକା କରିବାକୁ ହେଲେ ଏହି ମୂଷାଙ୍କ ସହଯୋଗ ନେବାକୁ ପଡୁଛି। ରେକର୍ଡରୁମ୍‌ର ଅନତି ଦୂରରେ ଦୁଇ ନମ୍ବର ଅଞ୍ଚଳରେ ଏହି ମୂଷାଙ୍କ ଆସ୍ଥାନ ହୋଇଥିବାବେଳେ ସେଠାରେ ମଧ୍ୟ ବିଲଡର ଓ ଜମିବେପାରୀମାନେ ଭିଡ ଜମାଉଛନ୍ତି। ତେବେ ଏହି ମୂଷାକୁ ବଳ ଯୋଗାଉଛନ୍ତି ଜଟଣୀ ମଦନପୁର ଅଞ୍ଚଳର ଜଣେ ଆର୍‌ଆଇ। ସେଠାରୁ ସିଏ ମୂଷାପାଇଁ ନିୟମିତ ଖାଦ୍ୟ ଯୋଗାଉଛନ୍ତି। ସେହି ଅଞ୍ଚଳରେ ଯେତେ ଜମିଜମା ରେକର୍ଡ ଷ୍ଟୋର ରୁମ୍‌ରେ ରହୁଛି ମୂଷା ତାକୁ କୌଶଳ କ୍ରମେ କାଟି ବାହାର କରିଦେଉଛି। ତେଣୁ ଏଭଳି ଦୁଇ ଗୋଡିଆ ମୂଷା ସଂକ୍ରାନ୍ତରେ ଖବର ପାଇବାପରେ ଏବେ କିଛି ଜମି ମାଫିଆ ଦୁଇ ନମ୍ବର ଅଞ୍ଚଳ ସମେତ ସଚିବାଳୟ ଭିତରକୁ କୌଶଳ କ୍ରମେ ଯାଇ ଭିଡ ଜମାଉଛନ୍ତି। ରେକର୍ଡ ସୁରକ୍ଷା ଦାୟିତ୍ୱରେ ଥିବା ମୂଷାଟି କିଭଳି ରେକର୍ଡକୁ କାଟି ପଦାକୁ ନେଇ ଆସୁଛି ତାହାର ମୋବାଇଲ୍ କଲ ରେକର୍ଡ ଯାଞ୍ଚକଲେ ଅନେକ ଗୁପ୍ତ ରହସ୍ୟ ପଦାକୁ ଆସିବ ବୋଲି ସଚିବାଳୟରେ ଏବେ ଆଲୋଚନା ଚାଲିଛି।

# ୨୪ରେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ): ଦାନା କ୍ଷୟକ୍ଷତିର ସରଜମିନ ଅନୁଧ୍ୟାନ ପାଇଁ ଆସନ୍ତା ୨୪ରେ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସୁଛି କେନ୍ଦ୍ରୀୟ ଟିମ। ଟିମ ବାତ୍ୟା ଓ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବ । ଗୃହ ବିଭାଗର ଯୁଗ୍ମ ସଚିବ ପିକେ ରାୟଙ୍କ ନେତୃତ୍ୱରେ ୭ ଜଣିଆ ଅଧିକାରୀ ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲା ପରିଦର୍ଶନ କରିବେ। ୨୬ ତାରିଖରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବ ଟିମ୍। କେନ୍ଦ୍ରୀୟ ଟିମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ଆସିଥିବା ଏକ ଚିଠି ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ବାତ୍ୟା ଦାନା ଓ ପରବର୍ତ୍ତୀ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲା ପ୍ରଭାବିତ ହୋଇଛି। କ୍ଷୟକ୍ଷତିର ଆକଳନ କରି କେନ୍ଦ୍ରକୁ ରିପୋର୍ଟ ଦେବ ଟିମ। ୨୪ ➩ପୃଷ୍ଠା-୬



- ପ୍ରଭାବିତ ଜିଲ୍ଲା ବୁଲିବେ
- ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

# ଫେବ୍ରୁଆରୀ ୧୮ରୁ ଯୁକ୍ତଦୁଇ ପରୀକ୍ଷା

- ୧୨୮୦ କେନ୍ଦ୍ରରେ ପରୀକ୍ଷା ଦେବେ ୩ ଲକ୍ଷ ୯୨ ହଜାର
- କପି ରୋକିବାକୁ ସିସିଟିଭି କ୍ୟାମେରା ଓ ତ୍ରିସ୍ତରୀୟ ସୁରକ୍ଷା

ଭୁବନେଶ୍ୱର, ୨୦।୧୧ (ସଂଚାର ବ୍ୟୁରୋ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ନେଇ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ୨୦୨୫ ଫେବ୍ରୁଆରୀ ୧୮ରୁ ଯୁକ୍ତ ଦୁଇ (+2) ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୭ ଯାଏଁ ୨୨ ଦିନ ଧରି ଚାଲିବ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ପରୀକ୍ଷା । ୧୨୮୦ କେନ୍ଦ୍ରରେ ପରୀକ୍ଷା ଦେବେ ପ୍ରାୟ । ଦିନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ୩ ଘଣ୍ଟିଆ ଥିଓରୀ ପରୀକ୍ଷା ହେବ। ସେହିପରି ଜାନୁଆରୀ ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ୧୮ ତାରିଖରେ ବିଜ୍ଞାନ ବିଭାଗର ଓଡ଼ିଆ ପରୀକ୍ଷା କରାଯିବ। ୧୯ରେ କଳା ଓ ବାଣିଜ୍ୟ ପିଲାଙ୍କ ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହେବ। କପି ରୋକିବାକୁ ସିସିଟିଭି କ୍ୟାମେରା ସହିତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି।ଚଳିତ ବର୍ଷ ପ୍ରଥମ ଥର ପାଇଁ ନନ୍ ପ୍ରାକ୍ଟିକାଲ ବିଷୟ ପାଇଁ ୨୦ ମାର୍କର ଇଣ୍ଟରନାଲ ଆସେସମେଣ୍ଟ ରଖାଯାଇଛି । ବିଭିନ୍ନ ➩ପୃଷ୍ଠା-୬

# ଥାନା ଆଗରେ ଡ୍ୟାନ୍‌ସିଂ କାର

## ନାଇଟ ଡ୍ୟୁଟି ଛାଡ଼ି ନଟି ୱାର୍କ

ଡ୍ୟାନ୍ସିଂ କାର କଥା ଶୁଣିଲେ ସମସ୍ତେ ଟିକିଏ ଆଗ୍ରହୀ ହେବା ସ୍ୱାଭାବିକ କଥା। ଗାଡିଟି ଚାଲିବା ସମୟରେ ସାଧାରଣତଃ ଦୋହଲେ। କିନ୍ତୁ ପାର୍କିଂ ଅବସ୍ଥାରେ ଗାଡି ଦୋହଲିବା ଘଟଣା ନିହାତି ପକ୍ଷରେ ଚର୍ଚ୍ଚାର ବିଷୟ। କାରଣ ପାର୍କିଂ ପ୍ଲେସ ହେଉଛି ଥାନା ସମ୍ମୁଖ। ପୁଣି ଆପଣଙ୍କୁ ଟିକେ ଅଡୁଆ ଲାଗୁଥାଇପାରେ। ଥାନା ସମ୍ମୁଖରେ ଏମିତି କିଏ ଗାଡି ରଖିଲା, ଯେଉଁ ଗାଡି ଦୋହଲିଲା ? ତାହା ପୁଣି ବିଳମ୍ବିତ ରାତିରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛନ୍ତି ଗାଡ଼ିରେ ବସିଥିବା ଲେଡି ଜଣଙ୍କ ଜଣେ ପୋଲିସ ସବ୍‌ଇନ୍ସପେକ୍ଟର। ହଁ ଆଜ୍ଞା। ଏ ଘଟଣା ରୀତିମତ ଘଟୁଛି ଖାରବେଳ ନଗର ଥାନା ସମ୍ମୁଖରେ। ଜଣେ ସବ୍‌ଇନ୍ସପେକ୍ଟର ମ୍ୟାଡାମଙ୍କ ନାଇଟ ଡ୍ୟୁଟି ଥିବା ବେଳେ ଏକ ମାରୁତି ସୁଜୁକି କମ୍ପାନୀର ଗାଡି ଥାନା ବାହାରେ ଲାଗୁଛି। ବାହାରେ ଲାଗିଥିବା ସିସିଟିଭିରେ ସମସ୍ତ ଦୃଶ୍ୟ କଏଦ ହେଉଥିଲେ ସୁଧା ବେଫିକର ଗାଡି ଭିତରକୁ ଯାଉଛନ୍ତି ଜଣେ ଲେଡି ସବ୍‌ଇନ୍ସପେକ୍ଟର। ଡିସିଓ ଡ୍ୟୁଟି ଛାଡି କଳା କାଚ ଗାଡ଼ିରେ ବସି ଯୁବକ ଜଣଙ୍କ ସହ ମିଠା ମିଠା ଗପ ସାଙ୍ଗକୁ ମଜା ମଜଲିସ କରୁଛନ୍ତି। ଭିତରେ ପିଜା ବର୍ଗର ବି ଖାଇଯାଉଛି। ଆଉ ତାପରେ ଆରମ୍ଭ ହୋଇଯାଉଛି ରାସଲୀଳା। ଥାନା କର୍ମଚାରୀ ବି ଏଭଳି ଦୃଶ୍ୟ ଦେଖି ତାଜୁବ। ହେଲେ କହିବେ କାହାକୁ ? ଆଇଆଇସି ଥରେ ଏ ଦେଖି ତାଗିଦ ମଧ୍ୟ କରିଥିଲେ। ହେଲେ ମ୍ୟାଡାମ୍ କୁଆଡେ ଜଣେ ଆଡିସିନାଲ ଡିସିପିଙ୍କ ଖାସ। ସେଥିପାଇଁ ସମସ୍ତେ ଚୁପ। ବଡଗଡ଼ ଥାନାରେ ଥିବାବେଳେ ବି ମ୍ୟାଡାମ୍ କୁଆଡେ ଏମିତି ମଉଜ କରୁଥିଲେ। ଆଉ ସେଠାରୁ ବଦଳି ହୋଇ ଖାରବେଳନଗର ଥାନାରେ ପୋଷ୍ଟିଂ ହେବା ପରେ ବି ଏଭଳି ଗାଡି ଦୋହଲା ଦେଖି ସାଧାରଣ ଲୋକଠୁ ଆରମ୍ଭ କରି ଖାକି ବାବୁ ଯାଏଁ ସଭିଏଁ ହାଲିଆ।





# ବରଗଡ଼ରୁ ଆରମ୍ଭ ହେଲା ଧାନ କିଣା

# ଆଜି ଚାଷୀଙ୍କ ପାଇଁ ଉତ୍ସବର ଦିନ

ବରଗଡ଼,୨୦।୧୧ (ସଂଚାର ବ୍ୟୁରୋ): ରାଜ୍ୟରେ ଖୋଲିଲା ଧାନ ମଣ୍ଡି। ବରଗଡ଼ରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଣ୍ଡି ଶୁଭାରମ୍ଭ କରିବା ପରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ବର୍ଷ ମୋହନ ମାଝୀ ସରକାର ଅମଳରେ କଟନୀ ଛଟନୀ ସମସ୍ୟା ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ କ୍ୱିଣ୍ଟାଲ ପ୍ରତି ଚାଷୀ ୩୧ ଶହ ଟଙ୍କା ପାଇବେ। ଏଥିସହ ଧାନର କଳାବଜାରୀ ରୋକିବାକୁ ସୀମା ସିଲ୍ କରାଯିବ।

ବରଗଡ଼ ସହର ଠାରୁ ପ୍ରାୟ ୧୦ କିମି ଦୂର କଳାପାଣି ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ଯୋଗାଣ ମନ୍ତ୍ରୀ । ବରଗଡ଼ ଅତାବିରା ସମେତ ସମୁଦାୟ ୩ଟି ସ୍ଥାନରେ ମନ୍ତ୍ରୀ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ବୁଧବାର ସମ୍ବଲପୁର ସମେତ ଅନ୍ୟ ଜିଲ୍ଲାରେ ମଣ୍ଡିରେ ଧାନ କ୍ରୟ ଶୁଭାରମ୍ଭ ହେବ। ମଣ୍ଡି ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଆଜିର ଦିନ ହେଉଛି ଚାଷୀଙ୍କ ପାଇଁ ଉତ୍ସବର ଦିନ । ବରଗଡ଼ ଜିଲ୍ଲା ହେଉଛି ଓଡ଼ିଶାର ଭାତ ହାଣ୍ଡି। ତେଣୁ ଏହିଠାରୁ ମଣ୍ଡି ଖୋଲିବାର ଶୁଭାରମ୍ଭ କରାଗଲା। ଆସନ୍ତା କାଲିଠୁ ଅନ୍ୟ ଜିଲ୍ଲାମାନଙ୍କରେ ମଣ୍ଡିରେ ଧାନ କିଣା ଆରମ୍ଭ ହେବ। ଆମ ସରକାର ଦେଇଥିବା କଥା ରଖିଲା। ସୀମା ସିଲ୍ କରାଯିବାର ବ୍ୟବସ୍ଥା କରାଯାଇଛି। ସୀମାରେ ସିସିଟିଭି ଲଗାଯାଇଛି। ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ➩ପୃଷ୍ଠା-୬



# ନିରାମୟ ୨୪ଘଣ୍ଟା ଖୋଲା

ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):୨୪ ଘଣ୍ଟା ନିରାମୟ ଔଷଧ କେନ୍ଦ୍ର ଖୋଲା ରଖିବାକୁ ନିର୍ଦ୍ଦେଶ। ନିର୍ଦ୍ଦେଶ ଦେଲେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଯେପରି ଏହାର ଖିଲାପ ନ ହେବ ସେଥିପାଇଁ ସ୍କ୍ୱାଡ୍ ଗଠନ ହୋଇଥିବା ନେଇ ସୂଚନା ଦେଲେ ମନ୍ତ୍ରୀ।ସେହିପରି ନିରାମୟ ଖୋଲା ନ ଥିଲେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି କୃଷ୍ଣଚନ୍ଦ୍ର ମହାପାତ୍ର। ଔଷଧ ନିଗମର ଔଷଧ ଠିକ୍ ସମୟରେ ପହଞ୍ଚୁଛି ନା ନାହିଁ ସମୀକ୍ଷା କରାଯାଇଛି। ଔଷଧ, ନାପକିନ୍ କିପରି ସ୍କୁଲ୍‌ରେ ପହଞ୍ଚିବ ତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।



## କାନ ଡେରିଥା

ବୋଇତ ବନ୍ଦାଣେ ପୁଞ୍ଜି
ଆଣିବାକୁ ସମ୍ପଦ ଯାଇଛି
ମୋହନ ସାଙ୍ଗରେ
ସିଙ୍ଗାପୁର ଉଡ଼ିଆସିଲା।
ବୋଇତ ବନ୍ଦାଣ
ଯହିଁ ପାଇଁ ହୁଏ
ଅସଲ ମହତ ରଖିଲା।

# ସିନ୍ଦେଙ୍କ ପାଇଁ ସରକାର ବଦନାମ

- ମୁଖ୍ୟମନ୍ତ୍ରୀଙ୍କୁ ଅପମାନ କଲେ
- ମାହାଙ୍ଗା ବିଧାୟକଙ୍କୁ ବେଖାତିର
- କରେଣ୍ଟ ଲାଗି ଛାତ୍ରର ମୃତ୍ୟୁ
- ଷ୍ଟେଜରେ ଅସୀମାଙ୍କୁ ଅପମାନ

ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ): ବାଲିଯାତ୍ରା ମହାବିଭ୍ରାଟ ପାଇଁ ବିଜେପି ସରକାର ବଦନାମ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରଳତାର ସୁଯୋଗ ନେଇ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ମନମୁଖୀ କାମ ସହ ଟେଣ୍ଡର ପ୍ରକ୍ରିୟାରେ ପ୍ରିୟାପ୍ରିତି କରିଛନ୍ତି। ଜିଲ୍ଲା ଅଧିକାରୀଙ୍କୁ ନାଲି ଆଖି ଦେଖାଇବା ସହ ତାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ବାଲିଯାତ୍ରା ଆୟୋଜନ ଏକ ଫ୍ଲପ ଶୋରେ ପରିଣତ ହୋଇଛି।

ଟେଣ୍ଡର ଅନିୟମିତତା ଠାରୁ ଆରମ୍ଭ କରି ମାହାଙ୍ଗା ବିଧାୟକଙ୍କୁ ଅଣଦେଖା କରି ଉଦଘାଟନୀ ଉତ୍ସବକୁ ଆମନ୍ତ୍ରଣ ନକରିବା, ଷ୍ଟେଜରେ ବିଶିଷ୍ଟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଅପମାନ ଏବଂ ସର୍ବୋପରି ବିଦ୍ୟୁତ କରେଣ୍ଟ ଲାଗି ଜଣେ ଛାତ୍ରର ମୃତ୍ୟୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟମୂଳକ ଫ୍ଲପ ଶୋକୁ ପ୍ରମାଣିତ କରିଛି। ପ୍ରଶାସନିକ କରିଡର ଠାରୁ ଆରମ୍ଭ କରି କଟକର ସାହି ମୁରବୀମାନେ ଏବେ ଖୋଲାଖୋଲି କହୁଛନ୍ତି ଯେ, ଜିଲ୍ଲାପାଳ ମହୋଦୟ ସନ୍ୟାସୀଙ୍କ ଏଜେଣ୍ଟ ସାଜିଛନ୍ତି ସରକାରଙ୍କୁ ବଦନାମ କରିବାକୁ।

କଟକ ବାଲିଯାତ୍ରା ବିଶ୍ୱପ୍ରସିଦ୍ଧ। ଏହି ଯାତ୍ରାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଏପରିକି ବିଦେଶରୁ ମଧ୍ୟ ଲୋକ ଆସିଥାନ୍ତି। ଗାଁ ଗହଳିର ଛୋଟମୋଟ ବ୍ୟବସାୟୀ ଓ ରାଜ୍ୟର ପ୍ରତିଷ୍ଠ ଶିଳ୍ପଦ୍ୟୋଗୀମାନେ ମଧ୍ୟ ନିଜର ପସରା ମେଲାଇଥାନ୍ତି। ଏହା ଏଭଳି ଏକ ମେଳା ଯାହା ଉତ୍ସବ ସହ ବ୍ୟବସାୟର ସୁଯୋଗ ସୃଷ୍ଟି କରେ। ଓଡ଼ିଶା ପରମ୍ପରା ସହ ଜଡିତ ଏହି ପରମ୍ପରାକୁ ରାଜ୍ୟ ସରକାର ଜାତୀୟ ଉତ୍ସବର ମାନ୍ୟତା ଦେବାକୁ ମଧ୍ୟ ପ୍ରସ୍ତୁତି କରୁଛନ୍ତି। ହେଲେ ଜିଲ୍ଲାପାଳଙ୍କ ଯୋଗୁଁ ସରକାର କେବଳ ବଦନାମ ହେଉନାହାଁନ୍ତି ଆଗାମୀ ଦିନରେ ଯାତ୍ରୀଙ୍କ ଆଗମନକୁ ମଧ୍ୟ ଏହା ପ୍ରଭାବିତ କରିବାର ଆଶଙ୍କା ରହିଛି।



କେବଳ ସେତିକି ନୁହେଁ, ବାଲିଯାତ୍ରାର ମୋଟରସାଇକେଲ ଷ୍ଟାଣ୍ଡରୁ ମଧ୍ୟ ଚୋରୀ ଅଭିଯୋଗ ଆସିଛି। ଷ୍ଟାଣ୍ଡରେ ଦୁଇଚକିଆ ଯାନ ରଖି ଟିକେଟ ନେବା ପରେ ମଧ୍ୟ ଯଦି ବାଇକ ଚୋରୀ ହେଉଛି, ଲୋକେ କାହାକୁ ବିଶ୍ୱାସ କରିବେ। ଏଭଳି ଘଟଣା ଲୋକେ ବାଲିଯାତ୍ରାକୁ ଯିବାକୁ ମଧ୍ୟ ଧିରେ ଧିରେ ଭୟ କଲେଣି। କେବଳ ସେତିକି ନୁହେଁ, ଏହି ଯାତ୍ରା ପାଇଁ ଯେଉଁ ଟ୍ରାଫିକ କଟକଣା କରାଯାଇଛି ସେଥିରେ ମଧ୍ୟ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱର ପଟୁ ଯାଉଥିବା ଲୋକଙ୍କୁ ପ୍ରାୟ ୫ କିଲୋମିଟର ଚାଲିବାକୁ ପଡୁଛି। ପୂର୍ବ ବର୍ଷ ଗୁଡିକରେ ଏଭଳି ପରିଚାଳନାଗତ ବିଭ୍ରାଟ ଦେଖିବାକୁ ମିଳୁନଥିଲା। ଏବର୍ଷର ଆୟୋଜନକୁ ନେଇ କଟକିଆମାନେ ବି ଛିଛି କଲେଣି।

SANCHAR ସଂଚାର

# ଷଷ୍ଠ ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ



**କେନ୍ଦ୍ରାପଡ଼ା,୨୦।୧୧(ସଂଚାର ବ୍ୟୁରୋ):** ଷଷ୍ଠ ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ ବୁଧବାର କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାରମ୍ଭରେ ଗଣାଧ୍ୟମରେ ଜିଲ୍ଲାପାଳଙ୍କ ମନ୍ତବ୍ୟକୁ ପ୍ରତିବାଦ କରି ୨୭ନମ୍ବର ଜିଲ୍ଲା ପରିଷଦ ଜୋନର ସଭ୍ୟା ପ୍ରବୀଣା ଦାସ ପ୍ରଶ୍ନ ଉଠାଇଥିବା ବେଳେ ଅନ୍ୟ ସଦସ୍ୟ/ସଦସ୍ୟା ଓ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ଜିଲ୍ଲାପାଳଙ୍କ ଗଣମାଧ୍ୟମରେ ଏଭଳି ମନ୍ତବ୍ୟକୁ ନାପସନ୍ଦ କରିଥିଲେ । ଏହାପରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ତାଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଥିବାର ସ୍ପଷ୍ଟିକରଣ ଦେଇ ସେଥିନିମନ୍ତେ ଦୁଃଖ ପ୍ରକାଶ କରିଥିଲେ । ଅନ୍ୟଜଣେ ଜିଲ୍ଲା ପରିଷଦ ସଦସ୍ୟ ଆଜି ସଂସ୍କୃତି ଭବନରେ ହେବାକୁ ଥିବା ସମବାୟ ବିଭାଗର ଉତ୍ସବ ପାଇଁ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଜିଲ୍ଲାର ବିଧାୟକମାନଙ୍କ ନାମ ପ୍ରୋଟୋକଲ ଅନୁଯାୟୀ ରଖାଯାଇନଥିବାରୁ ଏବଂ ବିଭିନ୍ନ ଗଣମାଧ୍ୟମରେ ଏସମ୍ପର୍କିତ ଖବର ପ୍ରକାଶ ପାଇଥିବା ନେଇ ପ୍ରଶ୍ନ କରିଥିଲେ । ଆଳି ବିଧାୟକ ପ୍ରତାପକେଶରୀ ଦେବ ମଧ୍ୟ ଏଭଳି ଥରେ ନୁହେଁ ବାରମ୍ବାର କରାଯାଉଥିବାରୁ ତା'ର ନିନ୍ଦା କରିଥିଲେ । କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ୍ୟ ଏଭଳି ଘଟଣାର ଦୃଢ଼ ନିନ୍ଦା କରିଥିଲେ । ଏହାକୁ ନେଇ ଗୃହରେ ହୋହାଲ୍ଲା ସୃଷ୍ଟି ହୋଇଥିଲା । ଜିଲ୍ଲାପାଳ ଭବିଷ୍ୟତରେ ଏଭଳି ଆଉ ହେବ ନାହିଁ ବୋଲି କହିବା ପରେ କହିବା ପରେ ଗୃହ ଥମ୍ ପଡିଥିଲା । ଜିଲ୍ଲାପାଳ ଗୃହରେ ଦାନା ବାତ୍ୟାରେ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସରକାରଙ୍କୁ ପଠାଯାଇଥିବା ରିପୋର୍ଟ ଉପସ୍ଥାପନା କରିବା ସହ ଜିଲ୍ଲାକୁ ମିଳିଥିବା ଘରଭଙ୍ଗା ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ନିଲୁ ମହାପାତ୍ର ସୂଚନା ଦେଇଥିଲେ ଯେ ଆଜି ପଞ୍ଚାୟତିରାଜ ବିଭାଗରୁ ଆସିଥିବା ପତ୍ର ଅନୁଯାୟୀ ବାତ୍ୟାପ୍ରଭାବିତ ଅଞ୍ଚଳର ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ୭କୋଟି ୪ଲକ୍ଷ ଟଙ୍କା, ଅଙ୍ଗନୱାଡିକେନ୍ଦ୍ର ଗୃହ ନିର୍ମାଣ ଓ ମରାମତି ପାଇଁ ୩କୋଟି ୬୬ଲକ୍ଷ ଟଙ୍କା ଏବଂ ରାସ୍ତା ପୁନଃନିର୍ମାଣ ପାଇଁ ୨୦କୋଟି ଟଙ୍କା ଜିଲ୍ଲାକୁ ମଞ୍ଜୁରି ମିଳିଛି । ଏହାପରେ ଯୋଗାଣ ବିଭାଗର ରାସନକାର୍ଡ ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ୮୨ପ୍ରତିଶତ ଅର୍ଥାତ ରାସନକାର୍ଡ ଥିବା ୨ଲକ୍ଷ ୧୨ହଜାର ହିତାଧିକାରୀଙ୍କ ଇ.କେୱାଇସି ସମ୍ପନ୍ନ କରାଯାଇଥିବା ସିଏସଓ ତଥ୍ୟ ପ୍ରଦାନ କରିଥିଲେ । ସମସ୍ତ ରାସନ କାର୍ଡଧାରୀମାନଙ୍କ ଇ-କେୱାଇସି କାର୍ଯ୍ୟ ଶେଷ ହେବା ପରେ ନୂତନ ଆବେଦନ ଗୁଡିକ ସମ୍ପର୍କରେ ବିଚାର କରାଯିବ । ବିଭାଗ ପକ୍ଷରୁ ନୂତନ ଡିଲର ନିଯୁକ୍ତି କରାଗଲେ ସ୍ୱୟଂ ସହାୟିକା ଗୋଷ୍ଠି, ସମବାୟ ସଂସ୍ଥା ଓ ପଞ୍ଚାୟତରାଜ ଅନୁଷ୍ଠାନକୁ ଏଥିପାଇଁ ଲାଇସେନ୍ସ ପ୍ରଦାନ କରାଯାଇପାରିବ ଆଉ ବ୍ୟକ୍ତିଗତ ଲୋକଙ୍କୁ ଏଥିନିମନ୍ତେ ଲାଇସେନ୍ସ ଦିଆଯାଇପାରିବ ନାହିଁ ବୋଲି ସିଏସଓ କହିଥିଲେ । ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମୀରଞ୍ଜନ ରାଉତ ୫୩ନମ୍ବର ଜାତୀୟ ରାଜପଥ ୮ଲେନ ବିଶିଷ୍ଟ କରାଯାଉଥିବା ବେଳେ ସେହି ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ନାଳକୁ ପୋତି ଦିଆଯାଉଥିବାରୁ ଜଳ ନିଷ୍କାସନ ହୋଇପାରିବ ନାହିଁ । ଫଳରେ ଉଭୟ ପାଶ୍ୱର୍ରେ ଥିବା ୨ଶହ ଏକର ଜମି ଚଳିତ ବର୍ଷ ଚାଷ କରାନଯାଇ ପଡିଆ ରହିଥିବା କହିବା ସହ ଏଥିନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଥିଲେ । ଏସମ୍ପର୍କରେ ସମସ୍ତ ବିଧାୟକ ମତାମତ ପ୍ରଦାନ କରିବା ପରେ ଜିଲ୍ଲାପାଳ ଜାତୀୟ ରାଜପଥର ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ଏନେଇ ଏକ ବୈଠକ ଡକାଇବାକୁ ଡ୍ରେନେଜ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷାଙ୍କୁ ଅବଜ୍ଞା କରି ପକଳ୍ପ ଜିଲ୍ଲାପାଳଙ୍କୁ ପଠାଇଥିବାରୁ ତାହା ଅତ୍ୟନ୍ତ କ୍ଷୋଭର ବିଷୟ ଏବଂ ଏଭଳି କାର୍ଯ୍ୟକୁ ଭବିଷ୍ୟତରେ ଆଉ ବରଦାସ୍ତ କରାଯିବନି ବୋଲି କହିଥିଲେ । ଗୋବରୀ ନଦୀ ସମେତ ଅନ୍ୟାନ୍ୟ ନଦୀ, କେନାଲ ଓ ନାଳ ଗୁଡିକରୁ ଦଳ ସଫା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସିଡିଓ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ଗୁଡିକର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଯନ୍ତ୍ରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମର୍ମନ୍ତୁକ ସଡ଼କ ଦୁର୍ଘଟଣା

# ମଉସା ମୃତ, ଝିଆରୀ ପୁତୁରା ଗୁରୁତର

● ପ୍ରତିବାଦରେ ଜାତୀୟ ରାଜପଥ ୨ ଘଣ୍ଟା ବନ୍ଦ





**କେନ୍ଦ୍ରାପଡ଼ା,୨୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ୫୩ ନମ୍ବର୍ ଜାତୀୟ ରାଜପଥ ଗୋପ ଛକ ଠାରେ ବୁଧବାର ଅପରାହ୍ନ ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏକ ବାଇକକୁ ଦ୍ରୁତଗାମୀ ଟ୍ରକ ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ମଉସାର ମୃତ୍ୟୁ ଘଟିଛି । ମୃତ ବାଇକ୍ ଚାଳକ ସ୍ଥାନୀୟ ଦୁତିଆଳ ଗାଁର ସନ୍ତୋଷ ସେନାପତି ବୋଲି ଜଣାପଡିଛି। ବାଇକରେ ବସିଥିବା ସନ୍ତୋଷଙ୍କ ପୁତୁରା ଓ ଜଣେ ସମ୍ପର୍କୀୟ ଝିଅ (ଝିଆରୀ) ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ପରେ କଟକ ସ୍ଥାନାନ୍ତର କରାଯାଇଛି । ଏହି ୩ ଜଣ ଗୋପଛକରୁ ଦୁତିଆଳ ଘରକୁ ଫେରୁଥିବା ବେଳେ ପାରାଦୀପ ପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ବାଇକ୍ କୁ ପଛରୁ ଧକ୍କା ଦେଇ ପ୍ରାୟ ଶହେ ମିଟର ଘୋଷାରି ନେଇଥିଲା । ଲୋକେ ଟ୍ରକ୍ ଡ୍ରାଇଭରକୁ କାବୁ କରି ନିସ୍ତୁକ ମାଡ ମାରିଥିଲେ । ପୋଲିସ ପହଞ୍ଚି ଡ୍ରାଇଭରକୁ ଉଦ୍ଧାର କରିଥିଲା । ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକେ ଗୋପଛକରେ ଟାୟାର ଜାଳି ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ମୃତ ସନ୍ତୋଷ ଗୋପଛକରେ ଏକ ଚା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଜଣାପଡ଼ିଛି । ଜାତୀୟ ରାଜପଥ ପ୍ରଶସ୍ତିକରଣ ନାଁରେ ବିଭିନ୍ନ ସ୍ଥାନରେ ରାସ୍ତା ବନ୍ଦ କରିବା ଆଉ ଭୂଲ ସ୍ଥାନଗୁଡିକରେ ଡିଭାଇଡର ଖୋଲିବା ଯୋଗୁଁ ଏହିଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ମେସିନ ହରାଇ ହରଡ଼ଘଣାରେ ଡିଲର ବାବୁ

● ଲୋକେ ପାଇନାହାନ୍ତି ରାସନ୍ ଚାଉଳ

● ଯୋଗାଣ ବିଭାଗ ସବୁ ଜାଣି ଚୁପ୍

**ମହାକାଳପଡ଼ା,୨୦।୧୧(ସଂଚାର ବ୍ୟୁରୋ):** ଜଣେ ଡିଲର ବାବୁଙ୍କ ଗାଲୁଆମି ପାଇଁ ଲୋକେ ଏବେ ହନ୍ତସନ୍ତ। ମାସ ଶେଷ ହେବାକୁ ବସିଲାଣି ହେଲେ ରାସନ୍ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି। କାହିଁକି ନା ଡିଲର ବାବୁଙ୍କ ମେସିନ ଏବେ ଅନ୍ୟ ପାଖରେ ବନ୍ଧା ପଡିଛି। ସୂଚନା ମୁତାବକ ରାଜ୍ୟ ସରକାର ରାସନ୍ କାର୍ଡ ହିତାଧିକାରୀ ଙ୍କ ଇ-କେୱାଇସି କରିବା ବାଧ୍ୟତାମୂଳକ କରିବା ପରେ ଲୋକମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ହଟଚମଟ। ନିଜର ଇ-କେୱାଇସି ପାଇଁ ଡିଲର ମାନଙ୍କ ପାଖରେ ଗହଳି ଲଗାଇଥିଲେ। ଅନ୍ୟପକ୍ଷରେ ବାହାର ରାଜ୍ୟରେ କାମ କରୁଥିବା ରାସନ୍ କାର୍ଡ ହିତାଧିକାରୀ ଙ୍କ ମଧ୍ୟରେ ଭାଳେଣୀ ପଡିଥିଲା। ଇ-କେୱାଇସି ନକଲେ ରାସନ୍ କାର୍ଡ ରୁ ନାମ କଟିଯିବା ଶୁଣିବା ପରେ ବ୍ୟସ୍ତ ହୋଇପଡ଼ିଥିଲେ। ଏହି ସୁଯୋଗରେ ମୋଟା ଅଙ୍କର ଅର୍ଥ ଆଦାୟ ନିମନ୍ତେ ସ୍ଥାନୀୟ ଖାଉଟି ଡିଲରମାନେ ସେମାନଙ୍କ ମେସିନ ଧରି ବାହାର ରାଜ୍ୟକୁ ଯାଇଥିଲେ। ମହାକାଳପଡ଼ା ବ୍ଲକ ବାଲିସୁଆଁ ଅଞ୍ଚଳର ଜଣେ ଡିଲର ତାଙ୍କର ଜଗତସିଂହପୁର ଜିଲ୍ଲାର ଜଣେ ସହଯୋଗୀଙ୍କୁ ଧରି ବାହାର ରାଜ୍ୟକୁ ଯାଇଥିଲେ ଇ-କେୱାଇସି ପାଇଁ। ସେଠାରେ ପ୍ରତି ହିତାଧିକାରୀ ପିଛା ୧୦୦୦ ରୁ ଅଧିକ ଟଙ୍କା ସଂଗ୍ରହ କରିଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଅଭିଯୋଗ ହେବାରୁ ସ୍ଥାନୀୟ ପୋଲିସ ସମ୍ପୃକ୍ତ ଡିଲରଙ୍କୁ ଅଟକାଇବା ସହିତ ମୋଟା ଅଙ୍କର ଅର୍ଥ ନେଇ ଛାଡିଥିଲା। ଟଙ୍କା ପାଇବାର ଲାଳସା ବାବୁଙ୍କୁ ଏମିତି ଘାରିଥିଲା ଯେ ପରବର୍ତ୍ତୀ ସମୟରେ ଡିଲର ମହାଶୟ ତାଙ୍କର ସହଯୋଗୀଙ୍କୁ ନନେଇ ଏକା ମେସିନ ଧରି ପଳାଇଥିଲେ। ପୂର୍ବଭଳି ସମାନ ଢ଼ଙ୍ଗରେ ଲୋକଙ୍କ ଇ-କେୱାଇସି କରି ଅର୍ଥ ଆଦାୟ କରିବା ଜାରି ରଖିଲେ। କେତେଜଣ ବ୍ୟକ୍ତି ଡିଲରଙ୍କୁ ଉଚିତ ଶିକ୍ଷାଦେବା ପାଇଁ ଯୋଜନା କରି ତାଙ୍କର ମେସିନକୁ ଜବତ କରି ବାବୁଙ୍କୁ ତଡ଼ି ଦେଇଥିବା ସୂଚନା ମିଳିଛି। ଯେଉଁଥିପାଇଁ ବାବୁ ଏବଂ ଲୋକଙ୍କ ରାସନ୍ ଚାଉଳ ବାଣ୍ଟି ପାରୁନାହାନ୍ତି। ସେପଟେ ଚାଉଳ ନପାଇ ଲୋକେ ମଧ୍ୟ ବ୍ୟସ୍ତ ହେବାରୁ ବାବୁଙ୍କ ନିଦ ହଜି ଯାଇଛି। ଡିଲର ଜଣଙ୍କ ଉପାୟ ନପାଇ ମେସିନ୍ ଚୋରି ହୋଇଯାଇଥିବା ଲୋକଙ୍କୁ ମିଛକହି ବର୍ତ୍ତିବାକୁ ଚେଷ୍ଟା କରିଥିବା ବେଳେ ଯୋଗାଣ ବିଭାଗ ସବୁ ଜାଣି ମଧ୍ୟ ଚୁପ୍ ରହିଥିବା ଜାଣିବାକୁ ମିଳିଛି ।

# ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀ ହନୁମାନଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ରାଜନଗର,୨୦।୧୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଧାନଦିଆ ଗ୍ରାମରେ ପବିତ୍ର ମହାକାର୍ତ୍ତିକ ପୂଜା ଅବସରରେ ୭ଦିନ ବ୍ୟାପି ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟା ଦେବୀ ମା' ଧନେଶ୍ୱରୀଙ୍କ ମନ୍ଦିର ପରିସରରେ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ, ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା ସହିତ ଶ୍ରୀ ଧବଳେଶ୍ୱର ପୀଠରେ ୭ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସହିତ ଶ୍ରୀ ଶ୍ରୀ ହନୁମାନଜୀଉଙ୍କ ନଲ୍ଲଛନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହାଇଯାଇଛି। ଏହି ଧାର୍ମିକ ଉତ୍ସବର ପ୍ରତ୍ୟେକ ସଂଧ୍ୟାରେ ବାଦିବାଲା, ଲୋକକଳା ପ୍ରଦର୍ଶନୀ ଓ ସ୍ଥାନୟ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମା'ଧନେଶ୍ୱର ଯୁବକ ସଂଘ, ଧଭଳେଶ୍ୱର ପୂଜା କମିଟି, କାର୍ତ୍ତିକେଶ୍ୟର ପୂଜା କମିଟି ଓ ହନୁମାନଜୀଉ ପୂଜା କମିଟିର ସଦସ୍ୟ ଦୁଃଖଶାସନ ରାଉତ, କୈଳାସ ଚନ୍ଦ୍ର ପରିଡ଼ା, କିଶୋର କୁମାର ପା୍ର ଫକୀର ଚରଣ ପରିଡ଼ା, ସରୋଜ କୁମାର ପରିପା, ତ୍ରିଲଚନ ପରିଡ଼ା, ବିକ୍ରମାଦିତ୍ୟ ପରିଡ଼ା, ଅଞ୍ଜନ କୁମାର ପରିଡ଼ା, ପରିକ୍ଷୀତ ପରିଡ଼ା, ପ୍ରଭଞ୍ଜନ ବିଶ୍ୱାଳ, ସୁଶିଲ କୁମାର ପରିଡ଼ା ପ୍ରମୁଖ ପରିଚାଳନା କରିଥିବା ବେଳେ ବ୍ରାମାବାସୀମାନେ ସହଯୋଗ କରିଥିଲେ।

# ଶିକ୍ଷାବିତ୍‌ଙ୍କ ବିୟୋଗରେ ସ୍ମୃତିସଭା



**ରାଜନଗର,୨୦।୧୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ଗୁଲୁଦିଆ ଗ୍ରାମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଦୁଃଶାସନ ନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବିଜୟ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିସଭାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କୃପାସିନ୍ଧୁ ସାମଲ, ଉପେନ୍ଦ୍ର ନାଥ ସ୍ୱାଇଁ, ଦାଶରଥି ଲେଙ୍କା, ନିରଞ୍ଜନ ଶତପଥି, ରମାକାନ୍ତ ମହାପାତ୍ର, ରବୀନ୍ଦ୍ର କୁମାର ମହାନ୍ତି, ବିପ୍ର ଚରଣ ବେହେରା, ବିଜୟ କୁମାର ବେହେରା, ହଳଧର ଦାସ, ଗୋପବନ୍ଧୁ ପ୍ରଧାନ, ଅକ୍ଷୟ କୁମାର ନାୟକ, ଅଶୋକ କୁମାର ମହାନ୍ତି, ତ୍ରୈଲୋଚନ ସାହୁ, ମଧୁସୂଦନ ସାହୁ, ମହେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସେ ଜଣେ ଆଦର୍ଶ ଶିକ୍ଷକ ଭାବରେ ବେଶ ସୁନାମ ଅର୍ଜନ କରିଥିଲେ ମତବ୍ୟକ୍ତ କରିଥିଲେ।

# ନପଙ୍ଗରେ ବଳଦେବଜୀଉ ଉତ୍ସବ

**ପଟ୍ଟାମୁଣ୍ଡାଇ,୨୦।୧୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡମୂଳବସନ୍ତ ପଞ୍ଚାୟତ ନପଙ୍ଗ ଠାରେ ବଳଦେବଜୀଉ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ପ୍ରବଚକ ପଣ୍ଡିତ ହୃଷିକେଶ ରଥ ଉଦଘାଟନ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି,ଯୋଗଦେଇଥିଲେ। ଗାଳ୍ପିକ ଡ଼ ନୀଳମଣି ଲେଙ୍କା ମୁଖ୍ୟ ବକ୍ତା , ପଣ୍ଡିତ ତ୍ରିଲୋକ୍ୟ ପ୍ରସାଦ ମିଶ୍ର ସରପଞ୍ଚ ସନ୍ତୋଷ ସେଠୀ,ଜିଲ୍ଲା ସଂସ୍କୃତି ଅଧିକାରୀ ଅଧ୍ୟାପକ ଡ. ହିମାଂଶୁ ଭୂଷଣ ପରିଡା, ସମାଜ ସେୱୀ ଶ୍ରୀକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେୟାର ସମ୍ପାଦକ କିଶୋର ସ୍ୱାଇଁ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଏଇ ଅବସରରେ ବିଶିଷ୍ଟ ସମାଜସେବୀ ଶ୍ରୀକାନ୍ତ ନାୟକ, ସମାଜବିଜ୍ଞାନୀ ଡ ହିମାଂଶୁ ଶେଖର ପରିଡା, ସଙ୍ଗୀତଜ୍ଞ ବିମଳ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ୧୦ଟି ମହିଳା ଏସ ଏସ ଜି ୮ ଶିଶୁ କଳାକାର ୫ଜଣ କୃଷକଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାରଥିଲା। ଭାବଗ୍ରାହୀ କଳା ନିକେତନ କଳାକାରମାନେ ବିଭିନ୍ନ ନାଚ ଗୀତ ପରିବେଷଣ କରିଥିଲେ । ଶେଷରେ ସେୟାର ସଭାପତି ବାବୁରାମ ନାୟକ ଧନ୍ୟବାଦ ଦେଇଥିଲେ।

# ରାଜନଗର ବ୍ଲକ ବିଜେଡି ସାଧାରଣ ସମ୍ପାଦକଙ୍କ ଅକାଳ ବିୟୋଗ



**ରାଜନଗର,୨୦।୧୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ, ଭାଟପଡ଼ା ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ତଥା ବରିଷ୍ଠ ବିଜେଡି ନେତା ନରହରି ଜେନାଙ୍କର ଗତକାଲି ରାତିରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା। ସେ ଛାତ୍ର ଜୀବନରୁ ରାଜନୀତିକୁ ଆସି ବିଭିନ୍ନ ପଦପଦବୀରେ ରହିବା ସହ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି କାମ କରି ଆସୁଥିଲେ। ଜଣେ ଦୃଢ଼ ସଂଗଠକ, ଟାଣୁଆ ନେତା ଭାବେ ରାଜନଗର ବ୍ଲକରେ ପରିଚିତ ଥିଲେ। ଆଜି ଭୋରରୁ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାନବଡଗୋପାଳପୁର ପଞ୍ଚାୟତର କୁଶାଇଲୋ ବାସଭବନରେ ଶହ ଶହ ଲୋକଙ୍କ ଭିଡ ଜମିଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ବାସଭବନରେ ପହଁଚି ତାଙ୍କ ଶେଷ ଦର୍ଶନ କରିବା ସହିତ ତାଙ୍କ ମରି ଶରୀରକୁ କାନ୍ଧରେ ନେଇଥିଲେ। ନରହରିଙ୍କ ବିୟୋଗ ବିଜୁ ଜନତା ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି କହିବା ସହିତ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମର ଶରୀରକୁ ସାନବଗଡ଼ଗୋପାଳପୁର ପଞ୍ଚାୟତର କୁଶାଇଲେ, ଭାଟପଡ଼ା, ନୁରୁଗାଁ, ଗୋପାଳପୁର, ଗର୍ଜନପୁର, ଗୋସିଗାଁ, ଜଗନ୍ନାଥପୁର, ବଡଓଲରା, ସାନଓଲରା ପ୍ରଭୃତି ଗାଁ ପରିକ୍ରମା କରିବା ସହିତ ରାଜନଗର ବଜାର ଦେଇ ରାଜନଗରସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପହଁଚିଥିଲା। ସେଠାରେ ରାଜନଗର ବିଧାୟକ ତାଙ୍କ ମରଶରୀର ଉପରେ ବିଜୁ ଜନତା ଦଳର ଦଳୀୟ ପତାକା ଅନାବରଣ କରିଥିଲେ। ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ଲକ୍ଷ୍ମୀଧର ବାରିକ, ରମେଶ ଚନ୍ଦ୍ର ବେହେରା, ରାଜେଶ କୁମାର ପଣ୍ଡା, ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର ମହାନ୍ତି, ଚିତ ରଞ୍ଜନ ପଣ୍ଡା, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ରବିନ ମଲିକ, ବରିଷ୍ଠ ନେତା ଅରୁଣ କୁମାର ସାହୁ, ବିଜୟ କୁମାର ନାୟକ, ଦିଲ୍ଲୀପ କୁମାର ପାତ୍ର, ପ୍ରମୋଦ କୁମାର ପ୍ରଧାନ, ଶ୍ରୀକାନ୍ତ କୁମାର ପ୍ରଧାନ, ଅରୁଣ କୁମାର ପାତ୍ର, ରମଣୀ ରଞ୍ଜନ ମହାପାତ୍ର, ବାଇଧର ସେଠୀ, ନାରାୟଣ ଦାସ, ତ୍ରିଲୋଚନ ସାହୁ, ବିଚିତ୍ର କୁମାର ମଲ୍ଲିକ, ସର୍ବେଶ୍ୱର ମହାନ୍ତି, ଜୟୀରାମ ରାଉତ, ପ୍ରଭାତ କୁମର ପ୍ରଧାନ, ଶରତ କୁମାର ସ୍ୱାଇଁ, ପ୍ରଦୀପ ବେହେରା, ରଞ୍ଜନ କୁମାର ଜେନା, ପ୍ରଦୀପ କୁମାର ଲେଙ୍କା, ମହିଳା ବିଜେଡି ସଭାନେତ୍ରୀ ରଶ୍ମିରଞ୍ଜିତା ସ୍ୱାଇଁ, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲିକ, ଯୁବନେତା ସରୋଜ କୁମାର ରାଉତ, ବିଜ୍ଞାନ ରଞ୍ଜନ ଜେନା, ରାକେଶ କୁମାର ନାୟକ, ଗୁରୁ ଚରଣ ବଳ, ସମୀର କୁମାର ଜେନା, ପ୍ରଶାନ୍ତ କୁମାର ଜେନା, ସୁବାଷ ଚନ୍ଦ୍ର ଜେନା, ଆଲୋକ ରାଉତ, କ୍ଷୀରୋଦ କୁମାର ରାଉତ, ଦୀପକ ପଲାଇ, ଅଧ୍ୟାପିକା ଭଗବତୀ ନାୟକ, ରଞ୍ଜନ କୁମାର ପାଢ଼ୀ ତାଙ୍କର ଶେଷ ଦର୍ଶନ କରିବା ସହିତ ଗହଭୀର ଶୋକବ୍ୟକ୍ତ କରିଛନ୍ତି। ଗାଁ ଶ୍ମଶାନ ରେ ଶୋକାକୂଳ ପରିବେଶ ଭିତରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବରିଷ୍ଠ ବିଜେଡି ନେତା କୃତିବାସ ପାତ୍ର, ରାଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଅଶୋକ କୁମାର ପ୍ରତିହାରୀ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ସଂସ୍କୃତି ଭବନ ପରିସରରେ ୭୧ ତମ ସମବାୟ ସପ୍ତାହ



**କେନ୍ଦ୍ରାପଡା,୨୦।୧୧(ସଂଚାର ବ୍ୟୁରୋ):** ସଂସ୍କୃତି ଭବନ ପରିସରରେ କେନ୍ଦ୍ରାପଡା ଜିଲ୍ଲା ସମବାୟ ପରିବାର ପକ୍ଷରୁ ୭୧ ତମ ସର୍ବ ଭାରତୀୟ ସମବାୟ ସପ୍ତାହ ମହା ଆଡମ୍ବର ପୂର୍ଣ୍ଣ ସହକାରେ ପାଳନ କରାଯାଇଛି । ଏହି ଉଦଯାପନୀ ଉତ୍ସବ ସଂନ୍ଧ୍ୟାରେ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥୀ ଭାବେ ମହାକାଳପଡା ବିଧାୟକ ଦୂର୍ଗା ପ୍ରସନ ନାୟକ, ମୂଖ୍ୟ ବକ୍ତାଭାବେ ଜିଲ୍ଲା ଏ. ଆର୍.ଏସ୍.ଏସ୍, ସୁଶାନ୍ତ କୁମାର ଦାସ, ସମ୍ମାନୀୟ ଅତିଥୀଭାବେ ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଗିତାଞ୍ଜଳୀ ସେଠୀ, ବରିଷ୍ଠ ସମବାୟ ବିତ୍ ପ୍ରମୋଦ କୁମାର ସାହୁ, କଟକ ସମବାୟ ସମିତିର ସି.ଇ.ଓ ଅନନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ । ମଞ୍ଚାସିନ ଅତିଥୀ ମାନେ ପ୍ରଥମେ କେନ୍ଦ୍ରାପଡାର ଆରାଧ୍ୟ ଦେବତା ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଶୁଭାଆରମ୍ଭ କରିଥିଲେ । କେନ୍ଦ୍ରାପଡାର ଅଗ୍ରଣୀ ସଂଗୀତ ଓ ନୃର୍ତ୍ୟ ଭିର୍ତ୍ତିକ ଅନୁଷ୍ଠାନ ତଥା ରେଡିଓ ଭାବଗ୍ରାହୀର ପ୍ରାଣ ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା ମଞ୍ଚ ପରିଚାଳନା କରିଥିବା ବେଳେ । ବାରୋ ଭାବଗ୍ରାହୀ କଳା ନିକେତନର ପିଲା ମାନଙ୍କ ଦ୍ୱାରା ମନୋରଂଜନ ଭିର୍ତ୍ତିକ ନୃତ୍ୟ, ଗୀତ ଓ ସଂଗୀତ ପରିବେଷଣ କରା ଯାଇଥିଲା । ମନ୍ଚାସୀନ ଅତିଥୀ ମାନେ ଆଗାମୀ ଦିନରେ କିଭଳି ବିଭିନ୍ନ ସମବାୟ ସଂସ୍ଥା କିପରି ଆଗକୁ ବଢି ପାରିବ, କିପରି ସମବାୟ ସମିତିର ଉନ୍ନର୍ତି ହୋଇ ପାରିବ ଏବଂ ସମବାୟ ସମ୍ବନ୍ଧୀୟ ଅନ୍ୟାନ୍ୟ ବିଭିନ୍ନ ମନ୍ତବ୍ୟ ମାନ ନିଜ ନିଜ ବକ୍ତବ୍ୟରେ ପ୍ରଦାନ କରିଥିଲେ । ଜିଲ୍ଲା ସମବାୟ ସମିତି ଦ୍ୱାରା ସପ୍ତାହ ଧରି ବିଭିନ୍ନ ପ୍ରତି ଯୋଗୀତାରେ କୃତ କାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ୧ମ, ୨ୟ, ଓ ୩ୟ ପୁରସ୍କାର ସ୍ୱରୂପ ଅର୍ଥ ରାଶି ପୁରସ୍କାର ସହିତ ସମବାୟ କୃତି ପ୍ରମାଣପତ୍ର ମଧ୍ୟ ଅତିଥୀ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ଉତ୍ସାହିତ କରିଥିଲେ । ମଞ୍ଚ ସମ୍ମୁଖରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାରୁ ଆସିଥିବା ଶତାଧିକ ସମବାୟବିତ୍ ଓ କର୍ମଚାରୀ ଏବଂ କୃତି ପ୍ରତିଯୋଗୀ ମାନଙ୍କ ସମେତ ସେମାନଙ୍କ ସହିତ ଆସିଥିବା ଅଭି ଭାବକମାନେ ମଧ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉକ୍ତ ଆଲୋଚନା ଚକ୍ରକୁ ମନଭରି ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା ।

# ଲାୟନ୍ସ କ୍ଲବ୍ ପକ୍ଷରୁ ରିଲିଫ ବଣ୍ଟନ



**କେନ୍ଦ୍ରାପଡ଼ା,୨୦।୧୧(ସଂଚାର ବ୍ୟୁରୋ):** ଚାଲିଯାଇଛି ବାତ୍ୟା ଦାନା କିନ୍ତୁ ଛାଡ଼ି ଯାଇଛି କିଛି ଅନେକ ଦୁଃଖଦ ସ୍ମୃତି, ଯାହାକି ଦିର୍ଘ ଏକ ମାସ ପରେ ମଧ୍ୟ ବିଭୀଷିକା ରୂପ ଦେଖିବାକୁ ମିଳୁଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଡ଼ାଙ୍ଗମାଳ ଅଞ୍ଚଳରେ। ଅନ୍ତର୍ଜାତୀୟ ଲାୟନ୍ସ କ୍ଲବ୍ର ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଦୀପକ୍ କୁମାର ଚୌଧୁରୀ ଙ୍କ ନେତୃତ୍ୱରେ ପ୍ରାୟ ୩୦୦ ବାତ୍ୟା ପ୍ରଭାବିତ ପରିବାର କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଶ୍ରୀ ଚୌଧୁରୀ ପ୍ରଭାବିତ ଅଞ୍ଚଳ ଗ୍ରସ୍ତ କରି ଲୋକମାନଙ୍କୁ ସହଯୋଗର ହାତ ବଢ଼ାଇବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଦିଗରେ ପ୍ରଶାସନିକ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି । ଏହି ରିଲିଫ୍ ସାମଗ୍ରୀ ବିତରଣ କାର୍ଯ୍ୟରେ ସାଥିରେ ଥିଲେ,କେନ୍ଦ୍ରାପଡ଼ା ଜିଲ୍ଲା ଲାୟନ୍ସ କ୍ଲବ୍ ର ସଦସ୍ୟ ଅନୁପ କୁମାର ରାଉତ , ସମାଜସେବୀ ହରେକୃଷ୍ଣ ପାତ୍ର, ଶ୍ରୀକାନ୍ତ ପୋଥାଳ, ଦେବକାନ୍ତ କର, ଦେବାଶିଷ ଦାସ, ପ୍ରମୁଖ ସାମିଲ ହୋଇଥିଲେ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ କେନ୍ଦ୍ରାପଡ଼ା ଗସ୍ତ



**କେନ୍ଦ୍ରାପଡା,୨୦।୧୧(ସଂଚାର ବ୍ୟୁରୋ):** ସୂଚନା ଓ ଲୋକ ସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ, (କଟକ) ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଆଜି ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ପରିଦର୍ଶନ ନିମନ୍ତେ ପହଞ୍ଚି ଥିଲେ । ଏହି ଅବସରରେ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଏବଂ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ପୁଷ୍ପ ଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ସେ ବିଭିନ୍ନ ନଥିପତ୍ର, ଫାଇଲ ଓ ରେକର୍ଡସ ଇତ୍ୟାଦି ତନଖି କରିବା ସହ କାର୍ଯ୍ୟାଳୟ ଗୃହ ବୁଲି ଦେଖିଥିଲେ ଓ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ । ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବଳିଆରସିଂହ କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଏହାର ସମାଧାନ ଦିଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତାଙ୍କର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ନିରୀକ୍ଷଣ ସମୟରେ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀ ପ୍ରଦୀପ କୁମାର ଦାଶ, କନିଷ୍ଠ ରାଜସ୍ୱ ସହାୟକ ଜୟଶ୍ରୀ ସାହୁ, ଶିକ୍ଷିତ ଚପରାଶି ତପନ କୁମାର ପରିଡା ଏବଂ ପିଅନ ରଞ୍ଜନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରା ମଦ ପିଇ ଦାଦା ପୁତୁରାଙ୍କ ମୃତ

**କେନ୍ଦ୍ରାପଡ଼ା,୨୦।୧୧(ସଂଚାର ବ୍ୟୁରୋ):** ଅଞ୍ଚଳରେ ବିକ୍ରୀ ହେଉଥିବା ଚୋରା ମଦ ପିଇ ଦାଦା ଏବଂ ପୁତୁରା ଦୁଇ ଜଣକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଗତ କିଛି ଦଳେ ଗଞ୍ଜାମର ଚିକିଟିରେ ମଦମୃତ ଘଟଣା ମନରୁ ଲିଭିନଥିବା ବେଳେ କେନ୍ଦ୍ରାପଡ଼ାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଦ ମୃତ୍ୟୁକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି । ମୃତ ବ୍ୟକ୍ତି ଦ୍ୱୟ ହେଲେ ଜଗତସିଂପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାମନ୍ତରାୟପୁର ପଞ୍ଚାୟତ ସୀରସ୍ତା (ଟିପିରି) ଗାଁର ଗୋପବନ୍ଧୁ ସାମଲ ଏବଂ ବିଭୂତି କୁମାର ସାମଲ । ଅଭିଯୋଗ ମୁତାବକ, ମୃତକ ଦ୍ୱୟ ସଂପର୍କରେ ଦାଦା ପୁତୁରା । ଦାଦା ପୁତୁରା ଦୁହେଁ ପାଟକୁରା ଅଞ୍ଚଳରେ ଚୋରାରେ ବିକ୍ରୀ ହେଉଥିବା ମଦ କିଣି ପିଇଥିଲେ । ମଦ ପିଇବା ପରେ ଘରକୁ ଯାଇଥିଲେ । ଘରେ ପେଟ ଆଉ ଛାତିରେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ପ୍ରଥମେ ସେମାନଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଦ୍ୱୟଙ୍କ ଅୱସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡା ମୁଖ୍ୟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ସେମାନଙ୍କୁ



ମୃତ ଘୋଷଣା କରିଥିଲେ । ମୃତ ବିଭୂତିଙ୍କ ବୟସ ୫୨ ବର୍ଷ ହୋଇଥିବା ବେଳେ ଗୋପବନ୍ଧୁଙ୍କ ବୟସ ୬୫ ବର୍ଷ ବୋଲି ମେଡିକାଲ ରିପୋର୍ଟରୁ ଜଣାପଡିଛି । ସୂଚନା ଅନୁଯାୟୀ ମେଡିକାଲରେ ଭର୍ତ୍ତି ହେଲାବେଳେ ଉଭୟ ନିଶାସକ୍ତ ଅବସ୍ଥାରେ ଥିଲେ ସୂଚନା ମିଳିଛି । ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ଯ ପରିବାର ଏବଂ ସମ୍ପର୍କୀୟ ବିଷାକ୍ତ ମଦ ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି । ଦୁହିଁଙ୍କ ଗାଁ ରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ଘଟଣାସ୍ଥଳରେ ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ମଧ୍ୟ ଆରମ୍ଭ ହୋଇଛି । ପ୍ରାରମ୍ଭିକ ସୂଚନା ମୁତାବକ ବିଷାକ୍ତ ମଦ ପିଇ ଦୁହିଁଙ୍କ ମୃତ୍ୟୁ ହୋଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ ଜଣାପଡ଼ିବ ବୋଲି ସୂଚନା ମିଳିଛି ।

# କାର୍ତ୍ତିକେଶ୍ୱର ଭସାଣି ଖୁବ୍ ଧୁମଧାମରେ ପାଳିତ

**ପଟ୍ଟାମୁଣ୍ଡାଇ,୨୦।୧୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଂଚଳ ଅନନ୍ତ ଗୋପାଳ ପୂଜା କମିଟି ପୋଖରିଆପଡା( ଥାନ ପତି), ଦକ୍ଷିଣଦିଆ, ବାଲିପଡା, ବେଲତଳ ପ୍ରଭୃତି ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇ ମଙ୍ଗଳବାର ଭସାଣି ଖୁବ୍ ଧୁମଧାମରେ ପାଳନ କରାଯାଇଛି। ପଟ୍ଟାମୁଣ୍ଡାଇ ସହରରେ ପ୍ରାୟ ୧୦ ଗୋଟି ମଣ୍ଡପ ମେଢ ବଜାର ମଧ୍ୟରେ ରଙ୍ଗବେରଙ୍ଗର ଲାଇଟ, ବାଜା, ପାରମ୍ପାରିକ ଘୋଡାନାଚ, ବୁଢ଼ିବୁଢ଼ାନାଚ, ଜୋଡିଶଙ୍ଖ, ଓଡିଶୀ ନୃତ୍ୟରେ ବଜାର ପରିକ୍ରମା କରୁଥିବା ଦେଖିବାକୁ ମିଳୁଛି । ସୋମବାର ପଂଚୁକରେ ଆରମ୍ଭ ହୋଇଥିବା କାର୍ତ୍ତିକେଶ୍ୱର ପୂଜା କାର୍ତ୍ତିକ ପୂର୍ଣ୍ଣିମା ଯାଏଁ ଚାଲିଥିଲା। ପୂଜା ମଣ୍ଡପରେ ନିଷ୍ଠାର ସହିତ ପୂଜାନୀତି ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଦୀର୍ଘ ବର୍ଷ ହେଲା ପୂଜା ଆୟୋଜିତ ହୋଇଆସୁଛି। ପୂଜା ମଣ୍ଡପ ସୁନ୍ଦର ସାଜସଜ୍ଜା ସହିତ ରାସ୍ତାର ଦୁଇପାର୍ଶ୍ୱରେ ରଙ୍ଗୀନ ଆଲୋକମାଳା ଝଲସୁଥିଲା।

# ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତି ଆଲୋଚନା ପୁନଃ ଆରମ୍ଭ ହେବ




**ନୂଆଦିଲ୍ଲୀ, ୨୦।୧୧:** ବ୍ରାଜିଲର ରିଓ ଡି ଜେନେରୋଠାରେ ଜି-୨୦ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରିଟେନର ପ୍ରଧାନମନ୍ତ୍ରୀ ମହାମହିମ ସାର୍ କିର୍ ଷ୍ଟାର୍ମରଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ପରେ ଆମେ ନୂତନ ବର୍ଷରେ ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ଆଲୋଚନା ପୁନଃ ଆରମ୍ଭ କରିବାକୁ ବ୍ରିଟେନ ଦ୍ୱାରା କରାଯାଇଥିବା ଘୋଷଣାକୁ ସ୍ୱାଗତ କରୁଛୁ ।

ଏକ ସନ୍ତୁଳିତ, ଆପୋସ ଲାଭଦାୟକ ଏବଂ ଭବିଷ୍ୟ ଉନ୍ମୁଖୀ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ସୁରକ୍ଷିତ କରିବାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭାରତ ଅବଶିଷ୍ଟ ପ୍ରସଙ୍ଗଗୁଡ଼ିକୁ ଆପୋସ ସନ୍ତୁଷ୍ଟି ପାଇଁ ସମାଧାନ କରିବା ଲାଗି ବ୍ରିଟେନର ଆଲୋଚନାକାରୀ ଦଳ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଆଗ୍ରହୀ । ୨୦୨୫ ପ୍ରାରମ୍ଭରେ ମୁକ୍ତ ବାଣିଜ୍ୟ ଆଲୋଚନା ପାଇଁ ତାରିଖ କୁଟନୀତିକ ମାଧ୍ୟମରେ ଶୀଘ୍ର ଚୂଡ଼ାନ୍ତ କରାଯିବ। ଏଫଟିଏ ଆଲୋଚନା ପୂର୍ବରୁ ହୋଇଥିବା ଅଗ୍ରଗତିରୁ ଆଲୋଚନାକୁ ପୁନଃ ଆରମ୍ଭ କରିବ ଏବଂ ବାଣିଜ୍ୟ ଚୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବଧାନକୁ ଦୂର କରିବାକୁ ଚେଷ୍ଟା କରିବ ।

ବ୍ରିଟେନ ସହ ଭାରତର ବାଣିଜ୍ୟିକ ସମ୍ପର୍କ କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହା ଗଭୀର ସହଯୋଗ ଏବଂ ରଣନୀତିକ ସମ୍ପର୍କ ପାଇଁ ପ୍ରଚୁର ସମ୍ଭାବନା ପ୍ରଦର୍ଶନ କରୁଛି। ୨୦୨୪ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ସଦ୍ୟତମ ତଥ୍ୟ ଅନୁଯାୟୀ, ବ୍ରିଟେନକୁ ଭାରତର ରପ୍ତାନି ୧୨.୩୮% ବୃଦ୍ଧି ପାଇ ୭.୩୨ ବିଲିୟନ ଡଲାରରେ ପହଞ୍ଚିଛି, ଯାହାକି ୨୦୨୩ ର ସମାନ ଅବଧିରେ ୬.୫୧ ବିଲିୟନ ଡଲାର ଥିଲା। ଖଣିଜ ଇନ୍ଧନ, ଯନ୍ତ୍ରପାତି ଏବଂ ମୂଲ୍ୟବାନ ପଥର, ଔଷଧ, ପୋଷାକ, ଲୁହା ଏବଂ ଇସ୍ପାତ ଏବଂ ରାସାୟନିକ ଦ୍ରବ୍ୟ ବ୍ରିଟେନକୁ ଭାରତର ରପ୍ତାନି ବାସ୍କେଟର ନେତୃତ୍ୱ ନେଉଛି, ଯାହା ମୋଟ ରପ୍ତାନିରେ ୬୮.୭୨% ଅଂଶ ଯୋଗଦାନ କରେ । ୨୦୨୯-୩୦ ସୁଦ୍ଧା ବ୍ରିଟେନ ଆମର ୧ ଟ୍ରିଲିୟନ ଡଲାର ରପ୍ତାନି ଲକ୍ଷ୍ୟ ହାସଲ ପାଇଁ ଏକ ପ୍ରାଥମିକତା ଦେଶ ଏବଂ ବ୍ରିଟେନକୁ ଆମର ରପ୍ତାନି ୨୦୨୯-୩୦ ସୁଦ୍ଧା ୩୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି ।

ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ

# ଷଷ୍ଠ ସନ୍ଧ୍ୟାରେ ମନ୍ତ୍ରୀ ରବି ନାୟକ

**ଭୁବନେଶ୍ୱର,ତା.୨୦।୧୧(ସଂଚାର ବ୍ୟୁରୋ):** ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍ଘାଟିତ ହେବା ପରଠାରୁ ଚଳଚଞ୍ଚଳ ହୋଇଛି ଏକାମ୍ର ନିର୍ବାଚନ ମଣ୍ଡଳୀର କୁଆଖାଇ ନଦୀପଠା। ପ୍ରଥମ

**ମତୁଆଲା କଲେ ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ଓଡ଼ିଆ ଚଳଚିତ୍ର ଅଭିନେତ୍ରୀ ପୁନମ ମିଶ୍ର**

ଥର ହେଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଧୀରେ ଧୀରେ ବଢ଼ିବାରେ ଲାଗିଛି।ନୌବାଣିଜ୍ୟ ଇତିହାସର ମୂକସାକ୍ଷୀ ଏବଂ ପ୍ରସିଦ୍ଧ ଗଣ ଉତ୍ସବ ତଥା ବାଣିଜ୍ୟ ମେଳା 'ବାଲି ଯାତ୍ରା' ଆସନ୍ତୁ ଏଥିରେ ସାମିଲ ହୋଇ ଆମ ଇତିହାସର ପୃଷ୍ଠାକୁ ପୁନଃ ଜୀବିତ କରିବା ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ର ମୂଳ ଲକ୍ଷ୍ୟ। ଆଜି ଶୀତୁଆ ସଂଧ୍ୟା ରେ ମତୁଆଲା କଲେ




ଲୋକପ୍ରିୟ କଣ୍ଠଶିଳ୍ପୀ ଅସିମା ପଣ୍ଡା ଓ ଓଡ଼ିଆ ଚଳଚିତ୍ର ଅଭିନେତ୍ରୀ ପୁନମ ମିଶ୍ର ।ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦୋକାନ, ବିଭିନ୍ନ ଖାଇବା ଲୋକଙ୍କୁ ମୋହିତ କରୁଛି। ଆଜି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଓ ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ଛଅ ତମ ସଂଧ୍ୟାରେ ଉତ୍ସବ କୁ ଶୁଭାରମ୍ଭ କରିଥିଲେ। ଏଥିରେ କମିଟି ର ସମ୍ପାଦକ କବିରାଜ ସ୍ୱାଇଁ, ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, କ୍ଷୀରୋଦ କୁମାର ପ୍ରଧାନ, ଚନ୍ଦନ ମଲ୍ଲିକ, ଭୁବନେଶ୍ୱର ଯୁବ ମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ସମିତି ସଭ୍ୟା ଇଲା ଭଞ୍ଜ ପ୍ରମୁଖ ଅତିଥି ଭାବେ ଯୋଗୋଦେଇଥିଲେ।ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏକାମ୍ର ନିର୍ବାଚନ ମଣ୍ଡଳୀ ତଥା ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘର ମୁରବି ଓ ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମଥର ଲାଗି ଏକାମ୍ର ବାଲିଯାତ୍ରା ମହୋତ୍ସବ-୨୦୨୪ ଆୟୋଜନ କରାଯାଇଛି।

# ମହତାବଙ୍କ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୨୦।୧୧ (ସଂଚାର ବ୍ୟୁରୋ):** ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ। ଡ. ହରେକୃଷ୍ଣ ମହତାବଙ୍କ ପୁତ୍ର ଭର୍ତ୍ତୃହରି ମହତାବ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ଡକ୍ଟର ହରେକୃଷ୍ଣ ମହତାବଙ୍କ ସମ୍ମାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ସ୍ମାରକୀ ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ କରାଯିବ। ସାହିତ୍ୟ ଏକାଡେମୀ ଆସନ୍ତାକାଲିର କାର୍ଯ୍ୟକ୍ରମରେ ଉନ୍ମୋଚନ ପାଇଁ ଓଡ଼ିଆରେ ମୋନୋଗ୍ରାଫ୍, ଗାଁ ମଜଲିସର ଇଂରାଜୀ ଅନୁବାଦ ଏବଂ ଗାଁ ମଜଲିସର ହିନ୍ଦୀ ଅନୁବାଦ ପ୍ରସ୍ତୁତ କରିଛି। ଏହାବ୍ୟତୀତ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ତାଙ୍କ ଜୀବନ ଓ ପରମ୍ପରା ଉପରେ ଏକ ପ୍ରଦର୍ଶନୀ ରଖାଯାଇଛି। ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ସ୍ୱୟଂଶାସିତ ଅନୁଷ୍ଠାନ ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ ଜାତୀୟ ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରି ଗତ କିଛି ଦିନ ହେବ ଦିଲ୍ଲୀରେ ରହିଥିବା ଓଡ଼ିଆ କଳାକାରଙ୍କ କୃତିକୁ ମଧ୍ୟ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯିବ। ଶ୍ରୀମତୀ ସୁସ୍ମିତା ଦାସ ଏକ ସଙ୍ଗୀତ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ଇତିହାସ ଓ ସଂସ୍କୃତିପ୍ରତି ସମ୍ମାନ ଅର୍ପଣ କରିବେ।

ସଂଚାର ପ୍ରଭାବ

# ବନ୍ଧାହେଲା ବୁବୁନ



**ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):** ସାଧାରଣ ଲୋକଙ୍କ ସ୍ୱର ହେବାକୁ ଆମେ ସବୁବେଳେ ଚେଷ୍ଟା କରିଛୁ। ଖବର ମାଧ୍ୟମରେ ଅସହାୟକୁ ନ୍ୟାୟ ଦେବାକୁ ସଦାସର୍ବଦା ଉଦ୍ୟମ କରିଛୁ। ଗତ ସୋମବାର 'ଶୁଣିଲାନି ଭରତପୁର ପୋଲିସ, ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି' ଶୀର୍ଷକରେ ଏକ ଖବର ପ୍ରକାଶ କରିଥିଲୁ। ଖବର ପ୍ରକାଶ ପରେ ଗିରଫ ହୋଇଛି ମୁଖ୍ୟ ଅଭିଯୁକ୍ତ ସତ୍ୟ ପ୍ରକାଶ ରାଉତ ଓରଫ ବାବୁନ। ବୁବୁନ ଘର ମଞ୍ଚେଶ୍ୱର ଥାନା ଚକେଇଶିଆଣି। କେସ ନମ୍ବର ୬୪୧ ଦଫା ୧୨୬ (୨), ୧୧୫ (୨), ୧୧୮ (୧), ୧୦୯ (୧), ୩ (୫) ବିଏନଏସରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି। ପୁଅ ସାଗର ମିଶ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଭରତପୁର ଥାନା ପୋଲିସ ଗିରଫ କରୁ ନଥିବା ନେଇ ବାରମ୍ବାର ଅଭିଯୋଗ କରିବା ପରେ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି କରିଥିଲେ ଶିଶିର ମିଶ୍ର। ଏକ ଦାୟିତ୍ୱବାନ ଗଣମାଧ୍ୟମ ହିସାବରେ ଖବରକୁ ସାମ୍ନାକୁ ଆଣିଥିଲା 'ସଂଚାର'। ଅଭିଯୁକ୍ତକୁ ଗିରଫକରି କୋର୍ଟଚାଲାଣ କରିଛି ପୋଲିସ।

# ଭିଭିଆଇପି ଗସ୍ତରେ ଏଣିକି ସ୍ଥାୟୀ ବ୍ୟାରିକେଡ୍

**ଭୁବନେଶ୍ୱର, ୨୦।୧୧:** ବିଶିଷ୍ଟ ବ୍ୟକ୍ତିମାନଙ୍କ ଗସ୍ତବେଳେ ନିରାପତ୍ତା ପାଇଁ ରାଜଧାନୀର ରାସ୍ତାଘାଟରେ ପୂର୍ବରୁ ଯେଭଳି କାଠ ଓ ବାଉଁଶର ବାଡ ଦିଆଯାଉଥିଲା ଏବେ ତାହାକୁ ବଦଳାଇ ସ୍ଥାୟୀ ଲୁହାବାଡର ବ୍ୟବସ୍ଥା କରାଯାଉଛି। ଏଥିପାଇଁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏବେ ଫୁଟ୍‌ପାଥ୍‌ର ଟାଇଲ୍ ଭାଙ୍ଗି ବ୍ୟାପକ କାମ ଚାଲିଛି।

ଗତ ସରକାର ସମୟରେ ଜୟଦେବଭବନ ସମେତ କେତେକ ଅଞ୍ଚଳରେ ନିରାପତ୍ତା ପାଇଁ ରାସ୍ତାରେ ସୁଉଚ୍ଚ ଲୁହା ଗ୍ରିଲ୍‌ମାନ ବସାଯାଇଥିଲା। ମହାତ୍ମାଗାନ୍ଧୀ ମାର୍ଗରେ ମଧ୍ୟ ଲୁହା ଗ୍ରିଲ୍ କେତେକ ସ୍ଥାନରେ ବସିଥିଲା। ଏହି ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରହୁଥିବାରୁ ତାଙ୍କ ସରକାରୀ ବାସଭବନ ସମେତ ଆଖପାଖ ଅଞ୍ଚଳରେ ବି ସ୍ଥାୟୀ ଲୁହାବାଡ ବ୍ୟବସ୍ଥା ହୋଇଛି। ଅବଶ୍ୟ ପୂର୍ବରୁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ବିମାନବନ୍ଦର ନିକଟବର୍ତ୍ତୀ ତାଙ୍କ ଘର ସାମ୍ନାରେ ଥିବା ସରକାରୀ ଜାଗାରେ ଲୁହାବାଡ ମଧ୍ୟ ବସାଯାଇଥିଲା।

ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନଙ୍କ ଭୁବନେଶ୍ୱର ଗସ୍ତବେଳେ ନିରାପତ୍ତା ପାଇଁ ବ୍ଲୁ ବୁକ୍‌ର ମାର୍ଗନିର୍ଦ୍ଦେଶିକା ମୁତାବକ ରାସ୍ତାଘାଟରେ ବ୍ୟାପକ ବ୍ୟାରିକେଡ୍ ନିର୍ମିତ ହୋଇଥାଏ। ସବୁ ଅଞ୍ଚଳ ପାଇଁ ଲୁହା ବ୍ୟାରିକେଡ୍ ନଥିବାରୁ ହଜାର ହଜାର ସଂଖ୍ୟାର ଗଛ କଟାଯାଇ ବଲ୍ଲା ଏବଂ ବାଉଁଶରେ ବ୍ୟାରିକେଡ୍ ବାନ୍ଧି ତାହାକୁ ଚୂନ ଧଉଳାଯିବାର ପରମ୍ପରା ଥିଲା। ତେବେ କେନ୍ଦ୍ର ସରକାର ମା' ପାଇଁ ଗଛଟିଏ ନାରା ଦେଉଥିବାବେଳେ ନେତାମାନଙ୍କ ଗସ୍ତପାଇଁ ଗଛକଟା ଘେନି କେତେକ ମହଲ ଆପତ୍ତି ଉଠାଉଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନପାଇଁ ବଲ୍ଲା ଓ ବାଉଁଶ ବଦଳରେ ଏଣିକି ସ୍ଥାୟୀ ଲୁହା ବ୍ୟାରିକେଡ୍ ବ୍ୟବସ୍ଥା ହେଉଛି।



ଏବେ ରାଜଭବନ ଚକରୁ ଜନତା ମଇଦାନ ପର୍ଯ୍ୟନ୍ତ ଲୁହା ବ୍ୟାରକେଡ୍ ପୋତା କାମ ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅନ୍ୟ ଅଞ୍ଚଳରେ ବି କରାଯିବ। ଫଳରେ ଫୁଟ୍‌ପାଥରୁ ଯିଏ ଯେଉଁଠି ଆଉ ସାଧାରଣ ଦିନରେ ରାସ୍ତାକୁ ଓହ୍ଲାଇ ପାରିବେ ନାହିଁ। ତେବେ ରାସ୍ତାକଡରେ ଯେଉଁମାନଙ୍କର ସରକାରୀ ଓ ବେସରକାରୀ ଘରମାନ ରହିଛି ତାହାର ଫାଟକ ସମ୍ମୁଖରେ ବ୍ୟାରିକେଡ୍ ଲାଗିବନାହିଁ।

ପୂର୍ତ୍ତ ଏବଂ ନଗର ଉନ୍ନୟନ ବିଭାଗର ଯନ୍ତ୍ରୀମାନେ କହୁଛନ୍ତି ଯେ ସ୍ଥାୟୀ ଲୁହା ବ୍ୟାରିକେଡ୍ ବ୍ୟବସ୍ଥା କରାଯିବା ପରେ ବଲ୍ଲା ବାଉଁଶ ବାବଦ ବ୍ୟୟଭାର ବନ୍ଦହୋଇଯିବ। ତେବେ ବସାଯାଉଥିବା ବ୍ୟାରିକେଡ୍‌ଗୁଡିକୁ କଳଙ୍କି ଲାଗିବାରୁ ରୋକିବାପାଇଁ ତାହା ଦେହରେ ରସାୟନିକ ପ୍ରଲେପ ସହିତ ନିମୟିତ ରଙ୍ଗ ଦିଆଯିବ।

ଲୁହା ବ୍ୟାରିକେଡ୍ ବସାଇବାପାଇଁ ଏକକାଳୀନ ଅଧିକ ଖର୍ଚ୍ଚ ହେଉଥିବାବେଳେ ଦୀର୍ଘକାଳୀନ ଭିତ୍ତିରେ କିନ୍ତୁ ଏହା ଉପଯୋଗୀ ହେବ। ବ୍ୟାରିକେଡ୍ ବସାଇବାପାଇଁ ଫୁଟ୍‌ପାଥ୍ ଉପରେ ଥିବା ଯେଉଁସବୁ ଟାଇଲ୍ ଭାଙ୍ଗିରୁଜି ଯିବ ତାହାକୁ ମଧ୍ୟ ବଦଳାଇବାପାଇଁ ବ୍ୟବସ୍ଥା ହେବ। ତେବେ ଏହି ରାସ୍ତାରେ ମେଟ୍ରୋରେଳ ପ୍ରକଳ୍ପ ଲାଗି ମାଟି ପରୀକ୍ଷାପାଇଁ ଖୋଳା ତଡା ଯୋଗୁଁ ପିଚୁରାସ୍ତା ଅନେକ ସ୍ଥାନରେ ଖାଲଖମାରେ ଭର୍ତ୍ତିହୋଇ ଯାଉଛି। ବିଶେଷକରି ରାତିରେ ଓ ବର୍ଷା ସମୟରେ ଏହି ଖାଲଖମା ଯୋଗୁଁ ଦୁର୍ଘଟଣାମାନ ଘଟୁଛି। ମାଟିପରୀକ୍ଷା ନାମରେ ରାସ୍ତାଉପରେ ମାସାଧିକକାଳ ଧରି ବାଡ ବୁଲାଇ ଆବଦ୍ଧ କରାଯିବା ଫଳରେ ଟ୍ରାଫିକ ସମସ୍ୟା ମଧ୍ୟ ଉତ୍କଟତର ହେଉଛି। ଏହି ସମସ୍ୟାର ତ୍ୱରିତ ସମାଧାନପାଇଁ ବିଭିନ୍ନ ମହଲରୁ ଦାବି ଉଠୁଛି। (ତଥ୍ୟ)

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା: ୩ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

**ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):** ୨୦୧୮ମସିହା ମାର୍ଚ୍ଚ ଦୁଇ ତାରିଖରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ସିଂଗତୋଲା ଗ୍ରାମରେ 'ଡାହାଣୀ ସନ୍ଦେହରେ ହତ୍ୟାର ଶିକାର ହୋଇଥିବା ଜଣେ ମହିଳାଙ୍କ ଉତ୍ତରାଧିକାରୀଙ୍କୁ ତିନି ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ମାନବିକ ଅଧିକାର କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆଦେଶ ପାଇବାର ଦୁଇ ମାସ ମଧ୍ୟରେ ନିହତ ଯଶୋଦାଙ୍କ ପରିବାରକୁ ସୁନ୍ଦରଗଡ଼ ଜିଲାପାଳଙ୍କ ପକ୍ଷରୁ ଏହି କ୍ଷତିପୂରଣ ଅର୍ଥ ପ୍ରଦାନ ପାଇଁ କମିଶନର ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଡିଭିଜନ ବେଞ୍ଚ ପକ୍ଷରୁ ଏହି ଆଦେଶ ଦିଆଯାଇଛି। ଯଶୋଦା ଡାହାଣୀ ବୋଲି ଅଭିଯୋଗ କରି ଗ୍ରାମର ୧୧ ବ୍ୟକ୍ତି ଆକ୍ରମଣ କରିଥିଲେ। ସେମାନଙ୍କୁ ବୀରମିତ୍ର ପୁର ପୋଲିସ ଗିରଫ କରିଥିଲା। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଆଧାରରେ ମାନବିକ ଅଧିକାର କର୍ମୀ ବିଶ୍ୱପ୍ରୀୟ କାନୁନଗୋ ଓ ବିଜୟ କୁମାର ପଣ୍ଡା ମିଳିତ ଭାବେ ଏକ ଆବେଦନ କରିଥିଲେ। ଏଥିସହ ଡାହାଣୀ ଅଭିଯୋଗ ଜନିତ ମହିଳା ହିଂସାର ନିବାରଣ ନିମିତ୍ତ ଅବଶ୍ୟକ ପ୍ରତିକାର କଣ ହୋଇପାରେ ସେ ସମ୍ପର୍କରେ ବିସ୍ତୃତ ପ୍ରସ୍ତାବ ଦେବା ପାଇଁ ଆବେଦନକାରୀଙ୍କୁ କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

୩୭ତମ ବିସିଆଇ ନ୍ୟାସ୍‌ନାଲ ମୁଟ୍ କୋର୍ଟ ପ୍ରତିଯୋଗିତା

# ଇତିହାସ ସୃଷ୍ଟି କଲା କିଟ୍ ଲ' ସ୍କୁଲ୍

**ଭୁବନେଶ୍ୱର, ୨୦ ।୧୧ :** କିଟ୍ ଲ' ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସମ୍ମାନଜନକ ୩୭ତମ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ରାଷ୍ଟ୍ରୀୟ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ମୁଟ୍ କୋର୍ଟ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ନଭେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଗୁଜୁରାଟର କର୍ଣ୍ଣାବତୀ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଏହି ପ୍ରତିଯୋଗିତାରେ କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀମାନେ ପୁଣି ଥରେ ଶ୍ରେଷ୍ଠତ୍ୱ ବଜାୟ ରଖିବା ସହ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ୍ କରିଛନ୍ତି । ତିନିତିନି ଥର ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଜୟ ଲାଭ କରିବାରେ କିଟ୍ ପ୍ରଥମ ଘରୋଇ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି । ସୂଚନାଯୋଗ୍ୟ, ୨୦୦୭ରେ ପ୍ରତିଷ୍ଠିତ କିଟ୍ ଲ ସ୍କୁଲ୍ ଦେଶର ଏକ ଅଗ୍ରଣୀ ଲ'ସ୍କୁଲ ଭାବେ ଖ୍ୟାତି ଅର୍ଜନ କରିବା ସହ ଏଭଳି ଉପଲବ୍ଧି ଉଲ୍ଲେଖନୀୟ । ଏହା ପୂର୍ବରୁ କିଟ୍ ଲ' ସ୍କୁଲ୍ ଦୁଇ ଥର ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ବେଳେ ଏବେ ତୃତୀୟ ଥର ପାଇଁ କିଟ୍ ଲ ସ୍କୁଲ୍ ଇତିହାସ ରଚିଛି ।



ଏହି ବିଜୟ ଭବିଷ୍ୟତ ଆଇନଜୀବୀଙ୍କ ଉତ୍ସର୍ଗୀକୃତ ଓ କଠିନ ପରିଶ୍ରମ ତଥା ଦକ୍ଷତାର ପ୍ରମାଣ ଦେବା ସହ କିଟ୍ ଲ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷାଦାନ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କ ଉପଯୁକ୍ତ ମାର୍ଗଦର୍ଶନ ପ୍ରତିପାଦିତ କରୁଛି ।

ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ତିନିତିନି ଥର ବିସିଆଇ ମୁଟ୍ କୋର୍ଟ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ଅର୍ଜନ କରିବା ଭାରତବର୍ଷ ଓ ବିଶେଷ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସଫଳତା ପାଇଁ ସେ ବିଜୟୀ ହୋଇଥିବା କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଛାତ୍ରଛାତ୍ରୀଙ୍କ ସଫଳତା ପରବର୍ତ୍ତୀ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ସୂଚନାଯୋଗ୍ୟ, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଆନ୍ତଃବିଶ୍ୱବିଦ୍ୟାଳୟସ୍ତରୀୟ ସମ୍ମାନଜନକ ଜାତୀୟ ମୁଟ୍ କୋର୍ଟ ପ୍ରତିଯୋଗିତାରେ ବିଭିନ୍ନ ଜାତୀୟସ୍ତରର ଲ' ସ୍କୁଲ୍ ସମେତ ଦେଶର ବହୁ ପ୍ରତିଷ୍ଠିତ ଲ' ସ୍କୁଲ୍‌ର ପିଲାମାନେ ଅଂଶଗ୍ରହଣ କରିଥାନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ ୭୧ତମ ଜାତୀୟ ସମବାୟ ସପ୍ତାହର ସମାରୋହ ଉତ୍ସବ

# ସମବାୟ ଗତିକୁ ତୀବ୍ର କରିବାପାଇଁ ଅମିତ ଶାହ ବାରମ୍ବାର ଆସିବେ:ମନମୋହନ

**ଭୁବନେଶ୍ୱର, ତା.୨୦।୧୧(ସଂଚାର ବ୍ୟୁରୋ):** ସମବାୟ କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବାକୁ ପଡ଼ିବ। ଓଡ଼ିଶାରେ ଲୋକଙ୍କର ଆର୍ଥିକ ସ୍ଥିତିକୁ ବଦଳାଇବା ପାଇଁ ସମବାୟ କ୍ଷେତ୍ରର ବହୁତ ଆବଶ୍ୟକତା ଅଛି। ସରକାର ସମବାୟ ସଂସ୍ଥାରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ବିଭାଗରୁ ଦୁର୍ନୀତି ବନ୍ଦ କରି ଉପଯୁକ୍ତ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବିଜେପି ସରକାର। ଆଗାମୀ ଦିନରେ ଅର୍ଥନୈତିକ ସମତାଯୁକ୍ତ ସମାଜ ଗଠନରେ ସମବାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବାରେ ଏହି ସମବାୟ ସଂସ୍ଥା ଗୁରୁତ୍ୱବହନ କରିବ। ସେଥିପାଇଁ ଏହି ବିଭାଗକୁ ଚଳଚଞ୍ଚଳ କରାଯିବ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସମବାୟ ବିଭାଗର କାର୍ଯ୍ୟ ଶ୍ରୀ ଅମିତ ଶାହାଙ୍କୁ ହସ୍ତାନ୍ତର କରାଯିବା ପରେ ଏହି ବିଭାଗ ଦିନକୁ ଦିନ ଆଗକୁ ବଢ଼ିବାରେ ଲାଗିଛି। ସମବାୟ ସଂସ୍ଥାର ବିନା ସହଯୋଗରେ ରାଜ୍ୟର ବିକାଶ ଅସମ୍ଭବ। ତେଣୁ ଲୋକଙ୍କ ସରକାର ବିକଶିତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମବାୟ ଅନୁଷ୍ଠାନକୁ ଗୁରୁତ୍ୱ ଦେଉଛନ୍ତି। ସେହି କାରଣରୁ

- ପ୍ରତି ପଞ୍ଚାୟତରେ ଏବଂ ପ୍ରତ୍ୟେକ ଘରେ ସମବାୟର ବାର୍ତ୍ତା ପହଁଚାଇବେ ବିଜେପି କାର୍ଯ୍ୟକର୍ତା
- ବିଜେପି ସରକାରରେ ସମବାୟ ସଂସ୍ଥା ହେବ ଦୁର୍ନୀତିମୁକ୍ତ



ସେ ୩ମାସକୁ ଥରେ ଓଡ଼ିଶା ଗସ୍ତ କରି ସମବାୟ ଆନ୍ଦୋଳନ କିପରି ତୀବ୍ର ହେବ ଓ ଏଥିରେ ସମସ୍ତ ଲୋକ ଯୋଡି ହେବେ ସେଥିପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୭୧ତମ "ଜାତୀୟ ସମବାୟ ସପ୍ତାହ"ର ସମାରୋହ ଉତ୍ସବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଯୋଗଦେଇ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ଏକ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଯାଇ ସମବାୟ ସଂସ୍ଥା ଆରମ୍ଭ ହୋଇଥିଲା। ଏହା ଆଜି ବିଶାଳ ଦ୍ରୁମରେ ପରିଣତ ହୋଇଛି। ସାରା ଭାରତ ବର୍ଷରେ ୩୦ କୋଟି ସଦସ୍ୟ ଏବେ ଏଥିରେ ଯୋଡ଼ି ହୋଇଛନ୍ତି। ରାଜ୍ୟରେ ୫୦ ଲକ୍ଷରୁ ଅଧିକ ପରିବାର ଏହି ସଂସ୍ଥା ସହ ସିଧାସଳଖଭାବେ ଜଡ଼ିତ। ଏହି ସରକାର ଜରିଆରେ ଗରିବ ଲୋକ ଓ ଚାଷୀଙ୍କ ଆର୍ଥିକ ଉନ୍ନତି ଘଟାଇ ସେମାନେ ଯେପରି ସୁଖ ସମୃଦ୍ଧିରେ ଜୀବନ ବିତାଇବେ ସେଥିପ୍ରତି ରାଜ୍ୟ ସରାକର ସଂକଳ୍ପବଦ୍ଧ। କିନ୍ତୁ କେତେଜେଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି କାମ ବିଗାଡ଼ିବା ପାଇଁ ଚେଷ୍ଟା କରୁଛନ୍ତି। ଯେଉଁମାନେ ଦୁର୍ନୀତି କରିବେ ସେମାନଙ୍କୁ ଚିହ୍ନଟ କରାଯିବ। ଚାଷୀଙ୍କ ସ୍ୱାର୍ଥରେ ବାଧା ଆସିଲେ କ୍ଷମା ଦିଆଯିବ ନାହିଁ। ସେମାନଙ୍କୁ ଜେଲ ପଠାଯିବ। ନଭେମ୍ବର ୨୦ରୁ ଧାନ କିଣା ଆରମ୍ଭ ହେବ। ଏହି ଧାନ କିଣା ଯେପରି ସଠିକ୍ ଭାବେ ହେବ ସରକାର ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ପୂର୍ବ ସରକାର ଏଥିପ୍ରତି ଧ୍ୟାନ ନଦେଇ ଚାଷୀଙ୍କୁ ଶୋଷଣ କରୁଥିଲେ। ନବୀନ ପଟ୍ଟନାୟକ ବରଗଡ଼ର ସୋହେଲାଠାରେ ଆୟୋଜିତ ଚାଷୀ ସମାବେଶରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦିଆଯିବ ବୋଲି କହିଥିଲେ। ମାତ୍ର କଥା ରଖି ନ ଥିଲେ। କିନ୍ତୁ ବିଜେପି ରାଜ୍ୟରେ ଶାସନଭାର ସମ୍ଭାଳିବା ପରେ ଏଥିପାଇଁ ପଦେକ୍ଷପ ନେଇଛି। କେନ୍ଦ୍ରରେ ଶ୍ରୀ ମୋଦିଜୀ ଧାନର ସହାୟକ ମୂଲ୍ୟ କୁଇଂଟାଲ ପିଛା ୨୩୦୦ ଟଙ୍କା ବୃଦ୍ଧି କରିଥିବାବେଳେ ରାଜ୍ୟ ସରକାର ୮୦୦ ଟଙ୍କା ବୃଦ୍ଧି କରିଛନ୍ତି। ଏଭଳି ଭାବେ ମୋଟ୍ ୩୧୦୦ ଟଙ୍କା ଚାଷୀଙ୍କୁ କୁଇଂଟାଲ ପିଛା ପ୍ରଦାନ କରାଯିବ। ଡିସେମ୍ବର ୮ରେ ସୋହେଲାଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚାଷୀ ସମାବେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବାକୁ ଥିôବା ଟଙ୍କା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସମବାୟ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ପଞ୍ଚାୟତର ବହୁମୁଖୀ ସମବାୟ ସମିତି ଗଠନ ହେବ। ବିଜେଡି ସରକାର ସମୟରେ ଏହି ସଂସ୍ଥା ଦୁର୍ନୀତିର ଗନ୍ତାଘର ସାଜିଥିଲା। ବିଜେପି ସରକାର ଆସିବା ପରେ ଏହି ସଂସ୍ଥାକୁ ଦୁର୍ନୀତି ମୁକ୍ତ କରି ଚାଷୀ ଓ ଗରିବ ଲୋକଙ୍କ ଆର୍ôଥକ ଉନ୍ନତି ଘଟାଇବାକୁ ବଦ୍ଧପରିକର।

ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶ୍ରୀ ଶ୍ରୀରଞ୍ଜନ ମଙ୍ଗରାଜ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆଗାମୀ ଦିନରେ ସ୍ଥାନୀୟ ସମବାୟ ସମିତି ଗ୍ରାମ୍ୟ ଅର୍ଥନୀତିର ପ୍ରାଣକେନ୍ଦ୍ର ହେବ ବୋଲି କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟାଳୟରେ ପ୍ରଥମେ ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ସମବାୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଉପଲକ୍ଷେ ଏକ ଆଲୋଚନାଚକ୍ରରେ ଡଃ ହରେକୃଷ୍ଣ ମିଶ୍ର, ପ୍ରତାପ ଚନ୍ଦ୍ର ସାମଲ ଓ ଯଜ୍ଞେଶ୍ୱର ବାବୁ ଯଥାକ୍ରମେ "ବିକଶିତ ଭାରତ ଗଠନରେ ସମବାୟର ଭୂମିକା", "ସମବାୟରୁ ସମୃଦ୍ଧି" ଓ "ଓଡ଼ିଶାରେ ସମବାୟ ଆନ୍ଦୋଳନ" ପ୍ରମୁଖ ଶୀର୍ଷକ ଥିଲା। ସମାରୋହ ଉତ୍ସବରେ ମାନନୀୟ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ରାଜ୍ୟର ସମବାୟ କ୍ଷେତ୍ରରେ କାମ କରିଥିବା ୩୬ଜଣ ସମବାୟ ପ୍ରେମୀଙ୍କୁ ଉପଢ୍ୌକନ ଓ ମାନପତ୍ର ଦେଇ ସମ୍ମାନିତ କରିବା ସହ ସେମାନଙ୍କର ଆନ୍ଦୋଳନକୁ ଭୂୟସୀ ପ୍ରଂଶସା କରି ଆଗାମୀ ଆହ୍ୱାନକୁ ମିଳିତଭାବେ ନିଭାଇବା ପାଇଁ ଅନୁରୋଧ କରିଥିଲେ। ପରିଶେଷରେ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ସମବାୟ ପତାକା ଅବତରଣ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥି, ସୁଦର୍ଶନ ନାୟକ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଅଶୋକ ମିଶ୍ର, ଶେଷ କୁମାର ମେହେର, ଅକ୍ଷୟ କୁମାର ମହାନ୍ତି, ଇଂ.ଅଜୟ ସାହୁ, ରଞ୍ଜିତ ଆଚାର୍ଯ୍ୟ, କହ୍ନେୟା ଝା, ସହକାର ଭାରତୀ ରାଜ୍ୟ ସଭାପତି କୃଷ୍ଣ ବଲ୍ଲଭ ସାହୁ, ଅମୀତା ନନ୍ଦ, ସରୋଜକାନ୍ତ ସାହୁ, ଆଶିଷ ପାତ୍ର, ଜୟକୃଷ୍ଣ ଦାସ, ବନ୍ଦନା ଦାସ କାନୁନ୍‌ଗୋ, ସୁଚରିତା ଜେନାମଣି, ପ୍ରଦୀପ ଦାସ, ସୁକାନ୍ତ ପଣ୍ଡାଙ୍କ ସମେତ ବହୁ ସମବାୟ ପ୍ରେମୀ ଉପସ୍ଥିତ ଥିଲେ।

# ଜଳ ଦସ୍ୟୁଙ୍କୁ ଜଗିବ ଡ୍ରୋନ



**ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):** ଜଳ ଦସ୍ୟୁଙ୍କୁ ଜଗିବ ଡ୍ରୋନ। ଜଳପଥରେ ସୁରକ୍ଷା ବ୍ୟବସ୍ଥା ହେବ ଅଧିକ କଡାକଡି। ସମୁଦ୍ର ପଥରେ ବନ୍ଦ ହେବ ଅନୁପ୍ରବେଶ। ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛି ଓଡ଼ିଶା ପୋଲିସ। ଉପକୂଳରେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କୁ ନିଯୁକ୍ତି ମିଳିବ। ସୂଚନାଯୋଗ୍ୟ ରାଜ୍ୟରେ ୪୮୦ କିଲୋମିଟର ସମୁଦ୍ର ଉପକୂଳରେ ୧୮ ଟି ମେରାଇନ ଥାନା ରହିଛି। ବର୍ତ୍ତମାନ ପେଟ୍ରୋଲିଂ ପାଇଁ ୧୫ ଟି ବୋଟ ରହିଛି। ୧୦ ଟି ନୂଆ ଫିସିଂ କ୍ରାଫ୍ଟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। ଖୁବଶୀଘ୍ର ଇଣ୍ଟରସେପ୍ଟର ବୋଟ ମଧ୍ୟ ତଟରକ୍ଷା ପାଇଁ ବ୍ୟବହାର କରାଯିବ ବୋଲି ସୂଚନା ଦେଇଛନ୍ତି ଡିଜିପି।

# ପୁଣି ବରୁଣେଇରେ ନିଆଁ



**ଖୋର୍ଦ୍ଧା,୨୦।୧୧(ସଂଚାର ବ୍ୟୁରୋ):** ବୁଧବାର ପୁଣି ବରୁଣେଇ ପାହାଡ଼ରେ ନିଆଁ ଲାଗିଛି। ତେବେ ଏହି ନିଆଁ କିଭଳି ଲାଗିଲା ସେ ବିଷୟରେ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ପାହାଡ଼ ଉପରେ ଥିବା ଗଛସବୁ ଜଳୁଥିବାର ଦେଖିବାକୁ ମିଳିଥିଲା।

ଖବର ପାଇ ଖୋର୍ଦ୍ଧା ବନ ବିଭାଗର ୧୨ଜଣ କର୍ମଚାରୀ ପାହାଡ଼ ଉପରକୁ ଚଢ଼ି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିପଡ଼ିଥିଲେ। ଦୀର୍ଘ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନେ କଠିନ ପରିଶ୍ରମ କରିବା ପରେ ପାହାଡ଼ ଉପରେ ଥିବା ବହୁ ମୂଲ୍ୟବାନ ଗଛକୁ ରକ୍ଷା କରିପାରିଛନ୍ତି। ନିଆଁ କେମିତି ବ୍ୟାପିଲା ସେନେଇ ଅନୁଧ୍ୟାନ କରାଯାଉଛି।

SANCHAR
ସଂଚାର


### ଜୀବନ ଅମୃତ ଅନୁଚିନ୍ତା

ଅହିଂସାର ପଥ- ଅହିଂସାର ପଥ କଣ୍ଟକିତ। ଅହିଂସାର ରାସ୍ତାକୁ ଆପଣାଇଥିବା ବ୍ୟକ୍ତିଙ୍କୁ ଏହି ରାସ୍ତାରୁ ହଟାଇବା ନିମନ୍ତେ ହିଂସାର ଭୟ ସୃଷ୍ଟି କରାଯାଏ। ମାତ୍ର ଯିଏ ଏହାକୁ ବେଖାତିର କରି ନିର୍ଭୟରେ ବାଟ ଚାଲେ ସେ ହିଁ ଶେଷରେ ବିଜୟୀ ହୋଇଥାଏ।

# ପ୍ରତିଶ୍ରୁତି ରଖିଲେ ମୋହନ

ଗତ ନିର୍ବାଚନ ବେଳେ ବିଜେପି ରାଜ୍ୟରେ ଯେଉଁସବୁ ପ୍ରତିଶ୍ରୁତି ପ୍ରଦାନ କରିଥିଲା ସେଥିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଥିଲା ରାଜ୍ୟରେ ଚାଷୀଙ୍କୁ ଏମଏସପି ବାବଦରେ ଅଧିକ ଟଙ୍କା ଦିଆଯିବ। କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା୨୩ ଶହ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ରାଜ୍ୟ ସରକାର ଏହା ଉପରେ ଅଧିକ ୮୦୦ ଟଙ୍କା ଦେବେ ଏବଂ ଚାଷୀମାନେ ଧାନର ଏମଏସପି ବାବଦରେ ୩୧ ଶହ ଟଙ୍କା ପାଇବେ ବୋଲି ବିଜେପି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା। ଏବେ ଏହାକୁ ମୋହନ ମାଝୀ ସରକାର କାର୍ଯ୍ୟକାରୀ କରିଛନ୍ତି। ବରଗଡ଼ ଜିଲ୍ଲାରୁ ଧାନ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଆଉ ଚାଷୀଙ୍କୁ ଧାନର ଏମଏସପି ବାବଦରେ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ପ୍ରଦାନ କରାଯାଇଛି। ଏହା ନିଶ୍ଚିତ ଭାବେ ଏକ ଐତିହାସିକ ପଦକ୍ଷେପ ଏବଂ ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ଓଡ଼ିଶାର ଧାନଚାଷୀମାନେ ଉପକୃତ ହେବେ। ଯାହା ଗତ ୨୪ ବର୍ଷ ହେବ ନବୀନ ପଟ୍ଟନାୟକ ସରକାର କରିପାରିନଥିଲେ ତାହାକୁ ମୋହନ ମାଝୀ ସରକାର କରି ଦେଖାଇଛନ୍ତି। କହିବା ବାହୁଲ୍ୟ ଯେ, ଓଡ଼ିଶାରେ କୃଷି କହିଲେ ଧାନ ଚାଷକୁ ବୁଝାଏ। ଅଧିକାଂଶ ଚାଷୀ କେବଳ ଧାନ ଚାଷ କରନ୍ତି ବା ଏହା ଉପରେ ନିର୍ଭର କରନ୍ତି। ସେମାନଙ୍କ ଆର୍ôଥକ ସ୍ଥିତିରେ ଉନ୍ନତି ଆସିଲେ ରାଜ୍ୟର କୃଷି ବିକାଶ ହୋଇପାରିବ। ଉଲ୍ଲେଖ ଯୋଗ୍ୟ ଯେ, କେନ୍ଦ୍ର ସରକାର ପ୍ରତିବର୍ଷ ବିଭିନ୍ନ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ସମୀକ୍ଷା କରି ଏହାକୁ ବୃଦ୍ଧି କରୁଛନ୍ତି। ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। ଏମଏସପି ନିର୍ଦ୍ଧାରଣ ବେଳେ ଚାଷୀଙ୍କ ବ୍ୟୟର ଅତି କମରେ କିପରି ୧୫୦ ପ୍ରତିଶତ ମୂଲ୍ୟ ଆୟ ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ହିସାବ କରାଯାଏ। ଯଦି ଧାନ କୁଇଣ୍ଟାଲ ପିଛା ଉତ୍ପାଦନ ଖର୍ଚ୍ଚ ହଜାରେ ଟଙ୍କା ହୁଏ ତେବେ ଚାଷୀ ଯେପରି ଏହାକୁ ୧୫୦୦ ଟଙ୍କାରେ ବିକ୍ରୀ କରିପାରିବ ସେହି ହିସାବରେ ଏମଏସପି ଧାର୍ଯ୍ୟ ହୋଇଥାଏ। ଗୋଟିଏ ଏକର ଜମିରେ ଧାନ ବା ଅନ୍ୟ ଫସଲ ଉତ୍ପାଦନ ବେଳେ ସାର, କୀଟନାଶକ, ବିହନ, ଜଳସେଚନ ବାବଦ ଖର୍ଚ୍ଚ ଏବଂ ଶ୍ରମ ମୂଲ୍ୟକୁ ଏମଏସପି ନିର୍ଦ୍ଧାରଣ ବେଳେ ହିସାବ କରାଯାଇଥାଏ। ପ୍ରତି ୬ମାସରେ ଥରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ପାଏ, ତେଣୁ ପ୍ରତିବର୍ଷ ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ଏମଏସପି ବୃଦ୍ଧିର ଯଥାର୍ଥତା ରହିଛି ବୋଲି କୁହାଯାଇପାରେ। କୃଷକଙ୍କ ଆର୍ôଥକ ଅବସ୍ଥାରେ ସୁଧାର ଆଣିବା ପାଇଁ ଏଭଳି ପଦକ୍ଷେପ ଜରୁରୀ। ଯେହେତୁ ପ୍ରତିବର୍ଷ ସାର, କୀଟନାଶକ, ବିହନ, ଡିଜେଲ ଦର, ଜଳକର, ବିଜୁଳି ବିଲ ବଢୁଛି, ସେ ଦୃଷ୍ଟିରୁ କୃଷି ଉତ୍ପାଦନ ଖର୍ଚ୍ଚ ମଧ୍ୟ ବଢୁଛି। ଯଦି ଏମଏସପି ବୃଦ୍ଧି ନପାଇବ ତେବେ କୃଷକମାନେ ଆର୍ôଥକ କ୍ଷତିର ସମ୍ମୁଖୀନ ହେବେ। ଏବେ ରାଜ୍ୟ ସରକାର ଧାନ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ବରଗଡ଼ ଜିଲ୍ଲାରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଗତ ନିର୍ବାଚନ ବେଳେ ବିଜେପି ଏହାର ସଙ୍କଳ୍ପ ପତ୍ରରେ ଧାନ କୁଣ୍ଟାଲ ୩୧ ଶହ ଟଙ୍କା କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏବେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩ ଶହ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ରାଜ୍ୟ ସରକାର ଏହା ଉପରେ ଅଧିକ ୮ ଶହ ଟଙ୍କା ଦେଉଛନ୍ତି। ଏହିପରିଭାବରେ ଓଡ଼ିଶାରେ ଚାଷୀମାନେ ଏବେ ଧାନର ଏମଏସପି ବାବଦରେ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ପାଇବେ। ଏହା ସ୍ୱାଗତ ଯୋଗ୍ୟ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ ପ୍ରଶଂସାର ପାତ୍ର। ଏହା ଫଳରେ କେବଳ ଚାଷୀମାନେ ଆର୍ôଥକ ଦୃଷ୍ଟିରୁ ଲାଭବାନ ହେବେ ନାହିଁ, ଏହା ଦ୍ୱାରା ଅନ୍ୟମାନେ ଚାଷ ପ୍ରତି ଆକୃଷ୍ଟ ହେବେ ଏବଂ ଚାଷ ଏକ ଲାଭଜନକ ପେଷାଭାବେ ବିବେଚିତ ହୋଇପାରିବ। ରାଜ୍ୟ ସରକାର ଧାନମଣ୍ଡିରେ ଦଲାଲଙ୍କ ଦୌରାତ୍ମ୍ୟ ରୋକିବାକୁ, କଟନୀ ଛଟନୀ ବନ୍ଦ କରିବାକୁ ଏବଂ ଚାଷୀମାନେ ଯେପରି ବିକ୍ରୀ ଧାନ ବାବଦ ମୂଲ୍ୟ ତତ୍କାଳ ଡିବିଟି ମାଧ୍ୟମରେ ପାଇପାରିବେ ସେ ଦିଗରେ ପଦକ୍ଷେପ ନେଇଛନ୍ତି। ପୂର୍ବରୁ ମଣ୍ଡିରେ ଧାନ ବିକ୍ରୀ କରି ଚାଷୀମାନେ ମାସ ମାସ ଧରି ଟଙ୍କା ପାଉନଥିଲେ। ସେହିପରି ଚାଷୀମାନେ କଟନୀ ଛଟନୀର ଶିକାର ହେଉଥିଲେ। କିନ୍ତୁ ଏବେକାର ସରକାର ଏହି ସମସ୍ୟାକୁ ଦୂର କରିଛନ୍ତି। ତେବେ ଅନେକଙ୍କ ମତ ହେଲା ସରକାର ଧାନ, ଗହମ ବା ଅନ୍ୟ କୃଷି ଉତ୍ପାଦିତ ସାମଗ୍ରୀର ଏମଏସପି ବୃଦ୍ଧି କରିବା ଦ୍ୱାରା ଦରବୃଦ୍ଧି ହେଉଛି ଏବଂ ବାସ୍ତବରେ ଚାଷୀମାନେ ଏହା ଦ୍ୱାରା ଲାଭ ପାଉନି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଫଳରେ ଚାଉଳ ଦର ବଢ଼ିବ। ଏହାର ପ୍ରଭାବରେ ଅନ୍ୟ ଖାଦ୍ୟ ସାମଗ୍ରୀର ଦର ମଧ୍ୟ ବଢ଼ିବ। ତେଣୁ ଧାନ ଚାଷୀର ଆୟ ବଢ଼ିଲେ ମଧ୍ୟ ସେ ଲାଭବାନ ହେବନାହିଁ। କାରଣ ତାକୁ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ଅଧିକ ଦରରେ କିଣିବାକୁ ପଡ଼ିବ। କିନ୍ତୁ ତା ଅର୍ଥ ନୁହେଁ ଯେ, ଧାନର ଏମଏସପି ବୃଦ୍ଧି କରିବା ଅନୁଚିତ। ଏହା ଦ୍ୱାରା ଚାଷୀମାନେ ଅନ୍ୟାୟର ଶିକାର ହେବେ। ତେଣୁ ଏମଏସପି ବୃଦ୍ଧି ଯେତିକି ଜରୁରୀ, ତାଠାରୁ ଅଧିକ ଜରୁରୀ କିପରି ଚାଷ ବାବଦରେ ବ୍ୟୟ ହ୍ରାସ ପାଇବ। ବିହନ, ସାର, କୀଟନାଶକ, ବିଜୁଳି ବିଲ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ହ୍ରାସ ଜରୁରୀ। ଏହା ଦ୍ୱାରା ଚାଷରେ ହେଉଥିବା ଖର୍ଚ୍ଚ ହ୍ରାସ ପାଇବ ଏବଂ ଚାଷୀମାନେ ଲାଭବାନ ହୋଇପାରିବେ। ନଚେତ ଏମଏସପି ବୃଦ୍ଧି ମୂଲ୍ୟହୀନ ହୋଇଯିବ। ଏହା ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ନୁହେଁ, ବରଂ ଏହା ଦ୍ୱାରା ଦରବୃଦ୍ଧି ହେବ। କେବଳ କୃଷକ ନୁହେଁ, ସାଧାରଣ ଖାଉଟୀଙ୍କ ସ୍ୱାର୍ଥରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଉଚିତ। ପିଆଜ ଦର ବଢ଼ିଲେ କୋଟି କୋଟି ଖାଉଟୀ ହନ୍ତସନ୍ତ ହେବେ। ପିଆଜ ସଂଗ୍ରହ ମୂଲ୍ୟ ବୃଦ୍ଧି ପାଇଲେ କେବଳ କିଛି ପିଆଜ ଚାଷୀ ଉପକୃତ ହେବେ। ତେଣୁ ସରକାର ଏଭଳି ଏକ ମଧ୍ୟମ ପନ୍ଥା ନିର୍ଦ୍ଧାରଣ କରିବା ଉଚିତ ଯାହା ଦ୍ୱାରା ଉଭୟ କୃଷକ ଏବଂ ଖାଉଟୀଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ ଏବଂ ଆର୍ôଥକ ବ୍ୟବସ୍ଥାରେ ସନ୍ତୁଳନ ରହିବ। କୃଷକଙ୍କ ଆୟ ବୃଦ୍ଧି ହେଉ, ସେମାନେ ନିଜ ପରିଶ୍ରମର ଉଚିତ ମୂଲ୍ୟ ପାଆନ୍ତୁ। କିନ୍ତୁ ଖାଉଟୀଙ୍କ ଉପରେ ବୋଝ ନପଡୁ। ଏହାର ଏକମାତ୍ର ଉପାୟ ହେଲା କୃଷକଙ୍କୁ ସୁଲ ମୂଲ୍ୟରେ ସାର, କୀଟନାଶକ, ବଂ ବିଜୁଳି ତଥା କୃଷି ଯନ୍ତ୍ରପାତି ମିଳିବା ଉଚିତ। ଏହା ଉପରେ ସବସିଡି ଦିଆଯାଉଛି। କିନ୍ତୁ ବାସ୍ତବରେ ଏହା ଉପରେ ସବସିଡି ପରିବ୍ର୍ତ୍ତେ ଏହାକୁ ଟିକସମୁକ୍ତ କରାଯିବା ଉଚିତ। ଚାଷୀଙ୍କ ଆୟ କେବଳ ଏମଏସପି ବୃଦ୍ଧି ଦ୍ୱାରା ନୁହେଁ, ଅଧିକ ଉତ୍ପାଦନ ମଧ୍ୟ ଜରୁରୀ। ଆଧୁନୀକ ପ୍ରଣାଳୀରେ ଚାଷ କରି କିପରି ଚାଷୀ ଅଧିକ ଉତ୍ପାଦନ କରିପାରିବ ଏବଂ ଖୋଲା ବଜାରରେ ଏହାକୁ ବିକ୍ରୀ କରି ଭଲ ମୂଲ୍ୟ ପାଇପାରିବ ସେ ଦିଗରେ ଉଦ୍ୟମ ହେବା ଉଚିତ। ଜଳସେଚନର ପ୍ରସାରକୁ ପ୍ରାଥମିକତା ଦିଆଯିବା ଉଚିତ।

# ଜଳବାୟୁ ପରିବର୍ତ୍ତନ ମଣିଷ ସମାଜ ପାଇଁ ସମୟର ଏକ ଆହ୍ୱାନ



ବୈଜୟନ୍ତିମାଳା ବିଶ୍ୱାଳ

ଶହେ ବର୍ଷ ତଳେ ଏ ପୃଥିବୀର ପରିବେଶ, ପାଣିପାଗ, ପରିମଣ୍ଡଳ ଅବସ୍ଥାରେ ଯେଉଁ ନିର୍ମଳ ଥିଲା ତାହା ଆଜି ଆଉ ନାହିଁ। ଭଗବାନଙ୍କ ଆଶୀର୍ବାଦରୁ ତିନୋଟି ଦିଗନ୍ତ ହେଲା ଜଳ, ସ୍ଥଳ, ଆକାଶ। ପ୍ରଗତିର ତିନି ସତ୍ତାକୁ ନେଇ ଏହା ପରିବ୍ୟାପ୍ତ। ଯଦି ଆମେ ପରିବେଶ ପ୍ରତି ସଜାଗ ନ ହେବା ତାହା ଆମ ପାଇଁ ବିନାଶ ର କାରଣ ହେବ। ପ୍ରକୃତି ଆଜି ତାର ସେବା ଓ ସୌନ୍ଦର୍ଯ୍ୟ କୁ ହରାଇ ବସି ସତେ ଯେପରି ବିଳାପ କରୁଛି। ଏଥିପାଇଁ ଆମ ମନୁଷ୍ୟ ସମାଜ ସମ୍ପୂର୍ଣ୍ଣ ରୂପେ ଦାୟୀ। ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ଏକ ଚିନ୍ତନ ଭାବେ ଉଭା ହୋଇଛି। ଏହାର ପ୍ରଭାବ ଏବେ ଠାରୁ ଯାହା ଜଣାଗଲାଣି ଆଗାମୀ ଭବିଷ୍ୟତରେ ଅନେକ ବିପଦ ସୃଷ୍ଟି କରିବ ବୋଲି ପାଣିପାଗ ବିଜ୍ଞାନୀ ମାନେ କହୁଛନ୍ତି ଫଳ ସ୍ୱରୂପ ଅଚାନକ ବନ୍ୟା , ମରୁଡି ସାମୁଦ୍ରିକ ଜୁଆର ବାତ୍ୟା ଭଳି ସଙ୍କଟ ଆଡକୁ ସମଗ୍ର ବିଶ୍ୱ ଠେଲି ହୋଇ ଯିବାର ଅନୁମାନ କରାଯାଉଛି। ଏହି ଅଭାବନୀୟ ଘଟଣା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବିଶ୍ୱର ତାପମାତ୍ରା ବୃଦ୍ଧି ବିଶ୍ୱସ୍ତରରେ ଜଳବାୟୁ ପରିବର୍ତ୍ତନ ହେବାର ଯଥେଷ୍ଟ କାରଣ ରହିଛି। କେତେକ ଆକଳନରୁ ଜଣାପଡିଛି ଜେଉ ବିଶ୍ୱତାପନର ହାର ବଢି ଚାଲିବ। ଏହା ଦ୍ୱାରା ପୃଥିବୀର ଅଧିକ ଅଞ୍ଚଳ ମୁରୁଭୂମି ପାଲଟିବ। ସେହିପରି କୃଷିକ୍ଷେତ୍ର ପ୍ରଭାବିତ ହୋଇ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ମଧ୍ୟ ପକାଇବ। ବିଶ୍ୱର ଥଣ୍ଡା ଜୋନ୍‌ରେ ଥିବା ଦେଶଗୁଡ଼ିକୁ ଗରମ ଜୋନ୍‌କୁ ଆସିବା ସହ ଗରମ ଜୋନ ଥିବା ଅଂଚଳ ଗୁଡିକରେ ଅଧିକ ଗରମ ହେବା ଆଶଙ୍କା କରାଯାଉଛି କାରଣ ଗୋଟି ଗୋଟି କରି ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଉଛି ଜଳ, ବାୟୁ , ମୃତ୍ତିକା , ଶିଳ୍ପ ଅଭିବୃଦ୍ଧି , ସଡକ ନିର୍ମାଣ , ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ହେଉଛି। ଫଳରେ ବାୟୁ ମଣ୍ଡଳ ରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇଁ ବିଶ୍ୱର ତାପମାତ୍ରା ବଢିବାରେ ଲାଗିଛି। ସେତିକି ନୁହେଁ କଳାକାରଖାନାରୁ ନିର୍ଗତ ଗ୍ୟାସ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଦ୍ୱାରା ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି। ପୂର୍ବେ ସିନା ମନୁଷ୍ୟ ଏ ସବୁ ଜାଣି ନ ଥିଲା ହେଲେ ବର୍ତ୍ତମାନର ବିଜ୍ଞାନ ଯୁଗରେ ମନୁଷ୍ୟ ଏ ସବୁ ଭଲଭାବେ ଜାଣି ଗଲାଣି ଯେ ପ୍ରକୃତିମାର ସୁକୁମାର ରୂପ ରଖିବା ମନୁଷ୍ୟ ଏ ସବୁ ଭଭାବେ ଜାଣି ଗଲାଣି ଯେ ପ୍ରକୃତିମାର ସୁକୁମାର ରୂପ ରଖିବା ପାଇଁ ବା ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ , ସହର କଥା ନ କହିବା ଭଲ। ଗାଁ ମାନଙ୍କର କେଉଁଠି କେମିତି କାଁ ଭାଁ ଗୋଟେ ଗୋଟେ ଗଛ ଦେଖାଯାଉଛି। ସହର ଜାଗାରେ କୋଠାବାଡି ନିର୍ମାଣ ଗଛ ହାଣିବା ଶିଳ୍ପ ବ୍ୟବସ୍ଥାର ଦୃଢ ବିକାଶ ଘଟୁଛି। ଗାଡି ମଟର ଚାଳନା ଧୂଳିର ସଂକ୍ରମଣ , କଳାକାରଖାନାର ବର୍ଜ୍ୟ ବସ୍ତୁ , ଦୂଷିଶ କଦର୍ମାକ୍ତ ପଦାର୍ଥକୁ ଡ୍ରେନ ଦ୍ୱାରା ପକାଇ ଦିଆଯାଉଛି। ନଈମାନଙ୍କରେ ଏ ଗୁଡିକ ପକାଇବା ଦ୍ୱାରା ପରିବେଶ ଦୂଷିତ ହେଉଛି। ନଈମାନଙ୍କରେ ଏହା ପକାଇବାରୁ ନଈ ଗୁଡିକ ନର୍ଦ୍ଦମାରେ ପରିଣତ ହେଲାଣି। ପବିତ୍ର ଗଙ୍ଗା ନଦୀର ଜଳରେ ମଲା ମୁର୍ଦ୍ଦାର ଗାଈ ଗୋରୁ ମାନଙ୍କର ପଚା ଶଢା ସବ ସେଥିରେ ଭାସୁଛି। ସେତେବେଳେ ନଦୀର ପାଣି ବ୍ୟବହାର କରାଯାଉଥିଲା। ଏବେ ସେ ସବୁ ଦୂଷିତ ହୋଇ ଗଲାଣି। ଆମେ ନଳକୂପ ପାଇଁ ବ୍ୟବହାର କରୁଛୁ। ମାତ୍ର ପାଣି ଓ ପ୍ରାଣର ସ୍ୱଚ୍ଛତା ଓ ନିର୍ମଳତା ପାଇଁ କାହାର ତିଳେ ହେଲେ ନଜର ନାହିଁ। ଏହିପରି ନିଜ ହାତରେ ନିଜେ ପରିବେଶକୁ ଆମେ ଦୂଷିତ କରୁଛୁ। ଆହୁରି ମଧ୍ୟ



ସହରର ଅଧିକାଂଶ ସ୍ଥାନରେ ଜଳଖିଆ ଦୋକାନର ଭୋଜନାଳୟ ଇତ୍ୟାଦିର ହାଣ୍ଡି ଧୁଆପାଣି , ଖଲି ପତ୍ର , ପଲିଥିନ ମୁଣି ପକାଇବା ଦ୍ୱାରା ପରିବେଶ ଦୂଷିତ ହେଉଛି। ସୁମୁଦ୍ର ଗର୍ଭ ଏବେ ପ୍ରାକୃତିକ ଘୂର୍ଣ୍ଣିବଳୟ ଦ୍ୱାରା ଅସ୍ଥିର ଅଶାନ୍ତ ହେଉଛି। ଏବେ ଆମେ ସୁମୁଦ୍ର ଗର୍ଭରେ ଦେଶ ବିଧ୍ୱଂସୀ ମାରଣାସ୍ତ୍ରମାନଙ୍କର ପରୀକ୍ଷା କରୁଛେ। ଏହାଦ୍ୱାରା ବାୟୁ ପ୍ରଦୂଷଣ ହେଉଛି। ସ୍ଥଳରେ ମଟର ଗାଡି ଓ ଜଳରେ ଟ୍ରଲର ର ଭୟଙ୍କର ଗର୍ଜନ ରେ ଜଳ ଓ ସ୍ଥଳ ପ୍ରଦୂଷଣ ହେଉଛି। ଆମେ ଏଥିପାଇଁ ସତର୍କ ରହିବା ଦରକାର। ବର୍ତ୍ତମାନ ଆଦିନରେ ପ୍ରାକୃତିକ ଦୁର୍ବିପାକ ମାନଙ୍କୁ ଆମେ ଡାକି ଆଣୁ ଆଣୁଛୁ। ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ସମୟରେ ଏକ ବଡ ଆହ୍ୱାନ। ଆମକୁ ମାନେ ରଖିବାକୁ ହେବ ଯେ କେବଳ ଆମର ସୁରକ୍ଷା ନୁହେଁ। ଉତ୍ତର ପିଢୀର ସୁରକ୍ଷା ମଧ୍ୟ ଆମ ଉପରେ ନ୍ୟସ୍ତ। ଜଳବାୟୁ ପରିବର୍ତ୍ତନ ର ଏହି ପ୍ରଭାବ ଆମ ଦେଶରେ ମଧ୍ୟ ପରିଲିଖିତ ହେଉଛି। ଜଣେ ସାମୁଦ୍ରିକ ବିଜ୍ଞାନୀ କହିଛନ୍ତି ଯେ ୧୯୯୯ ମସିହାର ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନ ଥିଲା। ଅଥଚ ୨୦୧୧ ରୁ ୨୦୨୦ ମଧ୍ୟରେ ୩ ଟି ବଡ ବାତ୍ୟା ସହ ୬ ଟି ବାତ୍ୟା ଓଡିଶା ଉପକୂଳ ଦେଖିସାରିଛି। ଗଞ୍ଜାମ, ପୁରୀ, ଜଗତସିଂପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, ଆନ୍ଧ୍ରରେ ବାତ୍ୟା ଦୃଷ୍ଟିରୁ ଅତି ସଂବେଦନଶୀଳ ବୋଲି କୁହାଯାଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି। ବିପରଜ୍ଜର ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଘାତକ ହୋଇଛି। ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଘାରୁଛି। ଯେମିତି ଲଘୁଚାପ ଦେଖାଯାଉଛି ବାତ୍ୟା ଓ ବନ୍ୟା ର ଡର ତାପାୟନ ବୃଦ୍ଧି ଓ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି। ବିଗତ ଦିନରେ ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ହୋଛି। ଏହା ମନେ ପଡିଲେ ଏବେ ବି ଲୋମ ଟାଙ୍କୁରି ଉଠେ। ବିଗତ ଦିନରେ ଜାପାନରେ ଘଟିଥିବା ସୁନାମୀ ପ୍ରକୃତିର କ୍ରୂରତା ଓ ପରିବେଶ ପ୍ରଦୂଷଣର ଉଦାହରଣ ଏକ ଜ୍ୱଳନ୍ତ ଉଦାହରଣ। ୧୯୯୯ ର ମହାବାତ୍ୟା ଓ ୧୯୯୮ ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ କେବେ ବି ଭୁଲି ପାରିବୁନି। ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ବା ଲଘୁଚାପ ହେଲେ ବାତ୍ୟାର ଭୟ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି। ଟିକେ ଗଭୀର ଭାବରେ ଚିନ୍ତାକଲେ ବା କାରଣ ଖୋଜିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଜଳ , ବାୟୁ ମୃତ୍ତିକା, ଅମ୍ଳଜାନ ଦେଉଛି। ଶ୍ୱାସକ୍ରିୟା ପାଇଁ ପ୍ରକୃତି ବକ୍ଷରେ ଧାରଣ କରିଥିବା ବୃକ୍ଷ ଆଦି ମନୁଷ୍ୟ ସମାଜ ନିଜର ଚାହିଦା ମେଣ୍ଟାଇବାବାକୁ ଯାଇ ବସତି ନିର୍ମାଣ କରିଚାଲିଛି। ବୃକ୍ଷରାଜିକୁ କାଟିବା ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇ ବିଶ୍ୱତାପମାତ୍ରା ବଢିବାରେ ଲାଗିଛି। ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟାରୁ ବାୟୁ , ଜଳ , ମୃତ୍ତିକା ଏସବୁ ପ୍ରଦୂଷିତ ହେଉଛି। ଏଣୁ ପ୍ରକୃତି ମା' ର ସୁକୁମାର ରୂପକୁ ବଜାୟ ରଖିବା ବା ପ୍ରକୃତିରେ ଭାରସାମ୍ୟ ରଖିବାଲାଗି ଓ ତାପ ଏବଂ ଶୀତଳତା ମଧ୍ୟରେ ଭାରସାମ୍ୟ ରଖିବାଲାଗି ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ। ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଏକ ଆହ୍ୱାନ। ବେଶେଷଜ୍ଞଙ୍କ ମତ ଅନୁସାରେ ତାପମାତ୍ରା ବୃଦ୍ଧି ଭବିଷ୍ୟତରେ ଆହୁରି ବଢିଯିବ। ଏଣୁ ମନୁଷ୍ୟ ସମାଜ ସତର୍କ ଓ ସଚେତନ ରହିବା ଆବଶ୍ୟକ। ଏହା ହେଉଛି ଆମ୍ଭମାନଙ୍କ ନିମନ୍ତେ ବର୍ତ୍ତମାନ ପାଇଁ ସମୟର ଆହ୍ୱାନ।

ଶିକ୍ଷୟିତ୍ରୀ, କୋଣାର୍କ

# ଅଦ୍ୱିତୀୟ ଜନନାୟକ ଡ. ହରେକୃଷ୍ଣ ମହତାବ

ରବି ରଥ

ଭାରତମାତାର ସୁଯୋଗ୍ୟ ସନ୍ତାନ ଭାବେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଚିର ସ୍ମରଣୀୟ ହୋଇ ରହିଛନ୍ତି। ଭାରତ ତଥା ଓଡ଼ିଶା ରାଜ୍ୟ ପାଇଁ ତାଙ୍କର ବହୁମୂଲ୍ୟ ଅବଦାନ ଅବିସମ୍ବାଦିତ। ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅଗରପଡ଼ା ଠାରେ ଏକ ସମ୍ଭ୍ରାନ୍ତ କ୍ଷତ୍ରିୟ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଛାତ୍ର ଜୀବନରୁ ଦେଶମାତୃକା ପାଇଁ ମହତାବ ବାବୁ ନିଜକୁ ଉତ୍ସର୍ଗ କରିଦେଇଥିଲେ। ୧୯୨୧ ମସିହାରେ ସେ କଟକ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିବା ବେଳେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ବହୁବାର କାରାବରଣ କରିଥିଲେ। ଓଡ଼ିଶାରୁ ସ୍ୱାଧୀନତା ସଂଗ୍ରାମରେ ଯେଉଁସବୁ ନେତୃସ୍ଥାନୀୟ ବ୍ୟକ୍ତି ଥିଲେ ସେମାନଙ୍କ ମଧ୍ୟରେ ଡ.ମହତାବ ଥିଲେ ଅନ୍ୟତମ। ଏପ୍ରିଲ ପହିଲା ୧୯୩୬ ମସିହା ପୂର୍ବରୁ ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ରାଜ୍ୟ ଅଧୀନରେ ରହିଥିଲା। ଖଣ୍ଡବିଖଣ୍ଡିତ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ରୂପରେଖ ଦେବାରେ ଅନ୍ୟ ନେତୃବୃନ୍ଦଙ୍କ ମଧ୍ୟରେ ମହତାବ ବାବୁଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଲଣ୍ଡନରେ ଅନୁଷ୍ଠିତ ଗୋଲଟେବୁଲ ବୈଠକର ନିଷ୍ପତ୍ତି କ୍ରମେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିପାରିଥିଲା। ଏହାପରେ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାରେ ଗଡ଼ଜାତ ମିଶ୍ରଣ ପାଇଁ ଏକ ବିରାଟ ପଦକ୍ଷେପ ନିଆଯାଇଥିଲା। ଓଡ଼ିଶାରେ ସ୍ୱାଧୀନ ଭାବେ ରହିଥିବା ବହୁ ଗଡ଼ଜାତ ଅଞ୍ଚଳକୁ ଓଡ଼ିଶା ରାଜ୍ୟରେ ସାମିଲ କରିବାରେ ଡ.ମହତାବଙ୍କ ଅବଦାନ ଅବିସ୍ମରଣୀୟ। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାକୁ ଏକ ବଳିଷ୍ଠ ନେତୃତ୍ୱ ଦେବାରେ ହରେକୃଷ୍ଣ ମହତାବ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସର ଜଣେ ନେତା ଭାବରେ ସେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ। ବହୁବାର କାରାବରଣ କରିଥିଲେ ମଧ୍ୟ ଭାରତମାତାର ଦୁର୍ଦ୍ଦିନ ସମୟରେ ସେ ନିଜ ସ୍ୱାର୍ଥକୁ ପଛରେ ପକାଇ ଇଂରେଜମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଜାରି ରଖିଥିଲେ।

ଡ. ମହତାବ ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କରିଥିଲେ। ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଜନ୍ମଗ୍ରହଣ କରିଥିବା ଡ. ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦୁଇ ଦୁଇ ଥର ଦାୟିତ୍ୱ ତୁଲାଇଥିଲେ। ଡ. ମହତାବ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ପ୍ରଥମେ ୧୯୪୬ରୁ ୧୯୫୦ ମସିହା ଏବଂ ଦ୍ୱିତୀୟ ବାର ସେ ୧୯୫୬ ରୁ ୧୯୬୧ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଓଡ଼ିଶାରୁ ଅସ୍ପୃଶ୍ୟତା ଦୂରୀକରଣ ଦିଗରେ ମହତାବଙ୍କ ଅବଦାନ ଚିରସ୍ମରଣୀୟ। ୧୯୩୪ ମସିହାରେ ସେ ଓଡ଼ିଶାର ବିଭିନ୍ନ ମନ୍ଦିରରେ ସବୁ ବର୍ଗର ଜନସାଧାରଣଙ୍କ ପ୍ରବେଶ ନେଇ ଆନ୍ଦୋଳନ ଆରମ୍ଭ କରିଥିଲେ। ସ୍ୱାଧୀନ ଭାରତରେ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଭାବରେ ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରଥମ ଓଡ଼ିଆ ଭାବରେ ସେ ବମ୍ବେର ରାଜ୍ୟପାଳ ପଦବୀ ଅଳଙ୍କୃତ କରିଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହା ସହିତ ତାଙ୍କ ସରକାର ଅମଳରେ ଭାରତର ସବୁଠାରୁ ଦୀର୍ଘତମ ନଦୀବନ୍ଧ ହୀରାକୁଦ ଡ୍ୟାମ ପ୍ରକଳ୍ପ ଆରମ୍ଭ ହୋଇଥିଲା। ୧୯୬୨ ମସିହାରେ ହରେକୃଷ୍ଣ ମହତାବ ଅନୁଗୁଳ ଲୋକସଭା ଆସନରୁ ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ୧୯୬୬ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ଉପସଭାପତି ପଦବୀ ମଣ୍ଡନ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶା ଜନକଂଗ୍ରେସର ନେତୃତ୍ୱ ନେଇ ସେହି ଦଳରୁ ତିନି ତିନିଥର ଓଡ଼ିଶା ବିଧାନସଭାକୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଓଡ଼ିଶା ରାଜନୀତିରେ ଡ. ମହତାବଙ୍କ ଭୂମିକା ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା। ଜଣେ



ନଭେମ୍ବର ୨୧ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ

ବିଚକ୍ଷଣ ରାଜନୀତିଜ୍ଞ ଭାବରେ ସମଗ୍ର ଭାରତ ବର୍ଷରେ ସେ ବେଶ୍ ଜଣାଶୁଣା ଥିଲେ। ବିଶେଷକରି ସବୁ ସମୟରେ ଓଡ଼ିଶାର ବିଭିନ୍ନ ପିଢ଼ିର ନେତାମାନେ ମହତାବଙ୍କ ସୁପରାମର୍ଶ ଗ୍ରହଣ କରି ଆସୁଥିଲେ।

ସାମ୍ବାଦିକତା କ୍ଷେତ୍ରରେ ଡ. ମହତାବଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ପ୍ରଜାତନ୍ତ୍ର ପ୍ରଚାର ସମିତିର ସେ ଥିଲେ ପ୍ରତିଷ୍ଠାତା। ୧୯୨୩ ମସିହାରେ ସେ ପ୍ରଜାତନ୍ତ୍ର ସାପ୍ତାହିକ ଖବର କାଗଜ ପ୍ରକାଶନର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଦୈନିକ ଖବର କାଗଜ ଭାବେ ପ୍ରକାଶ ପାଇ ଓଡ଼ିଶାର ପୁରପଲ୍ଲୀରେ ପରିଚିତ ହୋଇ ପାରିଥିଲା। ଏହି ଖବର କାଗଜ ମାଧ୍ୟମରେ ସେ ଓଡ଼ିଶାରେ ବହୁ ସାମ୍ବାଦିକ ଓ ନେତୃସ୍ଥାନୀୟ ବ୍ୟକ୍ତି ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମହତାବଙ୍କ ପ୍ରେରଣାରେ ସାମ୍ବାଦିକତା ଜଗତରେ ଓଡ଼ିଶାର ବହୁ ଯୁବକ ନିଜ ନିଜର ପରିଚୟ ପାଇପାରିଥିଲେ। ଏହା ସହିତ ସେ ନିଜ ସମ୍ପାଦନାରେ ଇଷ୍ଟର୍ଣ୍ଣ ଟାଇମ୍ସ ନାମକ ଏକ ଇଂରାଜୀ ଖବର କାଗଜ ପ୍ରକାଶ କରିଥିଲେ। ଯାହାଦ୍ୱାରା ଓଡ଼ିଶାରେ ଇଂରାଜୀ ସାମ୍ବାଦିକତା କ୍ଷେତ୍ରରେ ଏକ ଜାଗରଣ ସୃଷ୍ଟି ହୋଇପାରିଥିଲା। ସେ ପ୍ରଜାତନ୍ତ୍ରରେ ଗାଁ ମଜ୍‌ଲିସ୍ ଶୀର୍ଷକରେ ଏକ ସ୍ତମ୍ଭ ଲେଖିଥିଲେ। ଏହି ସ୍ତମ୍ଭ ପଢ଼ିବାପାଇଁ ଓଡ଼ିଶାର ବହୁ ପାଠକ/ପାଠିକା ଉତ୍ସୁକତାର ସହ ଅପେକ୍ଷା କରି ରହୁଥିଲେ। ଗାଁ ମଜ୍‌ଲିସ୍ ପୁସ୍ତକ ଆକାରରେ ପ୍ରକାଶ ପାଇବା ପରେ ଏହି ପୁସ୍ତକର ତୃତୀୟ ଭାଗ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲା। ଡ. ମହତାବ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ଭାବେ କାର୍ଯ୍ୟ ତୁଲାଇବା ସହ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଯାଇଛନ୍ତି। ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ଝଙ୍କାରର ପ୍ରତିଷ୍ଠାତା ଭାବରେ ସେ ବହୁ ସୁନାମର ଅଧିକାରୀ। ଝଙ୍କାରରେ ଲେଖୁଥିବା ଓଡ଼ିଶାର କବି କବୟିତ୍ରୀମାନେ ଜଣେ ଜଣେ ପ୍ରତିଷ୍ଠିତ ଲେଖକ ଭାବରେ ପରିଚିତ ହୋଇଥାନ୍ତି। ଏହାସହିତ ଶିଶୁମାନଙ୍କ ପାଇଁ ମୀନାବଜାର ପତ୍ରିକା, ଆଧ୍ୟାତ୍ମିକ ପତ୍ରିକା ପ୍ରତିଭା, ପ୍ରଜାତନ୍ତ୍ର ସାପ୍ତାହିକୀ ଇତ୍ୟାଦି ବହୁ ପତ୍ରପତ୍ରିକା ତାଙ୍କ ଉଦ୍ୟମରେ ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ପ୍ରକାଶ ପାଇଥିଲା। ତାଙ୍କ ପ୍ରତିଷ୍ଠିତ ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଓଡ଼ିଶାରେ ବିଷୁବ ମିଳନ ପରମ୍ପରା ଆରମ୍ଭ ହେଲା। ବିଷୁବ ମିଳନ ଅବସରରେ ପ୍ରଜାତନ୍ତ୍ର କାର୍ଯ୍ୟାଳୟରେ ଓଡ଼ିଶାର କୋଣ ଅନୁକୋଣରୁ ନିମନ୍ତ୍ରିତ କବି କବୟିତ୍ରୀ ମାନେ କବିତା ପାଠ କରିଥାନ୍ତି। ଏହି ଅବସରରେ ପ୍ରତିଷ୍ଠିତ କବି କବୟିତ୍ରୀ, ଲେଖକ ଲେଖିକା ମାନଙ୍କୁ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବିଷୁବ ପୁରସ୍କାର ପ୍ରଦାନ କରାଯାଇଥାଏ। ଡ. ମହତାବଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପରମ୍ପରା ଆଜି ଓଡ଼ିଶା ସାରା ପରିବ୍ୟାପ୍ତ ହୋଇପାରିଛି। ଓଡ଼ିଶାରେ ପାଠାଗାର ଆନ୍ଦୋଳନର ନେତୃତ୍ୱ ମଧ୍ୟ ହରେକୃଷ୍ଣ ମହତାବ ନେଇଥିଲେ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରେ ୧୯୫୯ ମସିହାରେ ସେ ଏକ ଲାଇବ୍ରେରୀ ପ୍ରତିଷ୍ଠା କରିଥିଲେ। ସମ୍ପ୍ରତି ଏହା ହରେକୃଷ୍ଣ ମହତାବ ରାଜ୍ୟ ସଂଗ୍ରହାଳୟ ଭାବରେ ପରିଚିତ। ଡ. ମହତାବ ଉତ୍କଳ କେଶରୀ ଉପାଧିରେ ବିଭୂଷିତ ହୋଇଥିବା ବେଳେ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହୋଇଥିଲେ। ଓଡ଼ିଶା ଇତିହାସ, ଗାଁ ମଜଲିସ୍, ସାଧନାର ପଥେ ଇତ୍ୟାଦି ବହୁ ପୁସ୍ତକର ଲେଖକ ଭାବରେ ସେ ସୁନାମ ଅର୍ଜନ କରିଛନ୍ତି। ଏହା ସହିତ ସେ ବହୁ ପ୍ରବନ୍ଧ, ନାଟକ, ଉପନ୍ୟାସ ପୁସ୍ତକ ରଚନା କରି ଯାଇଛନ୍ତି।

ଓଡ଼ିଶାର ବିଶିଷ୍ଟ ଜନନେତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, କିନ୍ତୁ ତାଙ୍କର ସାହିତ୍ୟକୃତି, ଦେଶପ୍ରେମ, ସମାଜସେବା କାର୍ଯ୍ୟ ସମସ୍ତ ବର୍ଗର ବ୍ୟକ୍ତିମାନଙ୍କ ପାଇଁ ପ୍ରେରଣା ଯୋଗାଇ ଆସୁଛି। ତାଙ୍କର ସୁପୁତ୍ର ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଉପଯୁକ୍ତ ଦାୟାଦ ଭାବରେ ଡ. ମହତାବଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଜାତନ୍ତ୍ର ପ୍ରଚାର ସମିତିର ବିବିଧ ପରମ୍ପରାକୁ ବଜାୟ ରଖିବା ସହ ପ୍ରଜାତନ୍ତ୍ର, ଝଙ୍କାର, ମୀନାବଜାର, ପ୍ରଜାତନ୍ତ୍ର ସାପ୍ତାହିକୀ ପ୍ରକାଶନ ଧାରାକୁ ଅବ୍ୟାହତ ରଖିପାରିଛନ୍ତି। ଏଥିପାଇଁ ଭର୍ତ୍ତୃହରି ମହତାବ ବାବୁ ଯଥାର୍ଥରେ ଧନ୍ୟବାଦର ପାତ୍ର।

**ସମ୍ପାଦକ ନବୀନ**
**ସଭାପତି, କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ, ଓଡ଼ିଶା**
**ନବୀନ ଭବନ, ବ୍ରହ୍ମପୁର-୧୦**
**ମୋବାଇଲ୍: ୯୮୬୧୦୧୩୬୮୦**

# ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନକୁ ବ୍ୟାନ କରାଯାଉ



କାଳୀ ଦାସ

ଯେତେ ବେଳେ ମୋବାଇଲ ଫୋନ ଭାରତରେ ପ୍ରଥମ ଥର ପାଇଁ ବ୍ୟବହାର କରାଗଲା ତାହା ନିଶ୍ଚିତ ଭାବରେ ସମସ୍ତ ଭାରତୀୟଙ୍କ ପାଇଁ ଏକ ନୂତନ ଯୁଗ ନେଇ ଆସିଲା। ଧିରେ ଧିରେ ମୋବାଇଲ ଫୋନ ସହର ଠାରୁ ଗାଁ ଯାଏଁ ସବୁଠି ବ୍ଯାପିଗଲା । ଆଜି ମନେ ହେଉଛି ବିନା ମୋବାଇଲ ଫୋନ ରେ ଜୀବନ କଟିବ କେମିତି ?। ମୋବାଇଲ ଫୋନ ଆମ ଜୀବନ ର ଅଭିନ୍ନ ଅଙ୍ଗ ହୋଇ ପଡ଼ିଲାଣି। ଗରିବ ଠାରୁ ଗରିବ ଲୋକ ମଧ୍ଯ ଆଜି ମୋବାଇଲ ଫୋନ କବଳ ରୁ ବଞ୍ଚି ପାରୁନାହାନ୍ତି। ମୋବାଇଲ ଫୋନ ଦିନେ କେବଳ ପରସ୍ପର ସପର୍କ ର ସାଧନ ଥିଲା। ବର୍ତ୍ତମାନ ମୋବାଇଲ ଫୋନ ଫୋରଜି ଓ ଫାଇଭଜି ର ନେଟୱର୍କ ସହିତ ମାର୍କେଟ ରେ ଆସିଗଲା ପରେ ଆମ ଦୈନଦିନ ଜୀବନ ରେ ଅନେକ କିଛି ସମସ୍ୟା ର ସମାଧାନ ନେଇ ଆସିପାରିଛି। କିନ୍ତୁ ତା ସହିତ ଅନେକ ସମସ୍ୟା କୁ ମଧ୍ୟ ଜନ୍ମ ଦେଇଛି। ଅପରାଧୀ ତତ୍ତ୍ୱ ମୋବାଇଲ କୁ ଆଧାର କରି ଆମର ବ୍ୟକ୍ତିଗତ ଜୀବନ ଭିତରେ ଦଖଲ ଦେଉଛନ୍ତି ଏବଂ ନିଜ ଘରେ ବସି ସାଧାରଣ ଜନତାଙ୍କୁ ଲୁଟୁଛନ୍ତି। କେବଳ ପଇସା ନୁହେ ବରଂ ତା ସହିତ ଶାନ୍ତି ଓ ବ୍ୟକ୍ତିଗତ ସମ୍ପର୍କ କୁ ମଧ୍ୟ ଛିନ ଭିନ୍ନ କରିବାରେ ସମର୍ଥ ହୋଇଛନ୍ତି। ବର୍ତ୍ତମାନ ସ୍କୁଲ ଓ କଲେଜ ର ଛାତ୍ର ଛାତ୍ରୀଙ୍କ ହାତରେ ସବୁଠାରୁ ସୋଫେଷ୍ଟିକେଟେଡ ମୋବାଇଲ ଫୋନ ଦେଖିବା କୁ ମିଳୁଛି।ଶିକ୍ଷା ଅନୁଷ୍ଠାନ ରେ ଯେଉଁ ପବିତ୍ରତା ରହୁଥିଲା ତାହା ମୋବାଇଲ ଫୋନର ପ୍ରବେଶ ଦ୍ୱାରା ନିଶ୍ଚିତ ଭାବରେ ବ୍ୟାଘାତ ହେଉଛି ।ଶିକ୍ଷ୍ୟାନୁଷ୍ଠାନ ଯେଉଁ ନାଇତିକତା ଓ ମୂଲ୍ୟବୋଧ କୁ ନେଇ ଯୁଗ ଯୁଗ ଧରି ଠିଆ ହେଇଥିଲା ତାହା ଆଉ ରହିନାହିଁ। ଆଜିର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଭିତରେ ପୁରୁଣା ଆଦର୍ଶ ଦେଖିବା କୁ ମିଳୁନି। ଛାତ୍ର ଓ ଚାତ୍ରୀଙ୍କ ଭିତରେ ମଧ୍ୟ ଗୁରୁ ଭକ୍ତି ଓ ଗୁରୁ ପାଇଁ ସମର୍ପଣର ଭାବ ଦୁର୍ଲଭ ହୋଇଯାଇଛି। କବିର ଦାସ



ଗୁରୁ ଶିଷ୍ୟଙ୍କ ସମ୍ପର୍କ ବିଷୟରେ କହିବାକୁ ଯାଇ କହିଥିଲେ ଯେ " ଗୁରୁ କୁମ୍ଭାର ଶିଷ୍ୟ କୁମ୍ଭ ହେ, ଗଢି ଗାଢି କଢଇ ଖୋଟ। ଆନ୍ତର ହାତ ସାହାର ଦୈ ବାହେଁଇ ଚୋଟ" ।ଏହାର ଅର୍ଥ ହେଲା ସାଧାରଣ ଶିଷ୍ୟ ହେଉଛି ମାଟି ର ଗୋଲା ଶିକ୍ଷକ ସେହି ମାଟି ଗୋଲା ର ଭିତରେ ହାତ ଦେଇ ଓ ବାହାରେ ପିଟି ପିଟି ମାଟି ଭିତରୁ ଏକ ସୁନ୍ଦର ହାଣ୍ଡି ତିଆରି କରେ।ଶିଷ୍ୟ ଯେତେବେଳେ ଗୁରୁକୁଳ ପ୍ରବେଶ କରେ ସିଏ କଞ୍ଚା ମାଟି ପରି ଥାଏ । ଶିଷ୍ୟ ଭିତରେ ଥିବା ସମସ୍ତ ଅବଗୁଣ ଦୂର କରି ଗୁରୁ ଶିଷ୍ୟ ଭିତରେ ଗୁଣ ଭରି ଏକ ଶ୍ରେଷ୍ଠ ନାଗରିକ ତିଆରି କରିଥାଏ।

ଗୁରୁକୁଳ ବିଦ୍ୟାଳୟ ଓ କଲେଜ ସବୁଗୁଡିକ ଅନୁଷ୍ଠାନ ଆମର ଆଗାମୀ ପିଡିଙ୍କୁ ଶ୍ରେଷ୍ଟ ନାଗରିକ ଓ ଶ୍ରେଷ୍ଟ ମଣିଷ ଗଢିବା ପାଇଁ ତିଆରି କରାଯାଇଅଛି ।କିନ୍ତୁ ଆଜିର ଶିକ୍ଷା ଅନୁଷ୍ଠାନ ରେ ଏ ମହତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଯେଉଁଥି ପାଇଁ ଏକ ଉନ୍ନତ ସମାଜର କଳ୍ପନା ଆମେ କରିପାରୁନାହୁଁ। ବିଗତ ଦିନ ଉତ୍ତର ପ୍ରଦେଶରେ ଗୋଟିଏ ଦଶମ ଶ୍ରେଣୀର ଛାତ୍ର ଓ ଅନ୍ୟ ତିନି ଜଣ ମିଶି ଶିକ୍ଷୟତ୍ରୀଙ୍କ ଏକ ଭିଡ଼ିଓ ଉଠାଇଥିଲେ ଓ ଶିକ୍ଷୟତ୍ରୀଙ୍କୁ ବ୍ଲାକମେଲ କରିଥିଲେ।ସେହିପରି ଅନେକ ସ୍ଥାନ ରେ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କ ଭିଡିଓ ଉଠାଇବା ଓ ବ୍ଲାକମେଲ କରିବା ଖବର ମିଳିଛି।ଶିକ୍ଷକ ଭିଡିଓ ଉଠାଇ ଓ ଫୋଟୋଗ୍ରାଫ ଦେଖାଇ ଛାତ୍ରୀଙ୍କୁ ବଳତ୍କାର କରିବା ଦୃଷ୍ଟାନ୍ତ ବି ମିଳିଲାଣି।ଶିକ୍ଷାନୁଷ୍ଠାନ ରେ ପ୍ରଶ୍ନ ପତ୍ର ଲିକ ହେବା ଖବର ବିଭିନ୍ନ ଗଣମାଧ୍ୟମ ରେ ଅନେକ ଥର ପ୍ରକାସ ପାଇଥାଏ।

ତେଣୁ ଏହି ଅଘଟଣ ଗୁଡିକୁ ଆଖିରେ ରଖି ଯଦି ମୋବାଇଲ ଫୋନ କୁ ଶିକ୍ଷାନୁଷ୍ଠାନରେ ବ୍ୟାନ କରାଯାଏ ତାହେଲେ ଫୋନ ଜନିତ ଘଟୁଥିବା ଅଘଟଣ ରୋକିଦିଆଯାଇ ପାରିବ। ବିଶ୍ୱରେ ଅନେକ ଦେଶର ସ୍କୁଲ ରେ ମୋବାଇଲ ଫୋନ କୁ ବ୍ୟାନ କରାଯାଇଛି।ଆମେରିକା ପରି ଗୋଟିଏ ଡେଭଲେପଟେଡ ଦେଶ ରେ ଏବଂ ଅନ୍ୟ କିଛି ୟୁରୋପିଏନ ଦେଶ ରେ ମୋବାଇଲ ଫୋନ କୁ ଶିକ୍ଷାନୁଷ୍ଠାନ ଭିତରେ ସ୍ଥାନ ଦିଆଯାଉ ନାହିଁ। ସେହିପରି ନାଇଜେରିଆ, ବ୍ରାଜିଲ କମ୍ବୋଡିଆ ଓ ସାଉଦକୋରିଆ ପ୍ରଭୃତି ଦେଶ ର ସ୍କୁଲ କୁ ମୋବାଇଲ ନେବା ପାଇଁ ଅନୁମତି ଦିଆ ଯାଇନାହିଁ। କୌଣସି ଏକ ବଡ ଅଘଟଣ ଘଟିବା ପାଇଁ କଣ ଆମେ ପ୍ରତୀକ୍ଷା କରିବା ?।ଏବଂ ତାପରେ ଶିକ୍ଷାନୁଷ୍ଠାନ ରେ ମୋବାଇଲ ଫୋନ ର ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଇବା।ଶିକ୍ଷାନୁଷ୍ଠାନ ରେ କେବଳ ଛାତ୍ର ଛାତ୍ରୀଙ୍କ ମୋବାଇଲ ଫୋନ୍ ବ୍ୟବହାର ରେ କଟକଣା କଲେ ହେବନାହିଁ।ଶିକ୍ଷକ ଓ ଶିକ୍ଷୟତ୍ରୀ ମଧ୍ୟ ଏହି ନିୟମ କୁ ମାନିବା କୁ ପଡ଼ିବ ।ଯଦି ଶିକ୍ଷକ ଓ ଶିକ୍ଷୟତ୍ରୀ ସ୍କୁଲ କଲେଜ କୁ ମୋବାଇଲ ଫୋନ ନେବେ ତାହେଲେ ଶିକ୍ଷକଙ୍କ ଦ୍ୱାରା ହେଉଥିବା ମୋବାଇଲ ଜନିତ ଅପରାଧ ଉପରେ ଆମେ କେମିତି କଟକଣା କରିପାରିବା ?।

ବ୍ରହ୍ମପୁର, ଖୋଡାସିଂଙ୍ଗି କଳିଙ୍ଗନଗର,
ମୋବାଇଲ୍: ୭୨୦୫୧୦୦୮୩୯

# ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ: ୧୨ ଯବାନ ନିହତ

**ଇସଲାମାବାଦ, ୨୦।୧୧:** ଉତ୍ତର-ପଶ୍ଚିମ ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶର ବାନ୍ନୁ ଜିଲ୍ଲାର ଏକ ସିକ୍ୟୁରିଟି ପୋଷ୍ଟ ନିକଟରେ ଆତ୍ମଘାତୀ ବିସ୍ଫୋରଣରେ ଅତି କମରେ ୧୨ ଜଣ ଯବାନ ନିହତ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ବିସ୍ଫୋରଣ ପଛରେ ପାକିସ୍ତାନୀ ତାଲିବାନର ହାଫିଜ ଗୁଲ ବାହାଦୂର ଗୋଷ୍ଠୀର ହାତ ରହିଛି। ଏହି ଆତଙ୍କବାଦୀ ସଙ୍ଗଠନ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଏକ ବିସ୍ଫୋରକ ଭର୍ତ୍ତି ଯାନରେ ଜଣେ ଆତ୍ମଘାତୀ ଆତଙ୍କବାଦୀ ଆସି ସିକ୍ୟୁରିଟି ପୋଷ୍ଟ ନିକଟରେ ବିସ୍ଫୋରଣ କରିଥିଲା। ଏହି ବିସ୍ଫୋରଣ ଏତେ ଭୟାନକ ଥିଲା ଯେ, ନିକଟରେ ଥିବା ଯବାନଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ଦୂରକୁ ଛିଟିକି ପଡ଼ିଥିଲା। ଆହତ ମାନଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଅତି ଗୁରୁତର ଥିବା ଜଣାଯାଇଛି। ସେମାନଙ୍କୁ



ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ପରେ ସମଗ୍ର ଇଲାକାକୁ ସୁରକ୍ଷା ବାହିନୀ ଘେରାଉ କରି ରଖିବା ସହ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଧରିବା ନିମନ୍ତେ ଅଭିଯାନ ଆରମ୍ଭ କରାଯାଇଛି। ତେବେ ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ କୌଣସି ଅଫିସିଆଲ ବୟାନ ଜାରି କରାଯାଇ ନାହିଁ। କିନ୍ତୁ ଆତଙ୍କୀଙ୍କ ବିରୋଧରେ ସୁରକ୍ଷା ବାହିନୀ ଏକ ଅପରେସନ ଚଳାଇଥିବା ଗୁଇନ୍ଦା ଅଧିକାରମାନେ କହିଛନ୍ତି। ପାକିସ୍ତାନୀ ତାଲିବାନକୁ 'ତହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି)' ନାମରେ ମଧ୍ୟ ଜଣାଯାଇଥାଏ। ଏହା ଏକ ପୃଥକ ଗୋଷ୍ଠୀ, କିନ୍ତୁ ଏହି ଗୋଷ୍ଠୀ ଆଫଗାନିସ୍ତାନ ତାଲିବାନର ସହଯୋଗୀ, ଯିଏ ୨୦୨୧ରେ ଅଫଗାନିସ୍ତାନରେ ଶାସନ ସମ୍ଭାଳିଥିଲା। ଟିଟିପି ପାଇଁ ଆଫଗାନିସ୍ତାନରେ ତାଲିବାନର କବଜା ସଫଳ ହୋଇଥିଲା। ଏହାର ପ୍ରମୁଖ ନେତା ଓ ଯୋଦ୍ଧା ଆଫଗାନିସ୍ତାନରେ ଲୁଚି ରହିଛନ୍ତି।

## ବାହାଘର ପ୍ରସ୍ତାବକୁ ମନା କଲେ ଗୁରୁମା
# ସ୍କୁଲରେ ପଶି ତଣ୍ଟି କାଟିଦେଲା ପ୍ରେମୀ

**ଚେନ୍ନାଇ, ୨୦।୧୧:** ଏକତରଫା ଭଲ ପାଇବାର ଭୟଙ୍କର ରୂପ ସାମ୍ନାକୁ ଆସିଛି। ଗୋଟିଏ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ତାଙ୍କର ଜଣେ ଏକତରଫା ପ୍ରେମିକ ନିର୍ମମ ଭାବେ ହତ୍ୟା କରିଛି। ସେ ଗୁରୁମାଙ୍କୁ ପାଗଳଙ୍କ ଭଳି ଭଲ ପାଇବା ସହ ତାଙ୍କୁ ବାହା ହେବାକୁ ପ୍ରସ୍ତାବ ଦେଇଥିଲା। ଘର ଲୋକଙ୍କ ଦ୍ୱାରା ଗୁରୁମାଙ୍କ ପାଖକୁ ବାହାଘର ପ୍ରସ୍ତାବ ଆସିଥିଲେ ହେଁ ସେ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ବାସ୍ ଏଥିରେ ରାଗି ଯାଇ ପାଗଳ ପ୍ରେମିକ ଜଣକ ସ୍କୁଲରେ ପଶି ଗୁରୁମାଙ୍କ ତଣ୍ଟି କାଟି ହତ୍ୟା କରିଛି। ତାମିଲନାଡୁର ତାଞ୍ଜାଭୁର ଅଞ୍ଚଳରେ ଏପରି ଘଟଣା ଘଟିଛି। ମାଲ୍ଲିପଟନମ ସରକାରୀ ସ୍କୁଲରେ ଆଜି ୨୬ ବର୍ଷୀୟ ଗୁରୁମା ରମଣୀ ରହିଥିବା ବେଳେ ୩୦ ବର୍ଷୀୟ ମଦନ ପ୍ରବେଶ କରିଥିଲା। ଏହାପରେ ସେ ରମଣୀଙ୍କୁ ଗୋଟିଏ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ତାଙ୍କ ତଣ୍ଟିକୁ କାଟି ଦେଇଥିଲା। ଗୁରୁତର ଅବସ୍ଥାରେ ରମଣୀଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଅଧା ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଛି। ପୁଲିସ୍ ଏହି ଘଟଣାରେ ଅଭିଯୁକ୍ତ ମଦନକୁ ଗିରଫ କରି ଜେରା ଆରମ୍ଭ କରିଛି। ଜେରା ବେଳେ ମଦନ ନିଜର ଅପରାଧକୁ ସ୍ୱୀକାର କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ମଦନ ଏକତରଫା ଭାବେ ରମଣୀଙ୍କୁ ଭଲ ପାଉଥିଲା। ନିକଟରେ ମଦନର ପରିବାର ଲୋକ ବାହାଘର ପ୍ରସ୍ତାବ ନେଇ ରମଣୀଙ୍କ ଘରା ପହଞ୍ଚିଥିଲେ। ଉଭୟ ପରିବାର ଏକାଠି ବସିବା ସହ ଉଭୟଙ୍କ ବାହାଘର ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ରମଣୀ ବିବାହ ପ୍ରସ୍ତାବରେ ରାଜି ହୋଇ ନଥିଲେ। ରମଣୀ ସିଧାସଳଖ ବାହା ହେବାକୁ ମନା କରିଦେବାରୁ ମଦନକୁ ଏହା ବେଶ ବାଧିଥିଲା। ତେଣୁ ଏହାର ପ୍ରତିଶୋଧ ନେବାକୁ ସେ ସ୍କୁଲରେ ପଶି ରମଣୀଙ୍କୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ବିବାହ ଉତ୍ସବରେ ଟଙ୍କା ବର୍ଷା
# ଜେସିବି ଓ ଛାତ ଉପରୁ ଉଡ଼ାଇଦେଲେ ୨୦ ଲକ୍ଷ

**ଲକ୍ଷ୍ନୌ, ୨୦।୧୧:** ନିଜ ବିବାହକୁ ଖାସ୍ କରିବାରୁ ଲୋକେ ପାଣି ପରି ଟଙ୍କା ଖର୍ଚ୍ଚ କରନ୍ତି। କିଏ ମେନୁ ତ କିଏ ଭେନ୍ୟୁ ଆଉ କିଏ ସାଜସଜା ଓ ଖାଇବାପିଇବାରେ ଉଡ଼ାନ୍ତି ଟଙ୍କା। ହେଲେ କେଉଁଠି ବିବାହ ଉତ୍ସବରେ ଟଙ୍କା ଉଡ଼ାଯାଉଥିବାର ଖବର ଶୁଣିଛନ୍ତି। ଏପରି ଏକ ଘଟଣା ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଜିଲ୍ଲାରେ ଘଟିଛି। ସେଠାରେ ଏକ ବିବାହ ଉତ୍ସବ ଚାଲିଥିବା ବେଳେ ଉଡ଼ିଲା ଟଙ୍କା। ବର ପକ୍ଷର ବନ୍ଧୁ ପରିଜନ ଛାତ ଉପରେ ତଥା ଏକ ଜେସିବି ଉପରେ ଚଢ଼ି ପ୍ରାୟ ୨୦ ଲକ୍ଷ ଟଙ୍କା ଉଡ଼ାଇଥିବା ଜଣାଯାଇଛି। ଏହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି, ବ୍ୟାଣ୍ଡ, ବାଜା ବଜାଇ ବର ପକ୍ଷ କନିଆ ଘର ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ବିବାହ ଆରମ୍ଭ ହୋଇଥିବା ବେଳେ କନିଆ ଘର ଛାତ ଉପରେ ତଥା ନିକଟରେ ଥିବା ଜେସିବି ଉପରେ ବର ଯାତ୍ରୀ ଚଢ଼ି ଯାଇଥିଲେ। ଏହାପରେ ସେମାନେ ଯାହା କଲେ ସମସ୍ତେ ଚକିତ ହୋଇଗଲେ। କାରଣ କାଗଜ ଖଣ୍ଡ ଉଡ଼ିବା ପରି ଆକାଶରୁ ଉଡ଼ିଲା ଟଙ୍କା। ଛାତ ଉପରେ ତଥା ଜେସିବି ଉପରେ ଚଢ଼ିଯାଇଥିବା ବର ଯାତ୍ରୀ ଖାଲି ଶହେ ଓ ଦୁଇ ଶହ ଓ ୫ଶହ ଟଙ୍କାର ନୋଟ୍ ବର୍ଷା କରିବାକୁ ଲାଗିଲେ। ଏପରି କରି ସେମାନେ ପ୍ରାୟ ୨୦ ଲକ୍ଷ ଟଙ୍କା ଉଡ଼ାଇ ଦେଇଥିବା ଶୁଣିବାକୁ ମିଳୁଛି। ତଳେ ଥିବା ଲୋକେ ଆଖି ପିଛୁଳାକେ ଏହି ସବୁ ନୋଟ୍ ଗୋଟାଇ ନେଇ ଯାଇଥିଲେ। ଏହି ବିବାହକୁ ନେଇ ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଚାଲିଥିବା ବେଳେ ଏହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି।

## ବିଟ୍‌କଏନ୍ ଘୋଟାଲା
# ସୁପ୍ରିୟାଙ୍କ ବିରୋଧରେ ଅଭିଯୋଗ ଆଣିଲେ ଅଜିତ ପାୱାର

**ମୁମ୍ବାଇ, ୨୦।୧୧:** ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ପାଇଁ ଚାଲିଛି ଭୋଟିଂ। ଏହି ଭୋଟିଂ ଭିତରେ ବିଟ୍‌କଏନ୍ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ପୁଣେର ଜଣେ ପୂର୍ବତନ ଆଇପିଏସ୍ ଅଧିକାରୀ ଏନସିପି ନେତା ସୁପ୍ରିୟା ସୁଲେ ଏବଂ ମହାରାଷ୍ଟ୍ର କଂଗ୍ରେସ ଅଧ୍ୟକ୍ଷ ନାନା ପଟୋଲେଙ୍କୁ ବିଟକଏନ୍ ଅପବ୍ୟବହାର କରିଥିବା ଏବଂ ୨୦୧୮ରେ ବିଧାନସଭା ନିର୍ବାଚନରେ ସେହି ଟଙ୍କା ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହି ପ୍ରସଙ୍ଗରେ ଭଉଣୀ ସୁପ୍ରିୟା ସୁଲେଙ୍କୁ ଟାର୍ଗେଟ୍ କରିଛନ୍ତି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାର। ବିଜେପି ଯେଉଁ ଅଡିଓ କ୍ଲିପ୍ ଜାରି କରି ସୁପ୍ରିୟା ସୁଲେ ଓ ନାନା ପଟୋଲେଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି, ତାକୁ ନେଇ ଏବେ ମୁହଁ ଖୋଲିଛନ୍ତି ଅଜିତ ପାଓ୍ୱାର। ଏହି ଘଟଣାର ତଦନ୍ତ କରାଯିବା ଉଚିତ। ମୁଁ ଏହି ସମ୍ବନ୍ଧୀୟ ଖବର ଦେଖିଛି। ମୁଁ ଅନେକ ବର୍ଷ ଧରି ନାନା ପଟୋଲେଙ୍କୁ ଜାଣିଛି। ସେ ବାଚସ୍ପତି ଥିଲେ ଏବଂ ମୁଁ ତାଙ୍କ ସ୍ୱରକୁ ଚିହ୍ନିଛି। କିନ୍ତୁ ମୁଁ କିଛି ସ୍ପଷ୍ଟ ଭାବରେ କହିପାରିବି ନାହିଁ। କାରଣ କିଛି ଲୋକ ଭଏସ୍ ନକଲ କରିପାରନ୍ତି। ହେଲେ ଏହି ଅଡିଓ କ୍ଲିପ୍‌ରେ ଥିବା ସ୍ୱର ହେଉଛି ସୁପ୍ରିୟା ସୁଲେ ଏବଂ ନାନା ପଟୋଲେଙ୍କ। ତେଣୁ ଏହି ଘଟଣାର ତଦନ୍ତ କରାଯିବ ଉଚିତ। ତଦନ୍ତ ପରେ ଏହା ସ୍ପଷ୍ଟ ହୋଇଯିବ ବୋଲି ଅଜିତ ପାଓ୍ୱାର କହିଛନ୍ତି। ସେପଟେ ସୁପ୍ରିୟା ସୁଲେଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ଏନସିପି ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି ଯେ ଏହି ଅଭିଯୋଗ ଆଣିଥିବା ବ୍ୟକ୍ତି ବହୁ ମାସ ଧରି ଜେଲରେ ଥିଲେ। ଏଭଳି ବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ମିଥ୍ୟା ଅଭିଯୋଗ ଆଣିବା, କେବଳ ବିଜେପି ହିଁ ଏହା କରିପାରେ। ବିଜେପି କେତେ ତଳକୁ ଖସିପାରେ, ଏହା ହେଉଛି ତା'ର ଏକ ଉଦାହରଣ। ସେହିପରି ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ନାନା ପଟୋଲେ ମଧ୍ୟ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ବିଜେପି ଉପରେ ବର୍ଷିଛନ୍ତି। ନିର୍ବାଚନର ଦିନକ ପୂର୍ବରୁ ବିଜେପି ଏକ ହୀନ କାମ କରିଛି। ଯେଉଁ ଅଡିଓ କ୍ଲିପ୍‌କୁ ବିଜେପି ଜାରି କରିଛି, ସେଥିରେ ମୋର ଭଏସ୍ ନୁହେଁ। ମୁଁ ଜଣେ କୃଷକ ମୁଁ ବିଟକଏନ୍ କ'ଣ ବୁଝେନି। ବିଜେପି ମୋତେ ବଦନାମ କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ପୂର୍ବତନ ଆଇପିଏସ୍ ଅଧିକାରୀ ରବିନ୍ଦ୍ର ନାଥ ପାଟିଲ ଅଭିଯୋଗ କରିଛନ୍ତି ଯେ ଏନସିପି (ଶରଦ ପାୱାର ଦଳ) ନେତା ସୁପ୍ରିୟା ସୁଲେ ଏବଂ ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପଟୋଲେ ଏକ କ୍ରିପ୍ଟୋକରେନ୍ସି ସ୍କାମରେ ଜଡିତ ଅଛନ୍ତି। ବିଜେପି ତୁରନ୍ତ ଏହି ଅଭିଯୋଗକୁ ଗ୍ରହଣ କରି ଗଣମାଧ୍ୟମରେ ଏକ ଅଡିଓ କ୍ଲିପ୍ ଉପସ୍ଥାପନ କରିଛି, ଯେଉଁଥିରେ 'ବିଟକଏନ୍ ଦୁର୍ନୀତି'ରେ ନାନା ପଟୋଲେ ଓ ସୁପ୍ରିୟା ସୁଲେଙ୍କ ସମ୍ପୃକ୍ତି ଥିବା ପ୍ରମାଣ ବୋଲି ଦାବି କରାଯାଇଛି।

# କାର୍ ଧକ୍କାରେ ଗଲା ସାମ୍ବାଦିକଙ୍କ ଜୀବନ

**ଚେନ୍ନାଇ, ୨୦।୧୧:** ଦେଶରେ ଦିନକୁ ଦିନ ବଢ଼ି ଚାଲିଛି ହିଟ୍ ଆଣ୍ଡ ରନ୍ ମାମଲା। କିଏ କାହାକୁ ଧକ୍କା ଦେଇ ୨ରୁ ୩ କିଲୋମିଟର ଘୋଷାଡ଼ି ନେଉଛି ତ ଆଉ କିଏ ଗାଡି ଚଢ଼ାଇ ଫେରାର ହୋଇଯାଉଛି। ଏଭଳି ହିଁ ଏକ ମାମଲା ଏବେ ସାମ୍ନାକୁ ଆସିଛି। ବିଏମ୍‌ଡବ୍ଲୁ କାର୍ ଧକ୍କାରେ ଜଣେ ସାମ୍ବାଦିକଙ୍କ ମୃତ୍ୟୁ ହୋଇଛି। ଚେନ୍ନାଇରେ ଘଟିଛି ଏଭଳି କିଛି ଘଟଣା। ମଙ୍ଗଳବାର ବିଳମ୍ବିତ ରାତିରେ ବାଇକ୍‌ରେ ଯାଉଥିବା ଜଣେ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କୁ ଦ୍ରୁତ ଗତିରେ ଆସି ଏକ ବିଏମ୍‌ଡବ୍ଲୁ କାର୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ୧୦୦ ମିଟର ଦୂରକୁ ସେ ଛିଟିକି ପଡିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ଧକ୍କା ଦେବା ପରେ ବିଏମ୍‌ଡବ୍ଲୁ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମୃତ ସାମ୍ବାଦିକ ଜଣକ ହେଉଛନ୍ତି ପଣ୍ଡି ବଜାରର ପ୍ରଦୀପ କୁମାର। ସେ ଏକ ଲୋକପ୍ରିୟ ତେଲୁଗୁ ନ୍ୟୁଜ୍ ଚ୍ୟାନେଲରେ ଚାକିରି କରୁଥିଲେ। ଏହା ସହିତ ସେ ସହରରେ ପାର୍ଟ ଟାଇମ୍ ଭାବେ ରାପିଡୋ ଡ୍ରାଇଭର କାର୍ଯ୍ୟ କରୁଥିଲେ। ମଦୁରାଭୋୟାଲ୍-ତାମ୍ବରମ୍ ଏଲିଭେଟେଡ୍ ବାଇପାସ୍ ଉପରେ ଏହି ଦୁର୍ଘଟଣା ଘଟିଥିଲା। ଏକ ବିଏମଡବ୍ଲୁ କାର ବାଇକ୍‌ରେ ଯାଉଥିବା ଭିଡିଓ ଜର୍ଣ୍ଣାଲିଷ୍ଟ ପ୍ରଦୀପଙ୍କୁ ପଛପଟୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ପ୍ରଦୀପଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ କାରର ଡ୍ରାଇଭର ସେହି ସ୍ଥାନ ଛାଡ଼ି ସେଠାରୁ ଫେରାର ହୋଇ ଯାଇଥିଲେ। ଏନେଇ ରାସ୍ତାରେ ଯାଉଥିବା ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୁଇ ଚକିଆ ଯାନକୁ ଉଦ୍ଧାର କରିଥିଲା। ଘଟଣାସ୍ଥଳରୁ ୧୦୦ ମିଟର୍ ଦୂରରେ ପୀଡ଼ିତଙ୍କ ମୃତଶରୀରକୁ ପୁଲିସ୍ ଉଦ୍ଧାର କରିଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ବିଏମ୍‌ଡବ୍ଲୁ କାର୍‌କୁ ଜବତ କରାଯାଇଛି।

# ମଦ ଭାବି ପିଇ ଦେଲେ ଟଏଲେଟ୍ କ୍ଲିନର୍, ଚାଲିଗଲା ଜୀବନ

**ଡେରାଡୁନ, ୨୦।୧୧:** ଘାରିଲା ମଦ ନିଶା। ନିଶା ଏମିତି ଯେ, ବୋତଲରେ କ'ଣ ଅଛି ତାହା ବି ଭୁଲିଗଲେ। ମଦ ଭାବି ପିଇ ଢ଼କ ଢ଼କ କରି ପିଇ ଗଲେ ଟଏଲେଟ୍ କ୍ଲିନର୍। ଏହାପରେ ଚାଲିଗଲା ଜଣେ ବୃଦ୍ଧଙ୍କ ଜୀବନ। ଉତ୍ତରାଖଣ୍ଡର ପୌଡି ଜିଲ୍ଲାରେ ଘଟିଛି ଏଭଳି କିଛି ଘଟଣା। ମୃତକ ଜଣକ ହେଲେ ଭଗବାନ ସିଂହ। ତାଙ୍କ ବୟସ ୬୭ ବର୍ଷ। ସେ ଉତ୍ତରାଖଣ୍ଡ ପୌଡି ଜିଲ୍ଲାର ଜାମଲା ଗାଁର ବାସିନ୍ଦା। ପୁଲିସ କହିବା ମୁତାବକ, ଭଗବାନ ସିଂହ ନିଜ ପୁତୁରାର ବିବାହ ସମାରୋହରେ ସାମିଲ ହେବା ପରେ ରବିବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ତେବେ ଘରେ ଏକ କାଚ ବୋତଲରେ ପାଣି ବଦଳରେ ଟଏଲେଟ୍ କ୍ଲିନର ରଖାଯାଇଥିଲା। ତେବେ ଭଗବାନ ସିଂହ ଭୁଲ୍‌ରେ ତାକୁ ମଦ ଭାବି ଟଏଲେଟ୍ କ୍ଲିନର୍ ପିଇ ଦେଇଥିଲେ। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପୌଡିର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରବୀଣ କୁମାର କହିଛନ୍ତି ଯେ ପୋଷ୍ଟମର୍ଟମ ପରେ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ସେପଟେ ଏହି ଘଟଣା ସାମ୍ନାକୁ ଆସିବା ପରେ ଗାଁ ଲୋକେ ଆଶ୍ଚର୍ଯ୍ୟ ହୋଇପଡିଛନ୍ତି।

## ୟୁପି ଉପନିର୍ବାଚନ
# ବୁର୍ଖା ପିନ୍ଧା ମହିଳାଙ୍କୁ ଯାଞ୍ଚ ନେଇ ସପାର ଆପତ୍ତି

**ଲକ୍ଷ୍ନୌ, ୨୦।୧୧:** ଉତ୍ତର ପ୍ରଦେଶର ୯ଟି ବିଧାନସଭା ଆସନରେ ଆଜି ଉପନିର୍ବାଚନ ଲାଗି ଭୋଟ ଗ୍ରହଣ ହେଉଛି। ଏଥିଲାଗି ଆଜି ସକାଳ ୭ଟାରୁ ବିଭିନ୍ନ ଭୋଟଗ୍ରହଣ କେନ୍ଦ୍ର ଆଗରେ ଲମ୍ବା ଲାଇନ ଲାଗିଛି। ବିଶେଷ କରି ମହିଳା ଭୋଟରମାନେ ବିଭିନ୍ନ ଭୋଟଗ୍ରହଣ କେନ୍ଦ୍ର ଆଗରେ ଧାଡ଼ି ଲଗାଇଛନ୍ତି। ତେବେ ଭୋଟଗ୍ରହଣ କେନ୍ଦ୍ର ଆଗରେ ବୁର୍ଖା ପିନ୍ଧା ମହିଳାଙ୍କୁ ପୋଲିସ ଯାଞ୍ଚ କରିବା ଉପରେ ସମାଜବାଦୀ ପାର୍ଟୀ ଅଭିଯୋଗ ଆଣିଛି। ମହିଳାଙ୍କ ବୁର୍ଖା ଖୋଲି ଯାଞ୍ଚ କରିବାର ଅଧିକାର ପୋଲିସର ନାହିଁ ବୋଲି ସମାଜବାଦୀ ପାର୍ଟୀ ଅଭିଯୋଗ କରିଛି। ଅନ୍ୟ ପକ୍ଷରେ ବିଜେପି ଅଭିଯୋଗ କରିଛି ଯେ, କେତେକ ମହିଳା ବୁର୍ଖା ପିନ୍ଧି ଆସି ଜାଲ ଭୋଟ ଦେଉଛନ୍ତି ଏବଂ ଏକାଧିକଥର ଭୋଟ ଦେଉଛନ୍ତି। ଏପରିକି କିଛି ପୁରୁଷ ମଧ୍ୟ ବୁର୍ଖା ପିନ୍ଧି ଆସି ନିଜ ପ୍ରକୃତ ପରିଚୟ ଲୁଚାଇ ଭୋଟ ଦେଉଥିବା ବିଜେପି ଅଭିଯୋଗ କରିଛି। ଉତ୍ତର ପ୍ରଦେଶ ବିଜେପିର ଅଖିଳେଶ କୁମାର ଅବସ୍ଥୀ ଲେଖିଥିବା ଚିଠିରେ ଦାବି କରିଛନ୍ତି ଯେ "ମୁହଁ ଘୋଡ଼ାଇଥିବା ମହିଳାମାନେ ଏକାଧିକ ଥର ଭୋଟ ଦେବାକୁ ଚେଷ୍ଟା କରୁଥିବା ଘଟଣା ପୂର୍ବରୁ ଦେଖିବାକୁ ମିଳିଛି। ଏପିରି କି କିଛି ପୁରୁଷ ବୁର୍ଖା ପିନ୍ଧି ଭୋଟ କେନ୍ଦ୍ରରେ ପଶିବା ସହ ଭୋଟ ଦେଇଛନ୍ତି। ଅନେକ ସମୟରେ ଏପରି ଲୋକ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଟକ ରହିଛନ୍ତି। ଯଦି ଏବେ ବୁର୍ଖା ପିନ୍ଧିଥିବା ମହିଳାଙ୍କ ପରିଚୟ ଯାଞ୍ଚ ନ ହେବ, ତା'ହେଲେ ନକଲି ଭୋଟିଂ ବଢ଼ିବ। କେବଳ ଉପଯୁକ୍ତ ଚେକିଂ ଦ୍ୱାରା ସ୍ୱଚ୍ଛ ଓ ନିରପେକ୍ଷ ଭୋଟ ହୋଇପାରିବ।"

ଅନ୍ୟପକ୍ଷରେ ବିରୋଧୀ ସମାଜବାଦୀ ପାର୍ଟି କିଛି ପୁଲିସ୍ କେମିତି ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକଙ୍କ ଭୋଟ ପରିଚୟପତ୍ରକୁ ଯାଞ୍ଚ କରି



ସେମାନଙ୍କୁ ଭୋଟ ଦାନରୁ ଦୂରେଇ ରଖୁଛନ୍ତି, ସେକଥା କହିଛି। କଂଗ୍ରେସ ମଧ୍ୟ ପୁଲିସ୍ ଅଧିକାରୀଙ୍କ ହରକତର ଭିଡିଓ ଜାରି କରିଛି। ସମାଜବାଦୀ ପାର୍ଟିର ମୁଖ୍ୟ ତଥା ସାଂସଦ ଅଖିଲେଶ ଯାଦବ ଶେୟାର କରିଥିବା ଭିଡିଓରେ କେମିତି ୨ ଜଣ ପୁଲିସ୍ କେମିତି ଭୋଟରଙ୍କୁ ପରିଚୟପତ୍ର ମାଗୁଛନ୍ତି, ତା'ର ଦୃଶ୍ୟ ରହିଛି। ସେ ଏହି ଘଟଣାରେ ନିର୍ବାଚନ କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଅଖିଲେଶ ଯାଦବ କହିଛନ୍ତି, "ଯଦି ନିର୍ବାଚନ କମିଶନ ରହିଛନ୍ତି, ତା'ହେଲେ ଏହା ଆଗକୁ ଆସୁ। ପୁଲିସ୍ ଯେମିତି ଆଇଡି ଚେକ ନ କରିବ, ରାସ୍ତା ବନ୍ଦ ନ ହେବ, ପରିଚୟପତ୍ର ସିଜ ନ ହେବ, ଭୋଟରଙ୍କୁ ଧମକ ନ ଦିଆଯିବ, ଭୋଟିଂ ବେଗ ଯେମିତି ଧିମା ନ ହେବ ଓ ପ୍ରଶାସନ ଯେମିତି ଶାସକ ଦଳର ପ୍ରତିନିଧି ନ ସାଜିବ, ତା'କୁ ନିଶ୍ଚିତ କରନ୍ତୁ।" ଅଖିଲେଶ ପୋଷ୍ଟ ଉପରେ କାନପୁର ପୁଲିସ୍ ପ୍ରତିକ୍ରିୟା ଦେଇଛି। ଭୋଟରଙ୍କୁ ପରିଚୟପତ୍ର ମାଗୁଥିବା ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିବା ପୁଲିସ କହିଛି।

## ୟୁପିରେ ମହିଳାଙ୍କ ଶବ ଉଦ୍ଧାର
# ବିଜେପିକୁ ସମର୍ଥନରୁ ହତ୍ୟା ଅଭିଯୋଗ

**ଲକ୍ଷ୍ନୌ, ୨୦।୧୧:** ଉତ୍ତରପ୍ରଦେଶର ୯ଟି ବିଧାନସଭା ଆସନରେ ଆଜି ଉପନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଏହା ପୂର୍ବରୁ ଏକ ରାଜନୈତିକ ହତ୍ୟା ଅଭିଯୋଗ ଆସିଛି। ବିଜେପିକୁ ସମର୍ଥନ କରୁଥିବା ଜଣେ ଦଳିତ ମହିଳାଙ୍କୁ ସମାଜବାଦୀ ପାର୍ଟୀର ଜଣେ ସ୍ଥାନୀୟ କର୍ମୀ ହତ୍ୟା କରିଥିବା ମହିଳାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ହତ୍ୟାକାଣ୍ଡ ଘଟିଛି ଉତ୍ତରପ୍ରଦେଶର କରହାଲ ନିର୍ବାଚନମଣ୍ଡଳୀରେ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ମୈନପୁରୀ ଜିଲ୍ଲା ପୋଲିସ ଘଟଣାର ତଦନ୍ତ କରୁଛି। ଗିରଫ ଦୁଇଜଣ ହେଲେ ପ୍ରଶାନ୍ତ ଯାଦବ ଏବଂ ମୋହନ ଖାଟେରିଆ।

ମୃତ ମହିଳାଙ୍କ ବାପା ପୋଲିସରେ କରିଥିବା ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ପ୍ରଶାନ୍ତ ଯାଦବ ତିନିଦିନ ତଳେ ତାଙ୍କ ଘରକୁ ଆସିଥିଲା ଏବଂ ମହିଳାଙ୍କୁ କେଉଁ ପାର୍ଟୀକୁ ଭୋଟ ଦେଉଥିବା ପଚାରିଥିଲେ। ମହିଳା ଜଣକ ପଦ୍ମ ଫୁଲରେ ଭୋଟ ଦେବେ ବୋଲି କହିବାରୁ ପ୍ରଶାନ୍ତଯାଦବ ଉତକ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ ଏବଂ ହତ୍ୟା ଧମକ ଦେଇଥିଲେ। ପଦ୍ମଫୁଲ ପରିବର୍ତ୍ତେ ସାଇକେଲ ଚିହ୍ନରେ ଭୋଟ ଦେବାକୁ ପ୍ରଶାନ୍ତ ତାଙ୍କୁ ପ୍ରବର୍ତ୍ତାଇଥିଲେ। କିନ୍ତୁ ମହିଳା ଜଣକ ସ୍ପଷ୍ଟ ଭାବେ କହିଥିଲେ ଯେ, ଯୋଗୀ ଆଦିତ୍ୟନାଥ ସରକାର ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଦେଇଛନ୍ତି। ତେଣୁ ସେ ପଦ୍ମଫୁଲ ଚିହ୍ନରେ ହିଁ ଭୋଟ ଦେବେ। ତେଣୁ ରାଗିଯାଇ ପ୍ରଶାନ୍ତ ଯାଦବ ତାଙ୍କୁ ହତ୍ୟା କରିଥିବା ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ବିଜେପି ଏହାକୁ ନିନ୍ଦା କରିବା ସହିତ ସମାଜବାଦୀ ପାର୍ଟୀ ରାଜ୍ୟରେ ଭୟ ଏବଂ ହିଂସାର ବାତାବରଣ ସୃଷ୍ଟି କରି ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛି।

# ଦୁଇ ଟ୍ରକ୍ ଓ ବସ୍ ଧକ୍କାରେ ଦୁର୍ଘଟଣା, ୨ ମୃତ

**କାନପୁର, ୨୦।୧୧:** ଘନ କୁହୁଡ଼ି ହେଉଛି କାଳ। ମୁହଁକୁ ମୁହଁ ଦିଶୁନି। ଫଳରେ ଘଟୁଛି ଦୁର୍ଘଟଣା ଓ ଅକାଳରେ ଚାଲି ଯାଉଛି ଜୀବନ। ଏପରି ଏକ ଦୁର୍ଘଟଣା ଆଜି ଭୋରରୁ ଉତ୍ତରପ୍ରଦେଶର କାନପୁରରେ ଦୁର୍ଘଟଣା ଘଟିଛି। ଏକ ବସ୍ ଓ ଦୁଇଟି ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଉଭୟ ଗାଡ଼ିର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ପ୍ରାୟ ୨୦ ଜଣରୁ ଊର୍ଦ୍ଧ୍ୱ ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ୍ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆଜି ଭୋରରୁ ଅତ୍ୟଧିକ କୁହୁଡ଼ି ହୋଇଥିବାରୁ କାନପୁର ଜାତୀୟ ରାଜପଥରେ ଦୁଇ ଟ୍ରକ୍ ଓ ଗୋଟିଏ ବସ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ପ୍ରଥମେ ଏକ ଟ୍ରକ୍ ଅନ୍ୟ ଏକ ଟ୍ରକ୍‌କୁ ପିଟିଥିଲା। ଏହାପରେ ପଛରୁ ଆସୁଥିବା ବସ୍‌ଟି ଟ୍ରକ୍‌କୁ ପିଟିଥିଲା। ଏହି ଦୁର୍ଘଟଣାରେ ବସ୍‌ରେ ଥିବା ଯାତ୍ରୀମାନେ ଆହତ ହୋଇଛନ୍ତି। ଖବର ପାଇ ପୁଲିସ୍ ପହଞ୍ଚି ଆହତମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କାନପୁରକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ଦୁର୍ଘଟଣା ଯୋଗୁ ଗାଡ଼ିଗୁଡ଼ିକ ରାସ୍ତା ଉପରେ ପଡ଼ି ରହିଥିବା ବେଳେ ବହୁ ସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଆମେରିକାକୁ ଘାରିଲା ଏୟାର ଷ୍ଟ୍ରାଇକ ଭୟ

**ୱାଶିଂଟନ୍, ୨୦।୧୧:** ୟୁକ୍ରେନ ଓ ରୁଷ ମଧ୍ୟରେ ଚାଲିଥିବା ଯୁଦ୍ଧ ନୂଆ ମୋଡ଼ ନେବାରୁ ଆମେରିକା ଭୟଭୀତ ହୋଇପଡ଼ିଛି। ଆମେରିକାକୁ ଏବେ ରୁଷ ପକ୍ଷରୁ ହେବାକୁ ଥିବା ସମ୍ଭାବ୍ୟ ବଡ଼ଧରଣର ଏୟାର ଷ୍ଟ୍ରାଇକ ଭୟ ଘାରିଛି। ଏଥିପାଇଁ ଆମେରିକା ପ୍ରଶାସନ ୟୁକ୍ରେନର ରାଜଧାନୀ କିଭ୍‌ରେ ଥିବା ନିଜର ଦୂତାବାସକୁ ଅସ୍ଥାୟୀ ରୂପେ ବନ୍ଦ କରିଦେଇଛି। ଏଥିସହ ଦୂତାବାସ କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦେଇଛି। ରୁଷ ନଭେମ୍ବର ୨୦ରେ ବଡ଼ଧରଣର ଏୟାର ଷ୍ଟ୍ରାଇକ କରିପାରେ ବୋଲି ଗୁଇନ୍ଦା ବିଭାଗ ରିପୋର୍ଟ ଦେବା ପରେ ଆମେରିକା ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଆମେରିକାର କନସୁଲାର ବ୍ୟାପର ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ଗୋଟିଏ ସତର୍କତା ପଦକ୍ଷେପ ସ୍ୱରୂପ ଦୂତାବାଦସକୁ ବନ୍ଦ କରାଯାଇଛି। ଦୂତାବାସ




କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ କୁହାଯାଇଛି।" ଦୂତାବାସ ପକ୍ଷରୁ ୟୁକ୍ରେନରେ ଥିବା ଆମେରିକା ନାଗରିକଙ୍କୁ ମଧ୍ୟ ସମ୍ଭାବ୍ୟ ଏୟାର ରେଡ ଆଲର୍ଟ ପ୍ରତି ସତର୍କ ରହିବା ସହ ଆବଶ୍ୟକ ସୁରକ୍ଷା ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ୟୁକ୍ରେନ ମଙ୍ଗଳବାର ୧୦୦୦ ଦିନର ଯୁଦ୍ଧ ମଧ୍ୟରେ ପ୍ରଥମଥର ପାଇଁ ଆମେରିକା ନିର୍ମିତ ଦୂରଗାମୀ କ୍ଷେପଣାସ୍ତ୍ର ରୁଷ ଉପରେ ମାଡ଼ କରିଥିଲା। ଜୋ ବାଇଡେନ ପ୍ରଶାସନ ୟୁକ୍ରେନକୁ ମିସାଇଲ ବ୍ୟବହାର କରିବାକୁ ଅନୁମତି ଦେବା ପରେ ଏପରି

## କିଭ୍‌ରେ ଥିବା ଦୂତାବାସକୁ ବନ୍ଦ କଲା

ଆକ୍ରମଣ ହୋଇଛି। ଏହି ଘଟଣା ପରେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ତାଙ୍କ ଯୁଦ୍ଧି ନୀତି ବଦଳାଇ ଦେଇଛନ୍ତି।

ପୂରା ବିଶ୍ୱକୁ ରୁଷ ପରମାଣୁ ଅସ୍ତ୍ରର ଧମକ ଦେବା ସହ ମିସାଇଲ ଆକ୍ରମଣର ଉପଯୁକ୍ତ ଜବାବ ଦିଆଯିବ ବୋଲି କହିଛି। ରୁଷର ଏପରି ଚେତାବୀ ପରେ ପୂରା ବିଶ୍ୱକୁ ୩ୟ ବିଶ୍ୱଯୁଦ୍ଧର ଭୟ ଘାରିଛି। ଏକାଧିକ ୟୁରୋପୀୟ ଦେଶ ଏବେ ଠାରୁ ହିଁ ସମ୍ଭାବ୍ୟ ଯୁଦ୍ଧ ପାଇଁ ଲୋକଙ୍କୁ ପାଣି ଓ ଖାଦ୍ୟ ଗଚ୍ଛିତ କରି ରଖିବାକୁ କହିଛନ୍ତି।

# ଭୋଟିଂ ବେଳେ ହଙ୍ଗାମା, ପୁଲିସ ଉପରକୁ ପଥରମାଡ଼

**ମିରପୁର, ୨୦।୧୧:** ଆଜି ମହାରାଷ୍ଟ୍ର ଓ ଝାରଖଣ୍ଡରେ ବିଧାନସଭା ନିର୍ବାଚନ ପାଇଁ ଚାଲିଛି ଭୋଟିଂ। ଏଥିସହ ଉତ୍ତରପ୍ରଦେଶର ୯ଟି ବିଧାନସଭା ଆସନରେ ଉପନିର୍ବାଚନ ମଧ୍ୟ ହେଉଛି। ତେବେ ଏହି ଭୋଟିଂ ଭିତରେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ପ୍ରବଳ ହଙ୍ଗାମା। ଅନେକ ସ୍ଥାନରେ ନକଲି ଭୋଟର ଆସି ଭୋଟ୍ ଦେଉଥିବା ଅଭିଯୋଗ ଆସିଛି। ଉତ୍ତରପ୍ରଦେଶର ମୀରପୁର ଆସନରେ ଉପ-ନିର୍ବାଚନ ବେଳେ ପୁଲିସ ବିରୋଧରେ ଗୁରୁତର ଅଭିଯୋଗ ହୋଇଛି। ପୁଲିସ ଭୋଟରଙ୍କୁ ଘଉଡାଇ ଦେଉଥିବା କିଛି ଲୋକ କହିଛନ୍ତି। ଭୋଟର୍‌ଙ୍କୁ ଭୋଟ୍ ଦେବାକୁ ଦେଉନାହିଁ ପୁଲିସ। ମତଦାନ କେନ୍ଦ୍ରରୁ ତାଙ୍କୁ ଫେରାଇ ଦିଆଯାଉଛି। ଭୋଟରଙ୍କୁ ହଇରାଣ କରିବା ସହ ସେମାନଙ୍କ ଆଇକାର୍ଡ ଚିରି ଦେଉଥିବା ଅଭିଯୋଗ ଆଣିଛନ୍ତି ସାଧାରଣ ଲୋକେ। ଭୋଟ୍ ଦେବାକୁ ଆସୁଥିବା ଲୋକଙ୍କୁ ପୁଲିସ ଗାଳିଗୁଲଜ କରୁଥିବା ମଧ୍ୟ



କୁହାଯାଉଛି। ଏଥିପାଇଁ ଭୋଟରଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଛି। ରାଗି ଯାଇ ଲୋକେ ପୁଲିସ ଉପରକୁ ପଥର ମାଡ଼ କରିଛନ୍ତି। ଏହା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମଗ୍ର ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛି। କିଛି ସମୟ ଭୋଟର ଓ ପୁଲିସଙ୍କ ଭିତରେ ହଙ୍ଗାମା ହେବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି। ଏହି ଘଟଣାର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେଉଛି। ସେହିପରି ମୁଜଫରନଗର ମେରପୁର ଓ କୁନ୍ଦରକଗ ବିଧାନସଭା ଆସନରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏଠାରେ ମଧ୍ୟ ଉପ-ନିର୍ବାଚନ ବେଳେ ଉତ୍ତେଜନା ଦେଖାଦେଇଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୂରା ଅଞ୍ଚଳରହେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଭୋଟରଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି ଯେ ନିଶ୍ଚିତ ଭୋଟ୍ ଦିଅନ୍ତି କିନ୍ତୁ ଶତପ୍ରତିଶତ ସତର୍କ ରହିବା ଆବଶ୍ୟକ।

## ଦିଲ୍ଲୀ ବାୟୁ ପ୍ରଦୂଷଣ
# ୱାର୍କ ଫ୍ରମ୍ ହୋମ୍ ଲାଗୁ, ଅଫିସ୍ ଆସିବେ ୫୦% କର୍ମଚାରୀ

**ନୂଆଦିଲ୍ଲୀ, ୨୦।୧୧:** କଳବଳ କରୁଛି ପ୍ରଦୂଷଣ। ବିଷ ପାଲଟି ଗଲାଣି ବାୟୁ। ଧୂଳି ଓ ଧୂଆଁର ମୋଟା ଚାଦର ତଳେ ରାଜଧାନୀ ଦିଲ୍ଲୀ। ପ୍ରଦୂଷଣ ଲାଗି ଘରୁ ବାହାରିବା ହୋଇପଡିଛି ମୁସ୍କିଲ। ଦିନକୁ ଦିନ ସାଙ୍ଘାତିକ ହେବାରେ ଲାଗିଛି ସ୍ଥିତି। ବାୟରୁ ଗୁଣବତ୍ତା ୫୦୦ ପାର୍ କରିଛି। ଥଣ୍ଡା ଯେତିକି ବଢୁଛି ସେହି ହିସାବରେ ଦିଲ୍ଲୀର ବାୟୁ ବିଷାକ୍ତ ହୋଇ ଚାଲିଛି। ବିଷାକ୍ତ ବାୟୁ ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଏବେ ସରକାରୀ କର୍ମଚାରୀଙ୍କୁ ଘରକୁ କାମ କରୁବାକୁ ଦିଲ୍ଲୀ ସରକାର କହିଛନ୍ତି। ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ହେତୁ ଲୋକଙ୍କ ନିଶ୍ୱାସ ନେବା କଷ୍ଟକର ହୋଇପଡିଛି। ସହରର ଜଳବାୟୁ ବିଷାକ୍ତ ହୋଇଥିବାର ଦେଖି ଦିଲ୍ଲୀ ସରକାର ବର୍ତ୍ତମାନ ଘରୁ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି ପ୍ରଦୂଷଣକୁ ହ୍ରାସ କରିବା ପାଇଁ ସରକାରୀ ଅଫିସଗୁଡିକରେ



ଓ୍ୱାର୍କ ଫ୍ରମ୍ ହୋମ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି ଦିଲ୍ଲୀ ସରକାର। ୫୦% କର୍ମଚାରୀ ଘରୁ କାମ କରିବେ। କହିରଖୁ, ପୂର୍ବରୁ ଘରୋଇ କମ୍ପାନୀର କର୍ମଚାରୀଙ୍କୁ ମଧ୍ୟ ଘରୁ କାମ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେପଟେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ଏନ୍‌ସିଆର୍‌ରେ ସମସ୍ତ ସ୍କୁଲ କଲେଜ ମଧ୍ୟ ରହିଛି। ଅନ୍‌ଲାଇନ୍ କ୍ଲାସ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରାମର୍ଶ ଦିଆଯାଇଛି।

ଦିଲ୍ଲୀରେ ବିଷାକ୍ତ ବାୟୁ ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହେବାରେ ଲାଗିଛି। ଏଥିପାଇଁ ହନ୍ତସନ୍ତ ହେଉଛନ୍ତି ଦିଲ୍ଲୀବାସୀ। ଆଖିପୋଡିବା ସହ ନିଶ୍ୱାସ ନେବା କଷ୍ଟକର ହୋଇପଡିଛି। ଲଗାତାର ଭାବେ ୮ ଦିନ ହେବ ଏକ୍ୟୁଆଇ ସାଂଘାତିକ ସ୍ତରରେ ପହଞ୍ଚିଛି। ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (ଜିଆରଏପି)-୪ ଲାଗୁ କରାଯାଇଛି। ଏହାର ବ୍ୟବହାରକୁ ନିଶ୍ଚିତ କରିବା ପାଇଁ ଦିଲ୍ଲୀ ପୁଲିସ ମଙ୍ଗଳବାର ରାତିରେ ପେଟ୍ରୋଲିଂ କରିବା ସହ ବିଭିନ୍ନ ଯାନ ଯାଞ୍ଚ କରିଥିଲା। ସେପଟେ ବାୟୁ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଦିଲ୍ଲୀରେ କୃତ୍ରିମ ବର୍ଷା କରାଯିବା ନେଇ ବିଚାର କରୁଛନ୍ତି ଦିଲ୍ଲୀ ସରକାର। ଏଥିପାଇଁ ଦିଲ୍ଲୀ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଗତକାଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ଏକ ଚିଠି ଜରିଆରେ ଦିଲ୍ଲୀରେ କୃତ୍ରିମ ବର୍ଷା କରାଯିବା ନେଇ ମୋଦିଙ୍କୁ ନିବେଦନ କରିଥିଲେ।

### ଆଇସିସି ରାଙ୍କିଙ୍ଗ

# ସୂର୍ଯ୍ୟ କୁମାରଙ୍କୁ ହଟାଇ କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ତିଳକ ବର୍ମା




**ନୂଆଦିଲ୍ଲୀ, ୨୦।୧୧:** ଆଇସିସି ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ଭାରତର ଯୁବ ବ୍ୟାଟର ତିଳକ ବର୍ମାଙ୍କୁ ମିଳିଛି ବଡ଼ ସଫଳତା। ସେ ରାଙ୍କିଙ୍ଗରେ ରେକର୍ଡ ୬୯ଟି ସ୍ଥାନ ଉପରକୁ ଉଠି ସିଧା ୩ନଂରେ ପହଞ୍ଚି ଯାଇଛନ୍ତି। ଏହା ତାଙ୍କ ଟି-୨୦ କ୍ୟାରିୟରର ଶ୍ରେଷ୍ଠ ସ୍ଥାନ। ସେ ଟିମ ଇଣ୍ଡିଆର ଟି-୨୦ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଟି-୨୦ ରାଙ୍କିଙ୍ଗରେ ସର୍ବଶ୍ରେଷ୍ଠ ଭାରତୀୟ ବ୍ୟାଟର ମଧ୍ୟ ବନି ଯାଇଛନ୍ତି। ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ତିଳକ ବର୍ମାଙ୍କ ଉପରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଓ ଇଂଲଣ୍ଡର ଫିଲ ସଲ୍ଟ ରହିଛନ୍ତି। ତିଳକ ପ୍ରଥମଥର ପାଇଁ ତାଙ୍କ ଟି-୨୦ କ୍ୟାରିୟରରେ ଆଇସିସି ରାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିଛନ୍ତି। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜରେ ତାଙ୍କ ବ୍ୟାଟରୁ ଦୁଇଟି ଶତକ ଦେଖିବାକୁ ମିଳିଥିଲା। ଏହି ସଫଳତା ପରେ ତାଙ୍କୁ ରାଙ୍କିଙ୍ଗରେ ଫାଇଦା ମିଳିଛି। ଭାରତ ୩-୧ରେ ଟି-୨୦ ସିରିଜ ଜିତିଥିବା ବେଳେ ତିଳକ ବର୍ମା ୧୯୮ ଷ୍ଟ୍ରାଇକ ରେଟରେ ୨୮୦ ରନ କରିଥିଲେ। ସେ ୨୦ଟି ଛକା ମଧ୍ୟ ମାରିଛନ୍ତି। ଚଳିତ ବର୍ଷ ଆରମ୍ଭରେ ସୂର୍ଯ୍ୟ କୁମାର ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିଲେ। କିନ୍ତୁ ଏବେ ସେ ୪ନଂକୁ ଖସି ଆସିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷର ସିରିଜରେ ସେ ନିଜ ୩ନଂ ବ୍ୟାଟିଂ ସ୍ଥାନକୁ ତିଳକଙ୍କ ପାଇଁ ଛାଡ଼ି ଦେଇଥିଲେ। ସୂର୍ଯ୍ୟ ୪ନଂରେ ବ୍ୟାଟିଂ କରିଥିବା ବେଳେ ୪ ମ୍ୟାଚ୍‌ରୁ ୩ ଇନିଂସରେ କେବଳ ୨୬ ରନ ହିଁ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସଞ୍ଜୁ ସାମସନଙ୍କ ବ୍ୟାଟରୁ ମଧ୍ୟ ଦୁଇଟି ଶତକ ଦେଖିବାକୁ ମିଳିଥିଲା। ସେ ରାଙ୍କିଙ୍ଗରେ ୧୭ଟି ସ୍ଥାନ ଉଠି ୨୨ ନମ୍ବରରେ ପହଞ୍ଚିଛନ୍ତି। ଟପ୍ ୧୦ରେ ତିଳକ ଓ ସୂର୍ଯ୍ୟ କୁମାରଙ୍କ ବ୍ୟତୀତ ଭାରତର ଯଶସ୍ୱୀ ଜୈସୱାଲ ୮ନଂ ସ୍ଥାନରେ ରହିଛନ୍ତି।

ଅନ୍ୟପକ୍ଷରେ ଟି-୨୦ ଅଲରାଉଣ୍ଡର ରାଙ୍କିଙ୍ଗରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ପୁଣି ୧ନଂରେ ପହଞ୍ଚି ଯାଇଛନ୍ତି। ସେ ଇଂଲଣ୍ଡର ଲିଆମ ଲିଭିଙ୍ଗଷ୍ଟୋନକୁ ପଛକୁ ଠେଲି ଏପରି ସଫଳତା ପାଇଛନ୍ତି।

# ରାଜଗିରିରେ ମହିଳା ହକି ଟିମ୍‌ର ରାଜ୍

### ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୁଭେଚ୍ଛା



**ନୂଆଦିଲ୍ଲୀ, ୨୦।୧୧:** ବିହାରର ରାଜଗିରରେ ରାଜ୍ କରିଛି ମହିଳା ହକି ଦଳ। ଫାଇନାଲ୍‌ରେ ଚୀନ୍‌କୁ ୧-୦ରେ ହରାଇ ଲଗାତାର ଦ୍ୱିତୀୟ ଥର ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହାତେଇଛି ଟିମ୍। ଟୁର୍ଣ୍ଣାମେଣ୍ଟରେ କୌଣସି ମ୍ୟାଚ୍‌ରେ ପରାସ୍ତ ନ ହୋଇ ଚାମ୍ପିୟନ୍ ହୋଇଥିବା ମହିଳା ହକି ଟିମକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ୨୦୨୩ରେ ଦଳ ଜାପାନକୁ ୪-୦ ଗୋଲରେ ହରାଇ ରାଞ୍ଚିରେ ଟ୍ରଫି ଜିତିଥିଲା । ଫାଇନାଲରେ ଭାରତ ପକ୍ଷରୁ ଦୀପିକା ଗୋଲ ସ୍କୋର କରିଛନ୍ତି। ୩୧ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ନବନୀତ କୌର ଦୀପିକାଙ୍କ ପାଖକୁ ପଠାଇଥିଲେ। ଦୀପିକା କୌଣସି ତ୍ରୁଟି ନ କରି ଏହାକୁ ଗୋଲରେ ପରିଣତ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଦୀପିକାଙ୍କୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା । କିନ୍ତୁ ସେ ଏହାକୁ ଗୋଲରେ ପରିଣତ କରିପାରି ନଥିଲେ । ଭାରତ ଶେଷରେ ୧-୦ରେ ମ୍ୟାଚ ଜିତି ଚାମ୍ପିୟନ ହୋଇଛି। ଭାରତ ପୂରା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିବା ସହ ଟ୍ରଫି କବଜା କରିଛି । ସେମି ଫାଇନାଲରେ ଦଳ ଜାପାନକୁ ୨-୦ରେ ହରାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦଳର ଅଧିନାୟକ ହୋଇଥିବା ସଲୀମା ଟେଟେଙ୍କୁ ବଡ଼ ସଫଳତା ମିଳିଛି। ପ୍ରଥମ ଟୁର୍ଣ୍ଣାମେଣ୍ଟରେ ସେ ଟିମ୍‌କୁ ଚାମ୍ପିୟନ କରାଇଛନ୍ତି। ସଫଳତା ଲାଗି ମହିଳା ହକି ଟିମ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଭାରତୀୟ ମହିଳା ହକି ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଶ୍ୱର ନମ୍ବର-୧ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା




**ନୂଆଦିଲ୍ଲୀ,୨୦।୧୧:** ଭାରତର ଦକ୍ଷ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱର ନମ୍ବର-୧ ଅଲରାଉଣ୍ଡର ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟର ସର୍ବଶେଷ ଅନ୍ତର୍ଜାତୀୟ ଟି-୨୦ ର୍‌ୟାଙ୍କିଙ୍ଗ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଏକ ନମ୍ବର ଅଲରାଉଣ୍ଡର ହୋଇଛନ୍ତି। ସେ ଟି-୨୦ ଅନ୍ତର୍ଜାତୀୟ ମାନ୍ୟତାରେ ପ୍ରଥମ ଅଲରାଉଣ୍ଡର ହେବା ପାଇଁ ଇଂଲଣ୍ଡର ଲିଆମ ଲିଭିଙ୍ଗଷ୍ଟୋନଙ୍କୁ ଅତିକ୍ରମ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ଟି-୨୦ ବିଶ୍ୱ ନମ୍ବର ହୋଇପାରି ନାହାଁନ୍ତି। ସେ ଏହି ଫର୍ମାଟର ର୍‌ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ହାସଲ କରିସାରିଛନ୍ତି। ସେ ଅନ୍ତର୍ଜାତୀୟ ଟି-୨୦ ଟିମ ଇଣ୍ଡିଆର ପ୍ରମୁଖ ଖେଳାଳି। ଉଭୟ ବଲ ଏବଂ ବ୍ୟାଟ ସହିତ ହାର୍ଦ୍ଦିକ ମଧ୍ୟ ଭଲ ଫର୍ମରେ ଅଛନ୍ତି। ଚଳିତ ବର୍ଷ ହାର୍ଦ୍ଦିକ ଅନ୍ତର୍ଜାତୀୟ ଟି-୨୦ରେ ୩୫୨ ରନ ସଂଗ୍ରହ କରିଛନ୍ତି। ଏହା ସହିତ ସେ ଚଳିତ ବର୍ଷ ୧୬ଟି ଉଇକେଟ ନେଇଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ପାଣ୍ଡ୍ୟା ୨୪୪ ରେଟିଂ ପଏଣ୍ଟ ସହ ଏକ ନମ୍ବରରେ ଅଛନ୍ତି। ନେପାଳର ଦୀପେନ୍ଦ୍ର ସିଂ ଆରି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହାପୂର୍ବରୁ ଇଂଲଣ୍ଡର ଲିଆମ ଲିଭିଙ୍ଗଷ୍ଟୋନ ଶୀର୍ଷରେ ଥିଲେ, କିନ୍ତୁ ବର୍ତ୍ତମାନ ସେ ଦୁଇଟି ସ୍ଥାନକୁ ଖସି ଆସିଛନ୍ତି। ଲିଭିଙ୍ଗଷ୍ଟୋନ ବର୍ତ୍ତମାନ ତିନି ନମ୍ବରରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ ଚତୁର୍ଥ ସ୍ଥାନରେ ଏବଂ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ୱାନିନ୍ଦୁ ହାସାରଙ୍ଗା ପଞ୍ଚମ ସ୍ଥାନରେ ଅଛନ୍ତି।

### ପାକିସ୍ତାନ ଯିବାକୁ ଅନୁମତି ଦେଲେନି ସରକାର

# ଦୃଷ୍ଟିହୀନ ବିଶ୍ୱକପରୁ ଓହରିଲା ଭାରତ




**ନୂଆଦିଲ୍ଲୀ, ୨୦।୧୧:** ପାକିସ୍ତାନରେ ଆୟୋଜିତ ହେବାକୁ ଯାଉଥିବା ଦୃଷ୍ଟିହୀନ ଟି-୨୦ ବିଶ୍ୱକପରୁ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଓହରି ଯାଇଛି। ଭାରତୀୟ ଟିମ ପାକିସ୍ତାନ ଯିବାକୁ ଚାହୁଁଥିଲେ ହେଁ ବୈଦେଶିକ ମନ୍ତ୍ରଣାଳୟ ଏଥିପାଇଁ ଅନୁମତି ଦେଇନାହିଁ। ପ୍ରାଥମିକ ଅବସ୍ଥାରେ ଦୃଷ୍ଟିହୀନ ଭାରତୀୟ କ୍ରିକେଟ ଟିମକୁ ପାକିସ୍ତାନ ଯିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଏନ୍‌ଓସି ଦେଇଥିଲା। ଏହାପରେ ନିୟମ ଅନୁସାରେ ଟିମ ବୈଦେଶିକ ମନ୍ତ୍ରଣାଳୟର ଅନୁମତିକୁ ଅପେକ୍ଷା କରିଥିଲା। ହେଲେ ଏବେ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେବାକୁ ମନା କରି ଦେଇଛି। ଏଥିପାଇଁ ଭାରତୀୟ ଟିମ ବିଶ୍ୱକପରୁ ଓହରି ଯାଇଛି। ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏସନ(ଆଇବିସିଏ)ର ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ଯାଦବ ଏହାକୁ ନିଶ୍ଚିତ କରିଛି। ତାଙ୍କ କହିବା କଥା ଯେ ପାକିସ୍ତାନ ଯିବାକୁ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେଇ ନଥିବା ବେଳେ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ ପରାମର୍ଶ ଦେଇଥିଲା। ଏଥିଯୋଗୁ ନଭେମ୍ବର ୨୩ରୁ ଡିସେମ୍ବର ୩ ଯାଏ ପାକିସ୍ତାନରେ ହେବାକୁ ଥିବା ଦୃଷ୍ଟିହୀନ ଟି-୨୦ ବିଶ୍ୱକପରୁ ଭାରତୀୟ ଟିମ ଓହରି ଯାଇଥିବା ସେ କହିଛନ୍ତି। ତେବେ ଏଯାଏ ଅନୁମତି ମନା ସଂକ୍ରାନ୍ତ ଚିଠି ଆଇବିସିଏ ପାଖରେ ପହଞ୍ଚି ନାହିଁ। କେବଳ ମୌଖିକ ଭାବେ ସେମାନଙ୍କୁ ଅନୁମତି ମିଳି ନଥିବା ମନ୍ତ୍ରଣାଳୟ କହିଛି।

ଯାଦବ କହିଛନ୍ତି, "ଆମେ ପ୍ରାୟ ୨୫ ଦିନ ହେବ ପାକିସ୍ତାନ ଯିବା ପାଇଁ ସରକାରଙ୍କ ଅପେକ୍ଷାରେ ରହିଥିଲୁ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଥିବାରୁ ଆମେ ଆଉ ଅପେକ୍ଷା କରିପାରିବୁ ନାହିଁ। ଏନେଇ ମୁଁ ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ଫୋନରେ କଥା ହୋଇଥିଲି। ଅଧିକାରୀ ଜଣଙ୍କ ପାକିସ୍ତାନ ଯିବାକୁ ଅନୁମତି ମିଳିପାରିବ ନାହିଁ କହିବା ସହ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ କହିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଖୁବଶୀଘ୍ର ଏନେଇ ଗୋଟିଏ ଚିଠି ମଧ୍ୟ ଜାରି କରାଯିବ। ଚିଠି ଏଯାଏ ଆସିନି। କିନ୍ତୁ ଆମେ ଆଲୋଚନା ପରେ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛୁ।" ଯାଦବଙ୍କ କହିବା କଥା ଭାରତ ବ୍ୟତୀତ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଭଳି ଦେଶ ମଧ୍ୟ ପାକିସ୍ତାନରେ ଆୟୋଜିତ ଦୃଷ୍ଟିହୀନ ଟି-୨୦ ବିଶ୍ୱକପରେ ସାମିଲ ହେଉ ନାହାନ୍ତି। ଭାରତ ହେଉଛି ଦୃଷ୍ଟିହୀନ ଟି-୨୦ ବିଶ୍ୱକପର ଡିଫେଣ୍ଡିଂ ଚାମ୍ପିୟନ। ଭାରତୀୟ ଟିମ ଟି-୨୦ ବିଶ୍ୱକପର ସମସ୍ତ ୩ଟି ଯାକ ସଂସ୍କରଣରେ ଚାମ୍ପିୟନ ହୋଇଛି। ୨୦୧୨, ୨୦୧୭ ଓ ୨୦୨୨ରେ ଦଳ ବିଶ୍ୱକପ ଜିତିଥିଲା। ୨୦୨୨ ବିଶ୍ୱକପ ଫାଇନାଲରେ ଭାରତୀୟ ଟିମ ୧୨୦ ରନରେ ବାଂଲାଦେଶକୁ ହରାଇ ବେଙ୍ଗାଲୁରୁରେ ଚାମ୍ପିୟନ ହୋଇଥିଲା।

# ୧୫ ବର୍ଷରୁ କମ ଓଡ଼ିଶା ମହିଳା କ୍ରିକେଟ୍ ଦଳରେ ସ୍ଥାନ ପାଇଲେ ରୋମି ପି ମଲ୍ଲିକ




**ବୈଶିଙ୍ଗା, ୨୦।୧୧:** ଦିନକୁଦିନ ମହିଳା କ୍ରିକେଟର କ୍ରେଜ୍ ବଢ଼ିଚାଲିଥିବା ବେଳେ ଏଦିଗରେ ମୟୂରଭଞ୍ଜ ଜିଲ୍ଲା ଏକ ମାଇଲଖୁଣ୍ଟ ସ୍ଥାପନ କରିବାରେ ସଫଳ ହୋଇଛି । ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡିଆ ପଞ୍ଚାୟତର ମନ୍ତ୍ରୀଡାହି ଗ୍ରାମର ରମେଶ ମଲ୍ଲିକ ଓ କଳ୍ପନା ସ୍ୱାଇଁଙ୍କ କନ୍ୟା ରୋମି ପି. ମଲ୍ଲିକ ୧୫ ବର୍ଷରୁ କମ ଓଡିଶା ମହିଳା କ୍ରିକେଟ ଦଳରେ ସ୍ଥାନ ପାଇ ସମଗ୍ର ନିଜ ଜିଲ୍ଲାକୁ ଗୌରବାନ୍ୱିତ କରିବା ସହିତ ମହିଳା କ୍ରିକେଟ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି।

ନିରବଚ୍ଛିନ୍ନ ପ୍ରୟାସ ଓ ନିଷ୍ଠାପର ଉଦ୍ୟମ ପାଇଁ ରୋମିଙ୍କ କ୍ରିକେଟ ପ୍ରତି ଥିବା ଭଲପାଇବା ଓ କ୍ରିକେଟରେ ତାଙ୍କର ଦକ୍ଷତାକୁ ଦେଖି ପରିବାର ପକ୍ଷରୁ ଏନେଇ ଅଧିକ ଉତ୍ସାହିତ କରାଯାଇଥିଲା। କ୍ରିକେଟରେ ରୁଚି ରଖୁଥିବା ରୋମିଙ୍କୁ ଅଧିକ ସୁଯୋଗ ଦେବାକୁ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଥିଲା। ହୀରାପୁର ହାଇସ୍କୁଲରେ ୮ମ ଶ୍ରେଣୀରେ ପଢୁଥିବା ରୋମିଙ୍କୁ ଏବେ ୧୩ ବର୍ଷ ହୋଇଥିବା ବେଳେ ବର୍ତ୍ତମାନ ବାଲେଶ୍ୱର ସହରର ଜଗତ ରଞ୍ଜନ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ନିକଟରେ କଟକର ବାରବାଟୀ ଷ୍ଟାଡିୟମଠାରେ ହୋଇଥିବା ଚୟନ ପ୍ରତିଯୋଗିତାରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନକରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଭୟ ବଲିଂ ଓ ବ୍ୟାଟିଂ ବିଭାଗରେ ବେଶ ପାରଙ୍ଗମ ତଥା ସିଦ୍ଧହସ୍ତ ରୋମିଙ୍କୁ ବଲିଂ ବିଭାଗ ପାଇଁ ଦଳରେ ସ୍ଥାନ ମିଳିଥିବା ଜଣାଯାଇଛି। ରୋମିଙ୍କ ସଫଳତା ପାଇଁ ପିତା ରମେଶ ମଲ୍ଲିକ ଓ ମାତା କଳ୍ପନା ସ୍ୱାଇଁ ସହ ସମାଜସେବୀ ନନ୍ଦକିଶୋର ମହାନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଏଥିସହିତ ଅଞ୍ଚଳ ପାଇଁ ଗୌରବ ଆଣିଥିବା ରୋମିଙ୍କ ନିକଟକୁ ବିଭିନ୍ନ ମହାଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଆଗାମୀ ୨୧ରୁ ୨୯ ପର୍ଯ୍ୟନ୍ତ ଛତିଶଗଡ଼ର ରାଜଧାନୀ ରାୟପୁର ଓ ଭିଲାଇଠାରେ ଅନୁଷ୍ଠିତ ହେବାକୁ ଥିବା ଲିଗମ୍ୟାଚରେ ଓଡିଶାଦଳ ତରଫରୁ ସେ ପ୍ରତିନିଧିତ୍ୱ କରିବେ। ନଭେମ୍ବର ୨୧ରେ ମଣିପୁର, ୨୩ରେ ମିଜୋରାମ, ୨୫ରେ ଗୁଜୁରାଟ, ୨୭ରେ ବିଦର୍ଭ ଓ ୨୯ରେ ଝାଡଖଣ୍ଡ ସହିତ ଏହି ଲିଗମ୍ୟାଚ ଖେଳାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରକ୍ତମୁଖା...

ଖୋଦ୍ ବିଧାୟକ କହିଛନ୍ତି। ଏଭଳି କାଣ୍ଡ ପରେ ଲିକୁଙ୍କ ସମର୍ଥକମାନେ ରାସ୍ତାକୁ ଓହ୍ଲାଇ ସିଧାସଳଖ ଏଥିପାଇଁ ପୂର୍ବତନ ବିଧାୟକ ବବି ଦାସଙ୍କୁ ଦାୟୀ କରିବା ସହିତ ଗିରଫ ପାଇଁ ଅଡି ବସିଛନ୍ତି।

ଯାଜପୁରରେ ବିଜେଡିର ପରାଜୟ ପରେ ଆକ୍ରମଣ ପ୍ରତି ଆକ୍ରମଣ ଜାରି ରହିଛି। ପ୍ରଥମେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓରଫ ଜିତୁଙ୍କ ଗାଡିକୁ ଅଣ୍ଡାମାଡ ହୋଇଥିଲା। ଏଥିରେ ଲିକୁଙ୍କ ସମର୍ଥକମାନେ ସାମିଲ ଥିବା ଅଭିଯୋଗ ଆସିଥିବାବେଳେ ଲିକୁ ମଧ୍ୟ ଏଭଳି ଘଟଣାକୁ ନିନ୍ଦା କରି କ୍ଷମା ମାଗିଥିଲେ। ଏହାପରେ ଆଜି ଲିକୁଙ୍କ ଉପରେ ହୋଇଛି ଆକ୍ରମଣ। ଲିକୁ ଶାସକ ବିଜେପି ସମର୍ଥନରେ ବିଧାୟକ ହୋଇଥିବାବେଳେ ତାଙ୍କ ଉପରେ ଆକ୍ରମଣ ପରେ ଏବେ ଯାଜପୁର ରାଜନୀତି ଜୋର ଧରିଛି। କିଛି ଏହାକୁ ଅଣ୍ଡାମାଡର ପ୍ରତିଶୋଧ ବୋଲି କହୁଥିବାବେଳେ ଆଉ କିଛି ବିଜେଡି ଭାଡି ହେବା ପୂର୍ବର ଦୃଶ୍ୟ ବୋଲି କହୁଛନ୍ତି। ତେବେ ସଂଯୋଗର କଥା ହେଉଛି ଲିକୁଙ୍କ ଉପରେ ଏଭଳି ଆକ୍ରମଣ ହେବା ସମୟରେ ତାଙ୍କର ଏକ ପୁରୁଣା ଭିଡିଓ ଭାଇରାଲ ହେବାରେ ଲାଗିଛି। ଗୋଟିଏ ପଟେ ଲିକୁଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ ତାଙ୍କ ଉପରେ ଆକ୍ରମଣ ଏବେ ଯାଜପୁର ରାଜନୀତିରେ ଲିକୁଙ୍କ ପ୍ରତି ଲୋକଙ୍କ ସହାନୁଭୂତି ବଢାଇବାରେ ଲାଗିଛି। ଏହା ଜାରି ରହିଲେ ଆଗାମୀ ଦିନରେ ବିଜେଡିକୁ ବହୁତ ମହଙ୍ଗା ପଡ଼ିବ ବୋଲି ଖୋଦ ବିଜେଡି କର୍ମୀମାନେ ମତ ଦେଉଛନ୍ତି। ଯାଜପୁରରେ ଏଭଳି ବାଡିଆ ପିଟା ରାଜନୀତି ଜୋର ଧରୁଥିବାବେଳେ ପୁଲିସ୍‌ର ନିରବତା କିନ୍ତୁ ନିଆଁରେ ଘିଅ ଢାଳିବା ଭଳି ହୋଇଛି। ଜିତୁଙ୍କ ଉପରେ ଅଣ୍ଡାମାଡ ହେଉ କିମ୍ବା ଲିକୁଙ୍କ ଗାଡି ଭଙ୍ଗା ହେଉ, ପୁଲିସ୍ ଏହି ମାମଲାରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହାଦ୍ୱାରା ରକ୍ତମୁଖା ହୋଇଥିବା କର୍ମୀଙ୍କ ଭୟ ଛାଡି ଯାଉଥିବାବେଳେ ଆଗାମୀ ଦିନରେ ସେମାନେ ଅଧିକ ହିଂସ୍ର ହେବେ ବୋଲି କୁହାଯାଉଛି।

### ୨୪ରେ ...

ସନ୍ଧ୍ୟାରେ କେନ୍ଦ୍ରୀୟ ଟିମ ଓଡ଼ିଶାରେ ଆସି ପହଁଚିବେ ଓ ୨୭ ତାରିଖ ପର୍ଯ୍ୟନ୍ତ ସେମାନେ ଓଡ଼ିଶାରେ ରହିବେ। ୨୫ତାରିଖରେ କ୍ଷତିଗ୍ରସ୍ତ ଜିଲ୍ଲା ପରିଦର୍ଶନ କରିବେ। ଭଦ୍ରକ, ବାଲେଶ୍ୱରର ଓ କେନ୍ଦ୍ରାପଡା ଜିଲ୍ଲା ପରିଦର୍ଶନ କରିବ କେନ୍ଦ୍ରୀୟ ଦଳ । ୩ ଭାଗରେ ବିଭକ୍ତ ହୋଇ ଟିମ ତିନି ଜିଲ୍ଲାକୁ ଯିବ । ରାଜସ୍ୱ ବିଭାଗର ଅଧିକାରୀ ମଧ୍ୟ ସେମାନଙ୍କ ସହିତ ରହିବେ। ସମ୍ପୃକ୍ତ ଜିଲ୍ଲାପାଳ ମାନଙ୍କୁ ମଧ୍ୟ ଏ ବାବଦରେ ଅବଗତ କରାଯାଇଛି । ରାଜ୍ୟ ପ୍ରଶାସନ ସହ ୨୬ ତାରିଖରେ କେନ୍ଦ୍ରୀୟ ଟିମ ଆଲୋଚନା କରିବେ । ମୁଖ୍ୟ ଶାସନ ସଚିବଙ୍କ ରାଜସ୍ୱ ବିଭାଗ ଓ ଅନ୍ୟାନ୍ୟ ବିଭାଗ ସହିତ ଟିମ ଆଲୋଚନା କରିବେ । କ୍ଷୟକ୍ଷତିର ସମସ୍ତ ବିବରଣୀ ରାଜ୍ୟ ସରକାରଙ୍କ ଠାରୁ ଗ୍ରହଣ କରିବେ।

ଓଡ଼ିଶାର କ୍ଷୟକ୍ଷତି ରିପୋର୍ଟ ଓ ଜିଲ୍ଲା ପରିଦର୍ଶନ ଆଧାରରେ ଅର୍ଥ ବ୍ୟବସ୍ଥା ହେବ। କ୍ଷୟକ୍ଷତି ଅର୍ଥ ରାଜ୍ୟ ସରକାର ପ୍ରଦାନ କରିଥିବା ବେଳେ କେନ୍ଦ୍ରୀୟ ଟିମ ରିପୋର୍ଟ ଆଧାରରେ ଉକ୍ତ ଅର୍ଥ କେନ୍ଦ୍ର ସରକାର ଭରଣା କରିବେ। ବାତ୍ୟା କ୍ଷୟକ୍ଷତି ବାହାରେ କେନ୍ଦ୍ରୀୟ ସହାୟତା ଓ ସହଯୋଗ ଲୋଡିବୁ । ପ୍ରତ୍ୟେକ ବର୍ଷ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି। ବିଶେଷକରି ଘର ଭଙ୍ଗା ଓ ଶକ୍ତି ବିଭାଗର ଭିତ୍ତିଭୂମି କ୍ଷୟକ୍ଷତିର ସ୍ଥାୟୀ ସମାଧାନ ଲାଗି ସରକାର ପ୍ରୟାସ କରୁଛନ୍ତି । ଅବଶ୍ୟକ ଅର୍ଥ ରାଶି ଆକଳନ ବାବଦରେ ବିଶେଷଜ୍ଞ ସହ ଆଲୋଚନା କରୁଛୁ । ଏହା ପରେ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ଆଜି ଚାଷୀଙ୍କ...

ବାହାର ରାଜ୍ୟର ଧାନ ଆମ ରାଜ୍ୟରେ ପଶିବନି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ମଣ୍ଡିରେ ଚାଷୀଙ୍କ ପାଇଁ ଖାଇବା, ଶୌଚାଳୟ ବ୍ୟବସ୍ଥା କରାଯାଇଛି। ପଲିଥିନ ବ୍ୟବସ୍ଥା ବି କରାଯାଇଛି। ବାହାର ରାଜ୍ୟର ଧାନ କିପରି ଆମ ରାଜ୍ୟରେ ପ୍ରବେଶ ନ କରିବ ତାହାର ବ୍ୟବସ୍ଥା କରାଯାଇଛି। ପ୍ରତି ଜିଲ୍ଲାରେ ବିଜେପି କର୍ମୀ ସଜାଗ ଅଛନ୍ତି। ଧାନର ଯେପରି କଳା ବଜାରୀ ନ ହେବ କି ଚୋରା କାରବାର ନ ହେବ ତା' ଉପରେ ତୀକ୍ଷଣ ଦୃଷ୍ଟି ରଖାଯାଇଛି।

ଏଥର ଧାନର କଳାବଜାରୀ ବନ୍ଦ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଧାନ କିଣାରୁ ବିକ୍ରି ପର୍ଯ୍ୟନ୍ତ ମଣ୍ଡିରେ ଅଫିସର ଜଗିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ ୪ରୁ ୫ଟି ମଣ୍ଡିକୁ ନେଇ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି ଓ ଦଲାଲମାନେ ଯେପରି ମଣ୍ଡିକୁ ନ ଆସିବେ ସେଥିପାଇଁ ପାଟ୍ରୋଲିଂ କରାଯିବ। ୮୦୦ ଟଙ୍କା ସବସିଡି ପାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

ଆଜିର କାର୍ଯ୍ୟକ୍ରମରେ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମଣ୍ଡିକୁ ଧାନ ଆଣିଥିବାଚାଷୀମାନଙ୍କୁ ମନ୍ତ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼ ଜିଲାରେ ଏଥର ବରଗଡ଼ ଅତାବିରା ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧିନରେ ୨୨୯ ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଛି।

### ଅଣଓଡ଼ିଆ ...

ସେପଟେ ଓପିଡବ୍ଲୁଡି କୋର୍ଡରେ ପରିବର୍ତ୍ତନ ହେବ ଯାହାକୁ ନେଇ ପକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇ କହିଛନ୍ତି, ବୃହତ୍ ବ୍ୟାବସାୟିକ ସ୍ଥଳଗୁଡ଼ିକୁ ସଂଯୋଗ କରିବା ପାଇଁ ୬ ଲେନ୍ ବିଶିଷ୍ଟ ଗ୍ରାଣ୍ଡ ରିଙ୍ଗ ରୋହ୍ ନିର୍ମାଣ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ମାଲକାନଗିରିର ମେଟ୍ଟୁରୁ ମୟୂରଭଞ୍ଜ ଜିଲ୍ଲାର ତିରିଂକୁ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହାଦ୍ୱାରା ଉଭୟ ଅଞ୍ଚଳ ମଧ୍ୟରେ ଯାତ୍ରା ସମୟ ୨୬ ଘଣ୍ଟା ହ୍ରାସ ପାଇବ।

### ଫେବୃଆରୀ ...

ଯୁକ୍ତ ଦୁଇ ସ୍କୁଲ ଅନଲାଇନରେ ପିଲାଙ୍କ ମାର୍କ ସିଏଚ୍‌ଏସ୍‌ଇକୁ ପଠାଇବେ । ନନ୍ ପ୍ରାକ୍ଟିକାଲ ପରୀକ୍ଷା ୮୦ ମାର୍କର କରାଯିବ। ସିବିଏସ୍‌ଇ ପାଟର୍ନ ପରି ଅବ୍‌ଜେକ୍ଟିଭ୍ ପ୍ରଶ୍ନକୁ ଗୁରୁତ୍ୱ ଦିଆଯାଇଛି। ୩୦ ପ୍ରତିଶତ ପ୍ରଶ୍ନ ଅବ୍‌ଜେକ୍ଟିଭ୍ ରହୁଛି । ୧୨୮୦ଟି ସେଣ୍ଟରରେ ୩ ଲକ୍ଷ ୯୧ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ୩ ଲକ୍ଷ ୯୧ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ।

ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି, ଫେବୃଆରୀ ୧୮ ତାରିଖରୁ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ହେବ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ପରୀକ୍ଷା। ଦିନ ୧୦ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ପରୀକ୍ଷା ପାଇଁ ସମସ୍ତ ସେଣ୍ଟର୍ ପ୍ରସ୍ତୁତ ହୋଇଛି। ରାଜ୍ୟରେ ୧୧୬୦ କଲେଜରେ ସେଣ୍ଟର କରାଯାଇଥିବା ବେଳେ ଆଉ ୧୨୦ଟି ଅପ୍ ଗ୍ରେଡ ସ୍କୁଲରେ ମଧ୍ୟ ସେଣ୍ଟର କରାଯାଇଛି । ସବୁଠି ସିସିଟିଭି କ୍ୟାମେରା ଲଗାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ୫୦୦ଟି କେନ୍ଦ୍ରକୁ ଲାଇଭ୍ ଷ୍ଟ୍ରିମିଂ କରାଯାଇଛି । କପି ରୋକିବାକୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରରେ ହେବ ସେଣ୍ଟ୍ରାଲ ସ୍କ୍ୱାର୍ଡ। ଯାହା ସୁରକ୍ଷିତ ଭାବରେ ପରୀକ୍ଷା ପାଇଁ ଆହୁରି ସରଳୀକରଣ ହୋଇପାରିବ। ଗୋଟିଏ ସ୍କ୍ୱାର୍ଡ ଖୁବ୍ କମ୍ ସମୟ ମଧ୍ୟରେ ଗୋଟିଏ କଲେଜରୁ ଅନ୍ୟ ଏକ କଲେଜକୁ ଯାଇପାରିବ।

ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ଦିଆଯିବ କିଛି ସମୟ। ପରୀକ୍ଷା ଆରମ୍ଭର ୩୦ ମିନିଟ୍ ପୂର୍ବରୁ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ।

### ଏକ୍‌ଜିଟ୍ ପୋଲ୍‌ରେ...

ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ୧୪୫ ମିଳିବ ନାହିଁ। ବିଜେପି ମେଣ୍ଟ ୧୨୮ରୁ ୧୪୨, ଏମଭିଏ ୧୨୫ରୁ ୧୪୦ ଓ ଅନ୍ୟାନ୍ୟ ଦଳ ୧୮ରୁ ୨୩ଟି ଆସନ ଜିତିବେ।

ଦୈନିକ ଭାସ୍କର ଆକଳନ କରିଛି, ମହାରାଷ୍ଟ୍ରରେ ବିଜେପି ମେଣ୍ଟ ୧୨୫ରୁ ୧୪୦, ଏମଭିଏ ୧୩୫ରୁ ୧୫୦ ଓ ଅନ୍ୟାନ୍ୟ ଦଳ ୨୦ରୁ ୨୫ଟି ଆସନ ପାଇବେ। ଟାଇମ୍ସ ନାଓଁ-ଜେଭିସି କହିଛି, ମହାଯୁତି ୧୫୦ରୁ ୧୬୭, ଏମଭିଏ ୧୦୭ରୁ ୧୨୫ ଓ ଅନ୍ୟାନ୍ୟ ଦଳ ୧୩ରୁ ୧୪ଟି ଆସନ ଜିତିବେ। ଏହି ସବୁ ସଂସ୍ଥାର ପୋଲ ଅଫ ଏକଜିଟ ପୋଲକୁ ଦେଖିଲେ ମହାରାଷ୍ଟ୍ରରେ ବିଜେପି ମେଣ୍ଟ ୧୫୩, ଏମଭିଏ ୧୨୬ ଓ ଅନ୍ୟାନ୍ୟ ଦଳ ୯ଟି ଆସନ ଜିତିବେ।

ଏତଦ୍‌ଭିନ୍ନ ଝାଡ଼ଖଣ୍ଡର ମୋଟ ୮୧ଟି ବିଧାନସଭା ଆସନ ମଧ୍ୟରୁ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୪୧। ଏବେ ରାଜ୍ୟରେ ଜେଏମ୍‌ଏମ୍ ଓ କଂଗ୍ରେସ କ୍ଷମତାରେ ରହିଛନ୍ତି। ଅଧିକାଂଶ ଏକଜିଟ ପୋଲର ଆକଳନ ଅନୁଯାୟୀ, ଜେଏମଏମ, କଂଗ୍ରେସ ଓ ଅନ୍ୟ ଦଳକୁ ନେଇ ଗଠନ ହୋଇଥିବା ଇଣ୍ଡିଆ ମେଣ୍ଟ ଗାଦିଚ୍ୟୁତ ହେବେ। ଏହାର ଅର୍ଥ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ଷମତାକୁ ଫେରିବ। କିନ୍ତୁ ଆକ୍ସିସ ମାଇଁ ଇଣ୍ଡିଆ କହିଛି ଯେ ଇଣ୍ଡିଆ ମେଣ୍ଟର ବଡ଼ ବିଜୟ ହେବ। ରାଜ୍ୟରେ ଇଣ୍ଡିଆ ମେଣ୍ଟ ୫୩ଟି ଆସନ ଜିତିବାକୁ ଯାଉଥିବା ବେଳେ ବିଜେପି ମେଣ୍ଟ ୨୫ ଓ ଅନ୍ୟାନ୍ୟ ଦଳ ଖାତାକୁ ୩ଟି ଆସନ ଯିବ।

ମାଟ୍ରିଜ ଆକଳନ କରିଛି, ବିଜେପି ମେଣ୍ଟ ୪୨ରୁ ୪୭, ଇଣ୍ଡିଆ ୨୫ରୁ ୩୦ ଓ ଅନ୍ୟାନ୍ୟ ଦଳ ୧ରୁ ୪ଟି ଆସନ ପାଇବେ। ପିପୁଲ୍ସ ପ୍ଲସ ଅନୁଯାୟୀ, ବିଜେପି ମେଣ୍ଟ ୪୪ରୁ ୫୩, ଇଣ୍ଡିଆ ୨୫ରୁ ୩୭ ଓ ଅନ୍ୟାନ୍ୟ ଦଳ ୫ରୁ ୯ ଆସନ ଜିତିବେ। ଟାଇମ୍ସ ନାଓଁ-ଜେଭିସି ପକ୍ଷରୁ ହୋଇଥିବା ସର୍ଭେରେ ବିଜେପି ମେଣ୍ଟ ୪୦ରୁ ୪୪, ଇଣ୍ଡିଆ ୩୦ରୁ ୪୦ ଓ ଅନ୍ୟାନ୍ୟ ଦଳ ୧ରୁ ୨ଟି ଆସନ ଜିତିବା ସମ୍ଭାବନା ଅଧିକ। ଏହି ସବୁ ସଂସ୍ଥାର ପୋଲ ଅଫ ଏକଜିଟ ପୋଲକୁ ହିସାବକୁ ନେଲେ ବିଜେପି ମେଣ୍ଟ ୪୦, ଇଣ୍ଡି ମେଣ୍ଟ ୩୭ ଓ ଅନ୍ୟାନ୍ୟ ଦଳ ୪ଟି ଆସନ ପାଇବେ। ଏହାର ଅର୍ଥ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର କାହାକୁ ମିଳି ନ ପାରେ।

### ହନୁ ମଲାବେଳେ ...

ଭଳି ପ୍ରଣବ ପ୍ରକାଶ ଦାସ ସ୍ପଷ୍ଟୀକରଣ ଦେଉ ଦେଉ କହିଦେଲେ ଯେ, "ଗଣତନ୍ତ୍ରରେ ବିଜେଡି ବିଶ୍ୱାସ କରେନି"। ସେହିଭଳି ସେ ଏପରି ବି କହିଛନ୍ତି ଯେ, "ଗଣତନ୍ତ୍ରରେ ଆନ୍ଦୋଳନର ସ୍ଥାନ ନାହିଁ"। ଅତି ଉତ୍ସାହର ସହ ନିଜ ତ୍ରୁଟି ଲୁଚାଇବାକୁ ସେ ନିଜ ପକ୍ଷ ରଖିବା ବେଳେ ଏଭଳି କହିଦେଇଛନ୍ତି। କିନ୍ତୁ ତାଙ୍କର ଏହି ଦୁଇ ଧାଡି କଥା ବିଜେଡିର ଅସଲ ଚେହେରାକୁ ପଦାରେ ପକାଇଦେଇଛି। ବିଜେଡିରେ ଗଣତନ୍ତ୍ର ନାହିଁ, ଅର୍ଥାତ ବିଜେଡି ସବୁବେଳେ ସ୍ୱେଚ୍ଛାଚାରୀ ଶାସନରେ ବିଶ୍ୱାସ କରେ। ସେହିପରି ବିଜେଡି ଆନ୍ଦୋଳନରେ ବିଶ୍ୱାସ କରେନି କହି ସେ ପ୍ରମାଣିତ କରିଦେଇଛନ୍ତି ଯେ, ଗଣତାନ୍ତ୍ରୀକ ପଦ୍ଧତିରେ ଆନ୍ଦୋଳନକୁ ନିଷ୍ଠୁର ଭାବେ ଦମନରେ ବିଶ୍ୱାସ କରେ ବିଜେଡି।

ତେବେ ଏସବୁ ଭିତରେ ସେ କହିଛନ୍ତି ଯେ, ବିରଜା ପ୍ରକଳ୍ପକୁ ନେଇ ଆନ୍ଦୋଳନ ଚାଲିଥିବା ବେଳେ ଏଭଳି ଏକ ଘଟଣା ଘଟିଛି। ଏଥିରେ ତାଙ୍କ ଭାଇ ଭବପ୍ରସାଦ ଦାସଙ୍କ ସମ୍ପୃକ୍ତି ଥିବା ବିଧାୟକ ଅଭିଯୋଗ କରିଥିବାରୁ ସେ ତାଙ୍କୁ ଥାନାକୁ ପଠାଇଛନ୍ତି। ଯଦି ଭବପ୍ରସାଦର ସମ୍ପୃକ୍ତି ଥିବ ତେବେ ତାଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି।

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା

ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ): ୨୦୧୮ମସିହା ମାର୍ଚ୍ଚ ଦୁଇ ତାରିଖରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ସିଂଗତୋଳା ଗ୍ରାମରେ 'ଡାହାଣୀ ସନ୍ଦେହରେ ହତ୍ୟାର ଶିକାର ହୋଇଥିବା ଜଣେ ମହିଳାଙ୍କ ଉତ୍ତରାଧିକାରୀଙ୍କୁ ତିନି ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ମାନବିକ ଅଧିକାର କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଆଦେଶ ପାଇବାର ଦୁଇ ମାସ ମଧ୍ୟରେ ନିହତ ଯଶୋଦାଙ୍କ ପରିବାରକୁ ସୁନ୍ଦରଗଡ଼ ଜିଲାପା ଙ୍କ ପକ୍ଷରୁ ଏହି କ୍ଷତିପୂରଣ ଅର୍ଥ ପ୍ରଦାନ ପାଇଁ କମିଶନର

## ୩ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଡିଭିଜନ ବେଞ୍ଚ ପକ୍ଷରୁ ଏହି ଆଦେଶ ଦିଆଯାଇଛି। ଯଶୋଦା ଡାହାଣୀ ବୋଲି ଅଭିଯୋଗ କରି ଗ୍ରାମର ୧୧ ବ୍ୟକ୍ତି ଆକ୍ରମଣ କରିଥିଲେ। ସେମାନଙ୍କୁ ବୀରମିତ୍ର ପୁର ପୋଲିସ ଗିରଫ କରିଥିଲା। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଆଧାରଷଣ ମାନବିକ ଅଧିକାର କର୍ମୀ ବିଶ୍ୱପ୍ରୀୟ କାନୁନଗୋ ଓ ବିଜୟ କୁମାର ପଣ୍ଡା ମିଳିତ ଭାବେ ଏକ ଆବେଦନ କରିଥିଲେ। ଏଥିସହ ଡାହାଣୀ ଅଭିଯୋଗ ଜନିତ ମହିଳା ହିଂସାର ନିବାରଣ ନିମିତ୍ତ ଅବଶ୍ୟକ ପ୍ରତିକାର କଣ ହୋଇପାରେ ସେ ସମ୍ପର୍କରେ ବିସ୍ତୃତ ପ୍ରସ୍ତାବ ଦେବା ପାଇଁ ଆବେଦନକାରୀଙ୍କୁ କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷପିଣଉଅଶଣଈ ୪କ୍ଷଣ ପରବର୍ତ୍ତୀ ଶୁଣାଣି ହେବ।

ସଂଚାର THE SANCHAR

● କଟକରେ ପୁଣି ଲଜ୍ଜା

# ନାବାଳିକାକୁ ବଳାତ୍କାର: ଅଭିଯୁକ୍ତ ଗିରଫ



**କଟକ, ୨୦।୧୧ (ସଂଚାର ବ୍ୟୁରୋ):** କଟକ ଜିଲ୍ଲାରେ ପୁଣି ଲଜ୍ଜା। ବାରଙ୍ଗରେ ୬ ବର୍ଷର ବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଇଟାଭାଟିରେ ବାପା ମାଆ କାମ କରୁଥିବା ବେଳେ ନାବାଳିକାକୁ ଦୁଷ୍କର୍ମ କରାଯାଇଛି। ବାରଙ୍ଗ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ପୀଡିତାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାକୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏବେ ପିଡ଼ିତାର ସ୍ୱାସ୍ଥ୍ୟ ସ୍ଥିର ଥିବା କଟକ ଡିସିପି କହିଛନ୍ତି । ମଙ୍ଗଳବାର ପୀଡିତାର ପରିବାର ଭଟାଭାଟିରେ କାମ କରୁଥିଲେ। ସେଠାରେ ଅଭିଯୁକ୍ତ ମଧ୍ୟ କାମ କରୁଥିଲା। ବାପା ମାଆ କାମ କରୁଥିବାର ସୁଯୋଗ ନେଇ ନାବାଳିକାକୁ ଦୁଷ୍କର୍ମ କରିଥିଲା ଅଭିଯୁକ୍ତ। ଏନେଇ ପୀଡିତାର ପରିବାରଲୋକେ ବାରଙ୍ଗ ଥାନାରେ ଏତଲା ଦେଇଥିଲେ । ପୋଲିସ ଟିମ ଗଠନ କରି ଅଭିଯୁକ୍ତକୁ ଗିରଫ କରିଛି । ପୀଡିତା ଓ ଅଭିଯୁକ୍ତର ଘର ଝାଡଖଣ୍ଡରେ ବୋଲି ପୋଲିସ ସୂଚନା ଦେଇଛି। କଟକ ଡିସିପି ଜଗମୋହନ ମୀନା କହିଛନ୍ତି, ମାମଲା ସାମ୍ନାକୁ ଆସିବା ପରେ ୩ ଟିମ୍ ଗଠନ କରାଯାଇଥିଲା। ବୁଧବାର ଅଭିଯୁକ୍ତକୁ କଟକ ସଦର ଅଞ୍ଚଳରୁ ଗିରଫ କରାଯୋଇଛି। ପୀଡିତାର ସ୍ୱାସ୍ଥ୍ୟବସ୍ଥା ଭଲ ରହିଥିବା ସତ୍ତ୍ୱେ ଅଧିକ ଚିକିତ୍ସା ଯୋଗାଇଦେବା ପାଇଁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଜଣେ ମହିଳା ଆଇଆଇସି ପୀଡିତା ସହ ରହିଛନ୍ତି।

କିଛି ଦିନ ତଳେ କଟକର ଏକ କଲେଜ ଛାତ୍ରୀକୁ ଦୁଷ୍କର୍ମ କରାଯାଇଥିବା ଖବର ସାମ୍ନାକୁ ଆସିଥିଲା। ଯାହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଥିଲା। ଏହି ମାମଲାରେ ପୋଲିସ ୬ ଜଣଙ୍କୁ ଗିରଫ କରିଥିଲା।

# ମୁକ୍ତ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ସୁଦୃଢ଼

● ୪ଟି ପାଠ୍ୟକ୍ରମରେ ୨୯୫୯ ନାମଲେଖା ସରିଛି

● ୨୫ଟି ପାଠ୍ୟକ୍ରମ ପାଇଁ ୟୁଜିସିରେ ଦାଖଲ ସରିଛି

**ଭୁବନେଶ୍ୱର,୨୦।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓସୁ) ମୁକ୍ତ ଓ ଦୂରଶିକ୍ଷା କ୍ଷେତ୍ରରେ ଏକ ରୂପାନ୍ତରିତ ଯାତ୍ରାକୁ ଆପଣାଇ ପୁଣି ଆଗକୁ ବଢିବାରେ ଲାଗିଛି। ବହୁ ବାଦବିବାଦ ପରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ପୁଣି ନାମ ଲେଖା ଆରମ୍ଭ ହୋଇଛି। ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ କୁଳପତି ଭାବେ ଯୋଗଦେଲା ପରେ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଓସୁ ବି ଡବଲ ପ୍ଲସ୍ (++) ନାକ୍ ଗ୍ରେଡ଼ିଂ ହାସଲ କରି ଛାତ୍ର ଛାତ୍ରୀଙ୍କ ପାଖରେ ପହଞ୍ଚିଛି।

ଏମ୍ଏରେ ଇତିହାସ, ରାଜନୀତି ବିଜ୍ଞାନ, ପବ୍ଲିକ୍ ଆଡ୍‌ମିନଷ୍ଟ୍ରେଡ଼ସନ୍ ଏବଂ ଅର୍ଥନୀତି ପାଇଁ ନାମଲେଖା ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୨୯୫୯ ଛାତ୍ରଛାତ୍ରୀ ଅନୁଷ୍ଠାନରେ ନାମଲେଖାଇ ସାରିଛନ୍ତି। ଫେବୃଆରୀ ୨୦୨୫ ସୁଦ୍ଧା ୩୦ ହଜାର ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରିବାର ଆଶା ରହିବା ସହିତ ଅନୁଦାନ ଆୟୋଗ ଅନୁଷ୍ଠାନ (ୟୁଜିସି) ରେ ଦାଖଲ ହୋଇଥିବା ୨୦ଟି ନୂତନ ୟୁଜି ଓ ପିଜି ପାଠ୍ୟକ୍ରମ ପ୍ରଚଳନ ଅପେକ୍ଷାରେ ରହିଛି। ଜୁଲାଇ ୨୦୨୫ ସେସନ ଭିତରେ ୫୦ହଜାର ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରିବାର ଲକ୍ଷ୍ୟ ରଖି ଗୁଣାତ୍ମକ ଶିକ୍ଷାର ଭିତ୍ତିରେ ୨୪ ଟି ଓଡ଼ିଏଲ୍ ପ୍ରୋଗ୍ରାମ ବ୍ୟତୀତ ୨୦ଟି ଅନ୍‌ଲାଇନ ପ୍ରୋଗ୍ରାମ ଆପଣାଇବାକୁ ଧାର୍ଯ୍ୟ ହୋଇଛି। ଡ଼ିସେମ୍ବର ୨୦୨୪ ସୁଦ୍ଧା ଓସୁ ଡ଼ିଜିଟାଲ ମାର୍କେଟିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ,



ସାଇବର ସିକ୍ୟୁରିଟି, କମ୍ୟୁନିକେସନ ସ୍କିଲ ଇନ୍ ଇଂଲିଶ, ଅର୍ଥନୀତି ଏବଂ ଫାଇନାନ୍ସିଆଲ ଆକାଉଣ୍ଟିଂରେ ଅନ୍‌ଲାଇନ୍ ଦକ୍ଷତାମୂଳକ ଆଧାରିତ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯିବ ନିଯୁକ୍ତି ଓ ଶିଳ୍ପ ପ୍ରାସଙ୍ଗିକତା ଉପରେ ଧ୍ୟାନ ଦିଆଯାଉଛି। ସମସ୍ତଙ୍କ ପାଇଁ ଡ଼ିଜିଟାଲ୍ ଶିକ୍ଷାକୁ ସୁଗମ କରିବା ପାଇଁ ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ ରହିଛି। ଏକାଡ଼େମିକ, ସାଂସ୍କୃତିକ ଓ ପ୍ରଶାସନିକ କାର୍ଯ୍ୟକ୍ରମଗୁଡ଼ିକୁ ସମର୍ଥନ କରି ବୃହତ୍ ସମାବେଶ ପାଇଁ ଏକ ଆଧୁନୀକ ଅଡ଼ିଟୋରିୟମ ରହିଛି। ରାଜ୍ୟର ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ୨୦୨୫ ମସିହାରେ ପାଞ୍ଚଟି ନୂତନ ଆଞ୍ଚଳିକ କେନ୍ଦ୍ର ଏବଂ ନୂତନ ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ୪୬ ଜଣ ନୂତନ ଅଧ୍ୟାପକ ଅଧ୍ୟାପିକାଙ୍କୁ ନିଯୁକ୍ତି କରାଯାଇଛି। ୨୫ଟି ଅତିରିକ୍ତ କାର୍ଯ୍ୟକ୍ରମ ୟୁଜିସିରେ ଦାଖଲ ହୋଇଛି ଯାହାକି ଏକାଡ଼େମିକ୍ ବ୍ୟବସ୍ଥାକୁ ସଦୃଢ କରିବ। ୬୩ଜଣ ଅସ୍ଥାୟୀ ଅଧ୍ୟାପକ ମଧ୍ୟରେ ୪୬ଜଣ ପିଏଚ୍ ଡ଼ି ଧାରୀ ଅଛନ୍ତି ପୁଣି ଥରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହେବା ଲାଗି ଅନୁଷ୍ଠାନ ପ୍ରଚେଷ୍ଟା ଜାରି ରହିଛି।

## ସାଇବର ଠକେଇ ଟଙ୍କାରେ ଫିଲ୍ମ କରିବା ନିଶା

# ତାମିଲନାଡୁରୁ ବନ୍ଧା ହେଲା ଠକ

**ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):** ସାଇବର ଠକେଇ ଟଙ୍କାରେ ଫିଲ୍ମ କରିବା ନିଶା। ଅନଲାଇନ୍ ଟ୍ରେଡ଼ିଂ ଜରିଆରେ ଠକେଇ କରୁଥିବା ଏକ ସାଇବର ଠକକୁ ତାମିଲନାଡୁରୁ ଗିରଫ କରିଛି କମିଶନରେଟ ପୋଲିସର ସାଇବର ଟିମ୍। ଗିରଫ ଅଭିଯୁକ୍ତ ହେଲେ ତାମିଲନାଡୁର ଚେନ୍ନାଇରେ ରହୁଥିବା ପ୍ରକାଶ ଏମ୍। ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଜରିଆରେ ଏହି ଠକେଇ କରାଯାଇଥିଲା। ହ୍ୱାଟ୍ସଆପ୍ ଗ୍ରୁପ ଜରିଆରେ ମେସେଜ୍ ଦେବା ସହ ଅନଲାଇନ୍ ଟ୍ରେଡ଼ିଂ କରିବା ନେଇ ସମସ୍ତଙ୍କୁ ଉତ୍ସାହିତ କରାଯାଉଥିଲା। ଯେଉଁଥିରେ ଉତ୍ସାହିତ ହୋଇ ଖଣ୍ଡଗିରି ଥାନା ବରମୁଣ୍ଡା ଅଞ୍ଚଳର ଜଣେ ମହିଳା ୧୯ ଲକ୍ଷ ୫୦ ହାଜର ଟଙ୍କା ବିନିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ. ଏ ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା. ତଦନ୍ତ ପରେ ଠକେଇର ମାଷ୍ଟରମାଇଣ୍ଡ କୁ ତାମିଲନାଡୁରେ ଠାବ କରାଯାଇଥିଲା. ଗିରଫ ଅଭିଯୁକ୍ତ ଆକାଉଣ୍ଟ୍ ରେ ୬୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ବେଳେ ତାହାକୁ ଫ୍ରିଜ୍ କରାଯାଇଛି. ଠକେଇ ଟଙ୍କା ରେ ଫିଲ୍ମ ନିର୍ମାଣ କରିବା ପାଇଁ ଯୋଜନା କରୁଥିଲା ଠକ। ଯଦି ଆଉ କୌଣସି ଓଡ଼ିଆ ଲୋକେ ଏଭଳି ଠକେଇର ଶିକାର ହୋଇଥାନ୍ତି ତେବେ ଅଭିଯୋଗ କଲେ, ଅଭିଯୋଗ ମୁତାବକ ତଦନ୍ତ କରାଯିବ।

# ଇଲେକ୍ଟ୍ରି ଡ୍ୟୁଟି ୮୦୦ କୋଟି ;ପୁଣି ସିକ୍ୟୁରିଟି ବୋଝ

**ଭୁବନେଶ୍ୱର, ୨୦।୧୧:** ଇଲେକ୍ଟ୍ରି ଡ୍ୟୁଟି ବାବଦରେ ବର୍ଷକୁ ପାଖପାଖି ୮୦୦ କୋଟି ଟଙ୍କା ଆଦାୟ କରୁଥିବା ବିଦ୍ୟୁତ୍ ବିତରଣ ପ୍ରଥମ ଚାରିମାସରେ ଏହି ଅର୍ଥ ଆଦାୟ ପରିମାଣ ୨୭୧କୋଟି ଟଙ୍କାକୁ ଟପିଥିଲା। ଫଳରେ ଚଳିତ ଆର୍ଥିକ ବର୍ଷରେ ଏ

## ବ୍ୟୟର ସ୍ପଷ୍ଟ ସୂଚନା ମିଳୁନି

କମ୍ପାନୀ ପୁଣି ସିକ୍ୟୁରିଟି ଡିପୋଜିଟ ବୋଝ ଲଦିବା ଆରମ୍ଭ କରିଛି। ତେବେ ଏହି ସିକ୍ୟୁରିଟି ଡିପୋଜିଟ ଅର୍ଥ କେଉଁ ବାବଦରେ ବ୍ୟୟ ହେବ ଏବଂ ଗ୍ରାହକମାନଙ୍କ କେଉଁ କାମରେ ଲାଗିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ।

ରାଜ୍ୟରେ ଏବେ ୮୫ଲକ୍ଷ ୨୯ହଜାର ଘରୋଇ ବିଦ୍ୟୁତ୍ ଗ୍ରାହକ ରହିଥିବାବେଳେ ସେମାନଙ୍କ ଠାରୁ ପ୍ରତି ମାସରେ ମିଟର ରିଡିଂ ଅନୁଯାୟୀ ବିଜୁଳି ବିଲ୍ ଆଦାୟ ହେଉଥିବାବେଳେ ଇଲେକ୍ଟ୍ରି ଡ୍ୟୁଟି ବାବଦରେ ମିଟର ଦେୟର ୪ ପ୍ରତିଶତ ଅର୍ଥ ଆଦାୟ ହେଉଛି। ଏ ବାବଦରେ ୨୦୨୩-୨୪ ବର୍ଷରେ ୭୭୪କୋଟି ୪୨ଲକ୍ଷ ଆଦାୟ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷର ବାବଦୀୟ ଅର୍ଥ ଆଦାୟ ୮୦୦ କୋଟି ଟଙ୍କା ଟପିବ ବୋଲି ଆକଳନ କରାଯାଉଛି।

ଇଲେକ୍ଟ୍ରି ଡ୍ୟୁଟି ବାବଦରେ ଆଦାୟ ହେଉଥିବା ଅର୍ଥ ଗ୍ରାହକମାନଙ୍କ ପାଇଁ ପ୍ରତ୍ୟେକ୍ଷ ଓ ପରୋଧ ଭାବରେ ବ୍ୟୟ କରାଯାଉଛି ବୋଲି ଶକ୍ତି ବିଭାଗ ଦର୍ଶାଉଥିବାବେଳେ ଏବେ ପୁଣି ସିକ୍ୟୁରିଟି ବୋଝ ଗ୍ରାହକଙ୍କ ମୁଣ୍ଡରେ ଲଦା ହେଲାଣି। ଓଇଆରସି ନିୟମର ଦ୍ୱାହି ଦେଇ ବିତରଣ କମ୍ପାନୀ ଟାଟା ପାୱାର ଗ୍ରାହକମାନଙ୍କୁ ସିକ୍ୟୁରିଟି ବାବଦୀୟ ଅର୍ଥ ପଇଠ ପାଇଁ ନୋଟିସ୍ ଧରାଇବାରେ ଲାଗିଛି। ଯେଉଁମାନେ ଅର୍ଥ ପ୍ରଦାନ ନକରିବେ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବବୋଲି ଧମକ ବି ଦେଉଛି।




ତେବେ ଗ୍ରାହକମାନେ ବିଜୁଳି ସଂଯୋଗ ନେଇଥିବାବେଳେ ସିକ୍ୟୁରିଟି ଡିପୋଜିଟ ଅର୍ଥ ପ୍ରଦାନ କରିଥିବାବେଳେ ଏବେ ପୁଣିଥରେ କ'ଣ ପାଇଁ ପ୍ରଶ୍ନ କଲେ ବିତରଣ କମ୍ପାନୀ ଓଇଆରସି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ହେଲେ ଗ୍ରାହକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଗଠନ ହୋଇଥିବା ଓଇଆରସି କିନ୍ତୁ ଏ ନେଇ କୌଣସି ବିଧିବଦ୍ଧ ସୂଚନା ପ୍ରଦାନ କରୁନାହିଁ।

ଟାଟା ପାୱାର ଗ୍ରାହକସେବା କେନ୍ଦ୍ର ପକ୍ଷରୁ କୁହାଯାଉଛି ଯେ ଆଦାୟ ହେଉଥିବା ଏହି ବର୍ଦ୍ଧିତ ଅର୍ଥ ଗ୍ରାହକମାନଙ୍କର ଦୁଇ ବର୍ଷର ବିଜୁଳି ବ୍ୟବହାରକୁ ହିସାବକୁ ନିଆଯାଇ ସ୍ଥିର ହୋଇଛି। ହେଲେ କେଉଁ ଆଧାରରେ ହିସାବ ହୋଇଛି ତାହା କର୍ତ୍ତୃପକ୍ଷ ସ୍ପଷ୍ଟ କରିପାରୁ ନାହାନ୍ତି। ସେହିଭଳି ଗ୍ରାହକ ଦେବାକୁ ଥିବା ଏହି ଅର୍ଥ ବ୍ୟାଙ୍କ୍‌ରେ ଜମା କରାଯିବ ଏବଂ ଏ ବାବଦୀୟ ସୁଧ ଅର୍ଥ ଗ୍ରାହକ ପାଇବେ ବୋଲି ବିତରଣ କମ୍ପାନୀ କହୁଥିବାବେଳେ କେଉଁ ହାରରେ ସୁଧ ମିଳିବ ଓ କେତେଦିନ ପାଇଁ ମିଳିବ ତାହାର ଉତ୍ତର ମଧ୍ୟ ଗ୍ରାହକମାନଙ୍କୁ ସ୍ପଷ୍ଟଭାବେ ମିଳୁନାହିଁ।

ଇତିମଧ୍ୟରେ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଏଭଳି ସିକ୍ୟୁରିଟି ଡିପୋଜିଟ୍ ଆଦାୟକୁ ଦୃଢ ଭାବେ ବିରୋଧ କରାଯାଇଥିବାବେଳେ ତୁରନ୍ତ ଏହା ପ୍ରତ୍ୟାହାର ପାଇଁ ଦାବି ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ଶକ୍ତି ବିଭାଗ କିମ୍ବା ଓଇଆରସି କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ସ୍ପଷ୍ଟତା ଆଣୁନଥିବାରୁ ନୋଟିସ୍ ପାଇବା ସତ୍ତ୍ୱେ ବହୁ ଗ୍ରାହକ ଅର୍ଥ ପଇଠ କରୁନଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

## ୨୯ରୁ ଡିଜିପି ସମ୍ମିଳନୀ

# ହାର୍ଡକୋର ଅପରାଧୀଙ୍କ ଉପରେ ନଜର

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଓଡ଼ିଶା ପୋଲିସର ପ୍ରସ୍ତୁତି

**ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):** ଡିଜିପି ସମ୍ମିଳନୀ ପୂର୍ବରୁ ହାର୍ଡକୋର ଅପରାଧୀଙ୍କ ଉପରେ ଓଡ଼ିଶା ପୋଲିସର ଆଖି। ସମ୍ମିଳନୀ ପୂର୍ବରୁ ପେସାଦାର ଅପରାଧୀଙ୍କୁ ହାଜିରା ପାଇଁ ସମସ୍ତ ଜିଲ୍ଲାର ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି।। ନିକଟସ୍ଥ ଥାନାରେ ହାଜିରା ଦେବେ ହାର୍ଡକୋର।



୨୯ ତାରିଖରୁ ୩ ଦିନ ଧରି ଚାଲିବାକୁ ଥିବା ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଯୋଗଦେବେ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଡିଜିପି ଯୋଗଦେବେ। ଏହା ସହ ବିଭିନ୍ନ ନିରାପତ୍ତା ଶାଖା ମୁଖ୍ୟ ଏହି ସମ୍ମିଳନୀରେ ଯୋଗଦେବେ। ଜାତୀୟ ସ୍ତରରେ ଥିବା ସୁରକ୍ଷା ଜନିତ ସମସ୍ୟା ସମ୍ପର୍କରେ ଏଠାରେ ଆଲୋଚନା କରାଯିବ। ପ୍ରଥମ ଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଦ୍ୱିତୀୟ ଦିନ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଯୋଗଦେବାର ସମ୍ଭାବନା ରହିଛି। ସରକାରଙ୍କ ବିଭିନ୍ନ ଏଜେଣ୍ଡା ସମ୍ପର୍କରେ ସେଠାରେ ଆଲୋଚନା ହେବ। ଏଥିପାଇଁ ଅତିଥିଙ୍କ ରହିବା ସ୍ଥାନ, ବୈଠକ ସ୍ଥଳରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ।

ଏହାସହିତ ଆସନ୍ତା ମାସ ୩ ତାରିଖରେ ଓଡ଼ିଶା ଗସ୍ତ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ୩ ରୁ ୭ ପର୍ଯ୍ୟନ୍ତ ସେ ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ୪ ତାରିଖରେ ପୁରୀରେ ହେବାକୁ ଥିବା ନାଭି ଡେ' ଇଭେଣ୍ଟରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବେ ରାଷ୍ଟ୍ରପତି। ୫ ତାରିଖରେ ଭୁବନେଶ୍ୱର କୋର୍ଟର ନୂଆ ବିଲ୍ଡିଂ ଉଦ୍‌ଘାଟନ ସହ ୬ ତାରିଖରେ ମୟୂରଭଞ୍ଜରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର ସୂଚନା ରହିଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ବୁକ ଗାଇଡ୍ ଲାଇନ ମୁତାବକ ସମସ୍ତ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏଥପାଇଁ ଓଡ଼ିଶା ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି ଡିଜିପି।




ରାଜ୍ୟ ସମବାୟ ବ୍ୟାଙ୍କମାନଙ୍କ ଜାତୀୟ ମହାସଂଘର ୧୪ଜଣିଆ ପରିଚାଳନା ପରିଷଦରେ ସ୍ଥାନ ପାଇଥିବା ବରିଷ୍ଠ ସମବାୟବିତ ଅମ୍ବିକା ପ୍ରସାଦ ଦାସଙ୍କୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିଜେପି ସମବାୟ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରୁଛନ୍ତି।

# ମହତାବଙ୍କ ଜନ୍ମ ବାର୍ଷିକୀ କମିଟି: ଅମିତ ଶାହ ଅଧ୍ୟକ୍ଷ

## ଧର୍ମେନ୍ଦ୍ର, ଅଶ୍ୱିନୀ, ମୋହନ ସଦସ୍ୟ



**ନୂଆଦିଲ୍ଲୀ,୨୦।୧୧:** ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ଉତ୍ସବ ସହକାରେ ପାଳନ କରିବା ପାଇଁ ଭାରତ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ଗୃହ ଓ ସମବାୟ ବ୍ୟାପାର ମନ୍ତ୍ରୀ ଅମିତ୍ ଶାହ ଅଧ୍ୟକ୍ଷ ଭାବରେ ରହିଛନ୍ତି। କମିଟିର ଅନ୍ୟ ପ୍ରମୁଖ ସଦସ୍ୟମାନଙ୍କ ଭିତରେ ରହିଛନ୍ତି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳବାଇ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଭର୍ତ୍ତୃହରି ମହତାବ, ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର, ଗୃହ ସଚିବ ଗୋବିନ୍ଦ ମୋହନ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଯାଜୁ, ସଂସ୍କୃତି ସଚିବ, ଅରୁନିଶ୍ ଚାୱଲା, ଏବଂ ପିଏମ୍‌ଓ ଆର୍ଥିକ ପରାମର୍ଶ ପରିଷଦ ସଦସ୍ୟ ସଞ୍ଜୀବ ସାନୟାଲ ପ୍ରମୁଖ ସାମିଲ ରହିଛନ୍ତି। ଏହାଙ୍କ ସହ ଏହି କମିଟିରେ ମଧ୍ୟ ପ୍ରସିଦ୍ଧ ସାହିତ୍ୟିକ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସଦସ୍ୟ ଭାବେ ରହିଛନ୍ତି।

## ଆନ୍ଧ୍ରରୁ ଉଦ୍ଧାର ହେଲା ଶିଶୁକନ୍ୟା

**ରାୟଗଡ଼ା, ୨୦।୧୧ (ସଂଚାର ବ୍ୟୁରୋ):** ଗରିବୀ ଆଗରେ ହାରମାନି ଥିଲା ମା'ର ମମତା। ଭଲକି ଦୁନିଆ ଦେଖି ନ ଥିବା କଅଁଳ ଶିଶୁକୁ ଜନ୍ମ ହେଉ ହେଉ ୨୦ ହଜାର ଟଙ୍କାରେ ଅନ୍ୟ ହାତକୁ ଟେକି ଦେଇଥିଲେ ମା'ବାପା। ଶିଶୁ ସୁରକ୍ଷା ଅଧିକାର ଟିମ୍(ସିଡବ୍ଲ୍ୟୁସି) ହସ୍ତକ୍ଷେପ କରିବା ପରେ ଶିଶୁକୁ ଉଦ୍ଧାର କରାଯାଇଛି। ରାୟଗଡ଼ା ଜିଲ୍ଲାର ଚାନ୍ଦିଲି ଥାନା ନୂଆପଡା ବସ୍ତିର ରାହୁଲ ଧାନବାଡ଼ିଙ୍କ ସ୍ତ୍ରୀ କୁମୁଦ ଗାଣ୍ଡା ଚଳିତ ମାସ ୩ ତାରିଖରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଜନ୍ମ ହେବାର ୯ ଦିନ ପରେ ଶିଶୁକୁ ମା'ବାପା ୨୦ ହଜାର ଟଙ୍କାରେ ଆନ୍ଧ୍ରପ୍ରଦେଶ ମାନ୍ୟମ ଜିଲ୍ଲା ପେଦାପେଙ୍କି ଗାଁର ନିଃସନ୍ତାନ ଦମ୍ପତିଙ୍କୁ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଥିଲା। ଶିଶୁ ସୁରକ୍ଷା ଅଧିକାରୀ ଟିମ୍ କୌଣସି ସୂତ୍ରରୁ ଖବର ପାଇ ମଙ୍ଗଳବାର ନୂଆପଡା ବସ୍ତିରେ ପହଞ୍ଚି ଶିଶୁର ମା'ବାପାଙ୍କୁ ପଚରାଉଚରା କରି ଫେରିଥିଲେ। ଶିଶୁଟିକୁ ନେଇଥିବା ଆନ୍ଧ୍ରର ବ୍ୟକ୍ତିଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ପିଲାଟିକୁ ଶିଶୁ ସୁରକ୍ଷା ଆୟୋଗରେ ହାଜର କରିବା ପାଇଁ କହିଥିଲେ। ଆଜି ଆନ୍ଧ୍ରର ଦମ୍ପତି ଶିଶୁଟିକୁ ସାଙ୍ଗରେ ଧରି ଶିଶୁ ସୁରକ୍ଷା ଆୟୋଗ ନିକଟରେ ହାଜର ହୋଇଛନ୍ତି। ଅନ୍ୟପକ୍ଷରେ ଉପଜିଲ୍ଲାପାଳ ଶିଶୁଟିର ନିଜ ବାପାମା'ଙ୍କ ପାଖରେ ପହଞ୍ଚି ପଚରାଉଚରା କରିଥିବା ଜଣାପଡ଼ିଛି। ନବଜାତ ଶିଶୁଟିର ବାପା କହିଛନ୍ତି, ଆମେ ଗରିବ ଲୋକ। ଭଲକି ଦୁଇ ମୁଠା ଖାଇବାକୁ ପାଉ ନାହୁଁ। ଆମେ ଦୁଇ ଦୁଇଟି ଛୁଆକୁ କିପରି ଲାଳନ ପାଳନ କରିବୁ, ସେଥିପାଇଁ ସାନ ଝିଅକୁ ଦେଇଦେଲୁ। ସେମାନେ ଆମକୁ ୨୦ ହଜାର ଟଙ୍କା ଦେଇଛନ୍ତି। ଶିଶୁ ସୁରକ୍ଷା ଆୟୋଗର ସଦସ୍ୟ ସତ୍ୟପ୍ରିୟ ପ୍ରଧାନ କହିଛନ୍ତି, ଘଟଣା ବିଷୟରେ ଜାଣିବା ପରେ ତଦନ୍ତ ପାଇଁ ଶିଶୁଟିର ଘରେ ପହଞ୍ଚିଥିଲୁ। ଶିଶୁଟିକୁ ୯ ଦିନ ହୋଇଥିବା ବେଳେ ତାର ବାପାମା' ଛୁଆଟିକୁ ଦେଇ ଦେଇଛନ୍ତି। ଦାରିଦ୍ର୍ୟ ହେତୁ ସେ ପିଲାଟିର ଭରଣ ପୋଷଣ ପାଇଁ ଅନ୍ୟ ହାତକୁ ଟେକି ଦେଇଛନ୍ତି। କୋର୍ଟରେ କାଗଜପତ୍ର ହୋଇଛି ବୋଲି ସେମାନେ କହୁଛନ୍ତି। କିନ୍ତୁ କିଛି ପ୍ରମାଣ ପାଇନାହୁଁ।

## ଯୋଗାଣ ଅଧିକାରୀଙ୍କ ଘରୁ ମିଳିଲା ବିପୁଳ ଅଳଙ୍କାର

**ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁବର୍ଣ୍ଣପୁର ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀ ସୁରେଶ ପାଣିଗ୍ରାହୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି। ସୁରେଶଙ୍କ ସୋନପୁର ସ୍ଥିତ ଭଡ଼ାଘର,କାର୍ଯ୍ୟାଳୟ ଓ ପୈତୃକ ଘର ସମେତ ୧୧ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରାଯାଇଛି। ସୁରେଶ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଘଟଣାର ତଦନ୍ତ କରି ଆଜି ସକାଳେ ଚଢ଼ାଉ କରିଛି। ଚଢ଼ାଉ ବେଳେ ପୁଳା ପୁଳା ସୁନା ଅଳଙ୍କାର ଓ ଜମିବାଡ଼ି କାଗଜ ପତ୍ର ଭିଜିଲାନ୍ସ ଜବତ କରିଥିବା ଜଣାଯାଇଛି।

# ସେଲ୍ଫ ଡ୍ରାଇଭ କାର ବ୍ୟବସାୟ କରୁଥିଲେ ସାବଧାନ

**ଭୁବନେଶ୍ୱର,୨୦।୧୧ (ସଂଚାର ବ୍ୟୁରୋ):** ସେଲ୍ଫ ଡ୍ରାଇଭ କାର ବ୍ୟବସାୟ କରୁଥିଲେ ସାବଧାନ। ଆପଣଙ୍କ ଭଡା କାର ନେଇ ଚମ୍ପଟ ମାରିପାରେ ଚୋର। କେବଳ ଚମ୍ପଟ ମାରିବ ନୁହେଁ ବରଂ କାରକୁ ନେଇ ବନ୍ଧକ ମଧ୍ୟ ରଖିପାରେ। ଏଭଳି ଏକ ଘଟଣା ସାମ୍ନାକୁ ଆସିବା ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ଦିଲ୍ଲୀପ ମିଶ୍ର ଓ ସ୍ୱସ୍ତିକ ପ୍ରଧାନ। ସେମାନଙ୍କ ଠାରୁ ୯ ଟି କାର ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ଏକ ସେଲ୍ଫ ଡ୍ରାଇଭ ସଂସ୍ଥାରୁ କାର ଭଡାକୁ ନେବା ସହ ପରେ ଭଡା ପୈଠ କରୁ ନ ଥିଲେ। ଏ ନେଇ ଅଭିଯୋଗ ପରେ ପୁରା ଗ୍ୟାଙ୍ଗର ଭାଣ୍ଡାଫୋଡ କରିଥିଲା କମିଶନରେଟ ପୋଲିସ। ବିନା କୌଣସି ଡକ୍ୟୁମେଣ୍ଟ ରଖି ଗାଡି ଭଡ଼ା ଦେଉଥିବା ସଂସ୍ଥାକୁ ମଧ୍ୟ ସାବଧାନ କରିଛନ୍ତି ଭୁବନେଶ୍ୱର ଡିସିପି ପିନାକ ମିଶ୍ର। ଆଗକୁ ଏହି ସଂସ୍ଥାକୁ ମଧ୍ୟ ସ୍କାନରକୁ ନିଆଯିବ ବୋଲି କହିଛନ୍ତି ଡିସିପି।




# ନାଲି ପିମ୍ପୁଡ଼ି ଉତ୍ପାତ: ବିକଳରେ ଲୋକେ ପିନ୍ଧୁଛନ୍ତି ପଲିଥିନ୍

**ନିମାପଡ଼ା, ୨୦।୧୧(ସଂଚାର ବ୍ୟୁରୋ):** ସବୁଠି ମାଳ ମାଳ । ଧାର ଧାର ହୋଇ ଲମ୍ବିଛନ୍ତି । ବାଡ଼ି ବଗିଚାରେ ବି ଭର୍ତ୍ତି । ଯୁଆଡ଼େ ଗଲେ ଚଢ଼ିଯାଉଛନ୍ତି। ଘରଦ୍ୱାର, ରାସ୍ତାଘାଟ କେଉଁଠି ବି ଜାଗା ନାହିଁ । ନାଲି ପିମ୍ପୁଡ଼ିକୁ ନେଇ ଗାଁରେ ସାଙ୍ଘାତିକ ସ୍ଥିତି । ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧୀନ ଉଚ୍ଛୁପୁର ପଞ୍ଚାୟତର ସାହାଡ଼ାପଡ଼ା ଗ୍ରାମରେ ଏଭଳି ନାଲି ପିମ୍ପୁଡ଼ିଙ୍କ ଦାଉରେ ଆତଙ୍କିତ ଗ୍ରାମବାସୀ। ପିମ୍ପୁଡ଼ି ଚିନ୍ତାରେ ଗ୍ରାମବାସୀଙ୍କ ନିଦ ହଜିଗଲାଣି । ନା ଭଲରେ ଗଣ୍ଡେ ଖାଇପାରୁଛନ୍ତି ନା ଶାନ୍ତିରେ ଟିକେ ଶୋଇ ପାରୁଛନ୍ତି। ଏପରିକି ଏମାନଙ୍କ ଦାଉରୁ ରକ୍ଷା ପାଇବା ଲାଗି ପାଦରେ ଜରି ବାନ୍ଧି ଯାତାୟାତ କରୁଥିବା ଦେଖିବାକୁ ମିଳିଛି । ଗୋଡ଼ ହାତରେ ଖୁବ୍‌ଶୀଘ୍ର ଚଢ଼ି ଯାଉଛନ୍ତି। ଏହି ସମୟରେ କେହି ଯଦି ହାତରେ ଘଷି ଦିଏ, ପିମ୍ପୁଡ଼ି ଦେହରୁ ବାହାରୁଥିବା ବିଷାକ୍ତ ନାଳ ଲାଗି ଆଲର୍ଜି ହୋଇ ଘା' ହୋଇଯାଉଛି । କେବଳ ମଣିଷ ନୁହେଁ, ଗାଈ ଗୋରୁ ପଶୁ କାହାକୁ ବି ଛାଡୁ ନାହାନ୍ତି।



ଦିନକୁ ଦିନ ଏମାନଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି । ନିକଟସ୍ଥ ନରୁଡ଼ା ଓ ପାର୍ବତୀପୁର ଗାଁକୁ ବି ମାଡ଼ି ଗଲେଣି । ପିମ୍ପୁଡ଼ି ଦାଉରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀ କୀଟନାଶକ ଓ ଗାମ୍ମାକ୍ସିନ୍ ସିଞ୍ଚନ କରୁଛନ୍ତି। ହେଲେ କିଛି କାମ ଦଉନି । ପିମ୍ପୁଡ଼ି ବଂଶ ଦମନ କରିବାରେ ଗ୍ରାମବାସୀ ଏକ ପ୍ରକାର ବିଫଳ ହେଲେଣି। ପିମ୍ପୁଡ଼ି ଦାଉରେ ଅତିଷ୍ଠ ହୋଇ ଗାଁ ଛାଡ଼ିବାକୁ ଲୋକେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

ସାହାଡ଼ାପଡ଼ାରେ ଗତ ତିନି ମାସ ହେବ ଏହି ନାଲି ପିମ୍ପୁଡ଼ି ଦେଖା ଦେଇଛନ୍ତି । ପ୍ରଥମେ କିଛି କିଛି ସ୍ଥାନରେ ଏହା ଦେଖିବାକୁ ମିଳିଥିଲା । ବଂଶବିସ୍ତାର କରି ଖୁବ୍‌ଶୀଘ୍ର ଏହା ଚାରିଆଡ଼େ ମାଡ଼ି ଯାଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଗାଁରେ ଗୋଟିଏ ବି କୁକୁର କିମ୍ବା ବିରାଡ଼ି ଦେଖିବାକୁ ମିଳୁନାହାନ୍ତି । ପିଲାମାନଙ୍କ ପାଠପଢ଼ା ଏକ ପ୍ରକାର ବନ୍ଦ ହୋଇଗଲାଣି କହିଲେ ଚଳେ । ଅନେକ ନିଜ ପିଲାଛୁଆଙ୍କୁ ବନ୍ଧୁ ବାନ୍ଧବଙ୍କ ଘରେ ଛାଡ଼ି ଦେଇଛନ୍ତି। ପଡ଼ିଆରେ ଗାଈ ଗୋରୁ ଚରି ପାରୁନାହାନ୍ତି । ପିମ୍ପୁଡ଼ି ଗାଈ ଗୋରୁଙ୍କ ନାକ ଓ ପାଟିରେ ପଶି ଯାଉଛନ୍ତି । ଫଳରେ ସେମାନେ ଏଣେତେଣେ ଦୌଡୁଥିବାର ଦେଖିବାକୁ ମିଳୁଛି । ସବୁ ଗଛର ମୂଳରୁ ଶେଷ ପର୍ଯ୍ୟନ୍ତ ଧାଡ଼ି ବାନ୍ଧିଛନ୍ତି ପିମ୍ପୁଡ଼ି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗାଁ ଲୋକ ଦାବି କରିଛନ୍ତି ।

ଗତବର୍ଷ ପିପିଲି ଚନ୍ଦ୍ରାଦେଇପୁରରେ ବି ଏହି ନାଲି ପିମ୍ପୁଡ଼ି ଆତଙ୍କ ଦେଖିବାକୁ ମିଳିଥିଲା । ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ । ଓୟୁଏଟିର ଏକ ଟିମ୍ ଗାଁରେ ପହଞ୍ଚି କୀଟନାଶକ ସିଞ୍ଚନ କରିଥିଲେ। ବାଡ଼ି ବଗିଚାରେ ଥିବା ଗଛରେ ମଧ୍ୟ ଔଷଧ ପକାଯାଇଥିଲା। ବହୁ କଷ୍ଟରେ ଏହାକୁ ଦମନ କରାଯାଇଥିଲା।

## ଜଗନ୍ନାଥ ଦର୍ଶନ କଲେ ସୋନୁ ନିଗମ



**ପୁରୀ,୨୦।୧୧ (ସଂଚାର ବ୍ୟୁରୋ):** ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ସୋନୁ ନିଗମ ବୁଧବାର ଶ୍ରୀମନ୍ଦିର ଆସି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। ଦୀର୍ଘ ଦିନ ପରେ ମହାପ୍ରଭୁଙ୍କ ଦର୍ଶନ ପାଇ ସେ ବେଶ ଭାବବିହ୍ୱଳ ହୋଇ ପଡ଼ିଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇ ସେ ନିଜକୁ ଭାଗ୍ୟବାନ ମନେ କରିଥିବା କହିଛନ୍ତି। ପ୍ରଥମେ ଶ୍ରୀମନ୍ଦିର ସିଂହଦ୍ୱାରରେ ସେବାୟତମାନେ ତାଙ୍କୁ ଖଣ୍ଡୁଆ ଦେଇ ସ୍ୱାଗତ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରାଇଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ପାର୍ଶ୍ୱ ଦେବାଦେବୀଙ୍କୁ ମଧ୍ୟ ସୋନୁ ନିଗମ ଦର୍ଶନ କରିଥିଲେ। ଏହାସହିତ କୋଣାର୍କ ଯାଇ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି ସୋନୁ ନିଗମ। ସୂର୍ଯ୍ୟ ମନ୍ଦିରର କାରୁକାର୍ଯ୍ୟଦେଖି ସେ ବିସ୍ମିତ ହୋଇପଡ଼ିଥିଲେ। କଟକ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗତକାଲି କଟକ ଆସିଥିଲେ ସୋନୁ ନିଗମ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭୁବନେଶ୍ୱରରେ ହିରୋ ଲୋନ୍ ଆଣ୍ଡ ଏକ୍ସଚେଞ୍ଜ କାର୍ନିଭାଲ




ଭୁବନେଶ୍ୱର,୨୦।୧୧: ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ହିରୋ ଲୋନ୍ ଆଣ୍ଡ ଏକ୍ସଚେଞ୍ଜ କାର୍ନିଭାଲ'ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହିରୋ ମୋଟୋକର୍ପର ସ୍ୱୀକୃତିପ୍ରାପ୍ତ ଡିଲର ତଥା ଭୁବନେଶ୍ୱରର ଡେଲଟା ଛକ ନିକଟସ୍ଥ ରୋହନ ହିରୋ ପକ୍ଷରୁ ଏକ ୬ ଦିନିଆ ମେଳା (ଋଣ ଏବଂ ବଦଳ ପର୍ବ) ର ଶୁଭାରମ୍ଭ ସୋମବାର ଶହୀଦ ନଗରସ୍ଥିତ ଦୁର୍ଗାପୂଜା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିରୋ ମୋଟକର୍ପର ଏଏଓଏମ ଉଜ୍ଜ୍ୱଳ କୋହଲି, ଏଏସ୍‌ଏମ୍ ରବିକାନ୍ତ ସିଂ, ଟିଏମ୍ ଅର୍ଚ୍ଚନା ଗୁପ୍ତାଙ୍କ ସମେତ ରୋହନ ହିରୋର ଏମ୍‌ଡି ନୀରୁ ଦୁବେ, ନିର୍ଦ୍ଦେଶକ ରୋହନ ଦୁବେ ଏବଂ ଜିଏମ୍ ପ୍ରିୟରଞ୍ଜନ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ରୋହନ ହିରୋ ପକ୍ଷରୁ ଆୟୋଜିତ ୬ ଦିନିଆ ମେଳା ଉଭୟ ଶହୀଦନଗର ଓ ତମାଣ୍ଡୋଠାରେ ଅନୁଷ୍ଠିତ ହେବ। ଶହୀଦ ନଗରରେ ୨୦୨୪ ନଭେମ୍ବର ୨୧ ପର୍ଯ୍ୟନ୍ତ ଏବଂ ତମାଣ୍ଡୋ ପଡ଼ିଆରେ ୨୦୨୪ ନଭେମ୍ବର ୨୨ ଓ ୨୩ରେ ଆୟୋଜିତ ହେବ ବୋଲି ରୋହନ ହିରୋ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

ସେହିଭଳି ଏହି ୬ ଦିନିଆ ମେଳାରେ କମ୍ପାନୀର ସମସ୍ତ ରେଞ୍ଜର ପୁରୁଣା ଗାଡିର ବଦଳ ସାଙ୍ଗକୁ ନୂଆ ଗାଡିର ବୁକିଂ, ଆକର୍ଷଣୀୟ ଦରରେ ଋଣ ଓ ରିହାତି ସୁବିଧା ଯୋଗାଇ ଦିଆଯାଉଛି। ଏପରିକି ସ୍କୁଟର ମଡେଲ ଉପରେ କମ୍ ଡାଉନ ପେମେଣ୍ଟ (୪୯୯୯ ଟଙ୍କା), କମ୍ ସୁଧ ହାର (୬,୯୯%) ଏବଂ ୯୦% ପର୍ଯ୍ୟନ୍ତ ଫଣ୍ଡିଙ୍ଗ ଉପଲବ୍ଧ ରହିଛି। ସେହିପରି ମୋଟରସାଇକେଲ ମଡେଲ ଉପରେ ମଧ୍ୟ ସମାନ ସୁବିଧା ଓ ଅଫର ରହିଛି। ଏପରିକି ମୋଟରସାଇକେଲ ମଡେଲ ଉପରେ କମ ଡାଉନ ପେମେଣ୍ଟ (୫୯୯୯ ଟଙ୍କା), କମ୍ ସୁଧ ହାର (୬,୯୯%) ଏବଂ ୯୦% ପର୍ଯ୍ୟନ୍ତ ଫଣ୍ଡିଙ୍ଗ ଉପଲବ୍ଧ ରହିଛି। ଏହି ମେଳା ସକାଳ ୧୦ ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ବୋଲି ରୋହନ ହିରୋ ଜିଏମ୍ ପ୍ରିୟରଞ୍ଜନ ଦାସ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ।

## ଏସ୍‌ବିଆଇ ହର୍ନିମାନ୍ ସର୍କଲ ଶାଖାର ଶତବାର୍ଷିକୀ ଉତ୍ସବ




ମୁମ୍ବାଇ,୨୦।୧୧: ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ମୁମ୍ବାଇସ୍ଥିତ ହର୍ନିମାନ୍ ସର୍କଲ ଶାଖାର ଶତବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏକ ୧୦୦ ଟଙ୍କିଆ ସ୍ମାରକୀ ମୁଦ୍ରା ସହିତ 'ଦି ଇଭଲ୍ୟୁଶନ ଅଫ୍ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ' ର ୫ମ ସଂସ୍କରଣକୁ ମଧ୍ୟ ଉନ୍ମୋଚନ କରିଛନ୍ତି, ଯେଉଁଥିରେ ୧୯୮୧ ରୁ ୧୯୯୬ ପର୍ଯ୍ୟନ୍ତର ବ୍ୟାଙ୍କ ଯାତ୍ରାର ଦସ୍ତାବିଜ ରହିଛି। ଏହି ଅବସରରେ ଆର୍ଥିକ ସେବା ବିଭାଗର ସଚିବ ଏମ୍. ନାଗରାଜୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଐତିହ୍ୟ ହର୍ନିମାନ୍ ସର୍କଲ ଶାଖାକୁ ୧୮୬୩ ରେ ତତ୍କାଳୀନ ବ୍ୟାଙ୍କ ଅଫ୍ ବମ୍ବେ ପକ୍ଷରୁ ଖୋଲାଯାଇଥିଲା। ଏହାର ଢାଞ୍ଚାକୁ ଗ୍ରେଡ୍୨ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଥିବାବେଳେ ଏହା ହେଉଛି ଭାରତୀୟ ବ୍ୟାଙ୍କ ଇତିହାସର ମୂଳଦୁଆ ଭାବେ ଦଣ୍ଡାୟମାନ ହୋଇଛି। ଏ ନେଇ ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି, ଏସ୍‌ବିଆଇର ଉଲ୍ଲେଖନୀୟ ଯାତ୍ରା, ଏହାର ଆଇକନିକ୍ ଶାଖାର ଶତବାର୍ଷିକୀ ଉତ୍ସବରେ ପରିଣତ ହୋଇଛି, ଯାହା ଅଭିବୃଦ୍ଧି ଏବଂ ସେବାର ଏକ ଅସାଧାରଣ ପରମ୍ପରାକୁ ପ୍ରତିଫଳିତ କରୁଛି। ଏସ୍‌ବିଆଇର ଅଧ୍ୟକ୍ଷ ସି.ଏସ୍. ସେଟ୍ଟି କହିଛନ୍ତି, ଏସ୍‌ବିଆଇ ଏହାର ଗୌରବମୟ ପରମ୍ପରାକୁ ପ୍ରତିଫଳିତ କରୁଥିବାବେଳେ ଆମେ ଭାରତର ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ହୋଇ ଗର୍ବ ଅନୁଭବ କରୁଛୁ। ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରୁଛୁ ଏବଂ ଏହି ଶିଳ୍ପକୁ ପୁନଃ ପରିକଳ୍ପିତ କରିଥିବା ପରିବର୍ତ୍ତନଶୀଳ ବ୍ୟାଙ୍କିଙ୍ଗ୍ ଉଦ୍ଭାବନର ଅଗ୍ରଣୀ ରହିଛୁ। ଏସ୍‌ବିଆଇ ଏକ ନୂତନ ଯୁଗ ଆରମ୍ଭ କରୁଥିବା ବେଳେ ଏହି ମାଇଲଖୁଣ୍ଟ ଆମର ସ୍ଥାୟୀ ପରମ୍ପରାର ପ୍ରମାଣ ଏବଂ ପ୍ରତ୍ୟେକ ଭାରତୀୟଙ୍କ ବିବିଧ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଆମର ଅତୁଟ ସମର୍ପଣକୁ ସୁଦୃଢ଼ କରୁଛି,ଯାହା ଆମକୁ ପ୍ରକୃତରେ 'ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବ୍ୟାଙ୍କରେ ପରିଣତ କରିଛି।

## 'ଶ୍ରମବୀର ପ୍ୟାଲେସ' ଉଦ୍‌ଘାଟନ କଲେ ଜେଏସ୍‌ପି ଅଧ୍ୟକ୍ଷ



ଅନୁଗୋଳ,୧୯।୧୧: ହରିୟାଣା କୁରୁକ୍ଷେତ୍ରର ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଅଧ୍ୟକ୍ଷ ନବୀନ ଜିନ୍ଦଲ ସୋମବାର ଜେଏସ୍‌ପି ଅନୁଗୋଳ ୟୁନିଟ୍‌ରେ 'ଶ୍ରମବୀର ପ୍ୟାଲେସ'ର ଉଦ୍‌ଘାଟନ କରିଛନ୍ତି। ଏହି ଶ୍ରମବୀର ପ୍ୟାଲେସ ତଥା ଶୀତତାପ ନିୟନ୍ତ୍ରିତ ଆବାସରେ ୧୦୫୬ଟି ଶଯ୍ୟା ରହିଛି, ଯେଉଁଠାରେ ଶ୍ରମିକମାନଙ୍କ ରହିବା ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଅଛି। ଶ୍ରମିକମାନଙ୍କ ପାଇଁ ନିଆଯାଇଥିବା ଏହି ପଦକ୍ଷେପ କର୍ମଜୀବୀଙ୍କ ପ୍ରତି ଜେଏସ୍‌ପିର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ କହିଲେ, ପ୍ରତ୍ୟେକ ଶ୍ରମିକଙ୍କ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଆରାମ ହେଉଛି ଜେଏସ୍‌ପିର ପ୍ରାଥମିକତା। କ୍ରମାଗତ ଭାବରେ କମ୍ପାନୀର ଅଭିବୃଦ୍ଧି ତଥା ଉନ୍ନତି ପାଇଁ ପ୍ରୟାସ କରୁଥିବା ସମସ୍ତ ମାନବସମ୍ବଳଙ୍କ ସୁସ୍ଥତାକୁ ସୁନିଶ୍ଚିତ କରାଯାଉଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ ବ୍ୟକ୍ତିଗତ ଭାବରେ ଗଦି, ଶଯ୍ୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁବିଧା ସୁଯୋଗର ଗୁଣବତ୍ତା ଯାଞ୍ଚ କରିଥିଲେ। କର୍ମଜୀବୀମାନେ ଏପରି ସୁନ୍ଦର ଆବାସ ପାଇଥିବାରୁ ସେମାନଙ୍କ ଖୁସି ଏବଂ କୃତଜ୍ଞତା ଜଣାଇବା ସହ କର୍ମଜୀବୀଙ୍କ ପାଇଁ ନିଆଯାଇଥିବା ଏହି ନିଆରା ପଦକ୍ଷେପ ଯୋଗୁ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲଙ୍କୁ ଧନ୍ୟବାଦ ଜଣାଇଥିଲେ।

ସୂଚନାଯୋଗ୍ୟ, ଜେଏସ୍‌ପିର ଅନୁଗୋଳ ୟୁନିଟ୍ ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱର ସର୍ବବୃହତ ଏକକ-ଅବସ୍ଥାନ ବିଶିଷ୍ଟ ଇସ୍ପାତ ଉତ୍ପାଦନକାରୀ ହେବାକୁ ଯାଉଛି, ଯାହାର ଆନୁମାନିକ ଉତ୍ପାଦନ କ୍ଷମତା ବାର୍ଷିକ ୨୫ ନିୟୁତ ଟନ୍ (ଏମ୍‌ଟିପିଏ) ନେଇ ଲକ୍ଷ୍ୟ ରହିଛି। ଶ୍ରମବୀର ପ୍ୟାଲେସ ବ୍ୟତୀତ, ଆଉ ୨ଟି ସମାନ ଆବାସ ୟୁନିଟ୍ ଶ୍ରମିକ ବିହାରରେ ବିକଶିତ କରାଯାଇଛି। ଏହି ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୩୦୦୦ ଜଣଙ୍କ ରହଣି ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୫ ଶେଷ ସୁଦ୍ଧା ୨୦,୦୦୦ ଶ୍ରମିକଙ୍କ ରହିବା ପାଇଁ ଏହି ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ୟୁନିଟ୍ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଅନ୍ୟମାନେ ଯୋଗଦେଇ କର୍ମଜୀବୀଙ୍କ ବିକାଶ ପାଇଁ ଜେଏସ୍‌ପିର ସାମଗ୍ରିକ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ।

# ପ୍ରଥମ ରାଜ୍ୟସ୍ତରୀୟ ଉର୍ଜା ମେଳା ଉଦ୍‌ଘାଟିତ



ଭୁବନେଶ୍ୱର,୨୦।୧୧: ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ପାୱାର ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ଉର୍ଜା ମେଳା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୪୭୦ରୁ ଅଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଜାତୀୟ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ ଅବସରରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଟାଟା ପାୱାର କ୍ଲବ୍ ଏନର୍ଜି ପଦକ୍ଷେପର ଏକ ଅଂଶ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଗତ ୩ ବର୍ଷ ମଧ୍ୟରେ କ୍ଲବ୍ ଏନର୍ଜିର ଉପସ୍ଥିତି, ସାରା ଓଡ଼ିଶାରେ ଉଲ୍ଲେଖନୀୟ ଭାବେ ବିସ୍ତାର ହୋଇଛି। ଟାଟା ପାୱାରର ୪ଟି ଡିସ୍‌କମ୍- ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏନ୍‌ଓଡିଏଲ୍ ଓ ଟିପିଏସ୍‌ଓଡିଏଲ୍ ଜରିଆରେ ଏହି କାର୍ଯ୍ୟକ୍ରମ ସାରା ରାଜ୍ୟର ପ୍ରମୁଖ ଅଞ୍ଚଳ ଯଥା ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଭଳି ଅଞ୍ଚଳର ୫୦୦ରୁ ଅଧିକ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏପରିକି ନିକଟରେ ଆୟୋଜନ କରାଯାଇଥିବା ଅନେକ ମିନି ଉର୍ଜା ମେଳାରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ଏହି ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଟାଟା ପାୱାରର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ତଥା ସ୍ଥାୟିତ୍ୱ ଓ ସିଏସ୍ଆର ମୁଖ୍ୟ ହିମାଲ ତିୱାରୀଙ୍କ ସମେତ ପଦ୍ମଶ୍ରୀ ସାବରମତୀ ଟିକି ଏବଂ ୟୁନିସେଫ୍, ୟୁଏନ୍‌ଡିପି, ଟାଟା ଷ୍ଟିଲ୍, ଆଇଏଚ୍‌ସିଏଲ୍, ଟିସିଏସ୍ ଏବଂ ଟାଟା ଷ୍ଟ୍ରାଇଭର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ଗ୍ରୁପ୍, ଏଲ୍‌ଟିଆଇ ମାଇଣ୍ଡଟ୍ରି, ଜେଏସ୍‌ଏଲ୍, ୱାଲର୍ଡ ଫୁଡ୍ ପ୍ରୋଗ୍ରାମ ଏବଂ ଲାଇଟ୍ ହାଉସ୍ ଫାଉଣ୍ଡେଶନ ଭଳି କର୍ପୋରେଟ୍ ଏବଂ ଏନ୍‌ଜିଓମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ନେଇ ହିମାଲ ତିୱାରୀ କହିଛନ୍ତି, ଟାଟା ପାୱାରର ଏହି ମିଶନ ମୂଳରେ ସ୍ଥାୟିତ୍ୱ ରହିଛି। ଉର୍ଜାମେଳା ଜରିଆରେ ଆମେ ଏକ ସବୁଜ, ସମାବେଶୀ ଭବିଷ୍ୟତ ଗଠନ କରିବା ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରୁଛୁ।

## ରପ୍ତାନି ଉପରେ ଆମେରିକାର ୧୦% ଟିକସ ଲାଗୁ ପାଇଁ ଚିନ୍ତାରେ ଭାରତ

ନୂଆଦିଲ୍ଲୀ,୧୯।୧୧:ଡୋନାଲ୍ଡ ଟ୍ରମ୍ପଙ୍କ ଆଗମନ ପରେ ଭାରତ ସହ ସମ୍ପର୍କକୁ ନେଇ ଅନେକ ପ୍ରକାରର କଳ୍ପନାଜଳ୍ପନା କରାଯାଉଛି। ବର୍ତ୍ତମାନ ଆନ୍ତର୍ଜାତୀୟ ବଜାରରେ ଆସୁଥିବା ଖବର ହେଉଛି ଆମେରିକା କିମ୍ବା ଟ୍ରମ୍ପ ପ୍ରଶାସନ ଭାରତର ରପ୍ତାନି ଉପରେ ୧୦ ପ୍ରତିଶତ ଟ୍ୟାକ୍ସ ଲାଗୁ କରିପାରନ୍ତି। ଏହାର ଅର୍ଥ ହେଉଛି ଚାଇନା ସହିତ ଭାରତ ମଧ୍ୟ ଆମେରିକାର ଟାର୍ଗେଟ ହେବାକୁ ଯାଉଛି। ଯଦି ଏପରି ଘଟେ ତେବେ ଦୁଇ ଦେଶ ମଧ୍ୟରେ ଏକ ନୂଆ ପ୍ରକାରର ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ହେବାକୁ ଯାଉଛି। ଆମେରିକା ନିର୍ବାଚନରେ ଏମପି ଭାବେ ନିର୍ବାଚିତ ହୋଇଥିବା ଭାରତୀୟ ମୂଳ ସୁହାସ ସୁବ୍ରମଣ୍ୟମ କହିଛନ୍ତି ଯେ, ସେ ଭାରତ ଉପରେ ଶୁଳ୍କ ଲାଗୁ କରିବାକୁ ବିରୋଧ କରୁଛନ୍ତି କାରଣ ଏହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ହେବ। ସୁବ୍ରମଣ୍ୟମ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସେ ଭାରତ ଉପରେ ଶୁଳ୍କ ଲାଗୁ କରିବାକୁ ସମର୍ଥନ କରୁନାହାଁନ୍ତି। ଏହା ଏକ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିବ। ଏହା କୌଣସି ଦେଶ ପାଇଁ ଭଲ ନୁହେଁ।

# ୫୧ ଟଙ୍କାରେ ବର୍ଷସାରା ମିଳିବ ଜିଓର ୫ଜି ଡାଟା

ନୂଆଦିଲ୍ଲୀ,୨୦।୧୧: ଭାରତର ସର୍ବବୃହତ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ଭାଉଚର ପ୍ରଦାନ କରୁଛି। ମାତ୍ର ୬୦୧ ଟଙ୍କାରେ 5G ଅପଗ୍ରେଡ ଗିଫ୍ଟ ଭାଉଚର ପ୍ରଦାନ କରୁଛି ଜିଓ। ଆପଣ ଏହି ଭାଉଚରକୁ ନିଜ ପାଇଁ ବ୍ୟବହାର କରିପାରିବେ କିମ୍ବା ଏହାକୁ ଅନ୍ୟ କାହାକୁ ଉପହାର ମଧ୍ୟ କରିପାରିବେ। ଏହାର ବେଷ୍ଟ ଫିଚର୍ ହେଉଛି ଏହା ସଂପୂର୍ଣ୍ଣ ଟ୍ରାନ୍ସଫରଯୋଗ୍ୟ। ଯେତେବେଳେ ଆପଣ ଏହି ଭାଉଚରକୁ କାହାକୁ ଉପହାର ଦିଅନ୍ତି, ଏହା ସେମାନଙ୍କର ମାଇଁ ଜିଓ ଆକାଉଣ୍ଟରେ ଯୋଡି ହୋଇଯିବ। ଏହି ଭାଉଚର୍ ସେହି ୟୁଜର୍ସମାନଙ୍କ ପାଇଁ, ଯେଉଁମାନେ ବର୍ତ୍ତମାନ ୪ଜି ନେଟୱାର୍କରେ ଅଛନ୍ତି ଏବଂ Jio ର 5G ଏକ୍ସପେରିଏନ୍ସ ଅନୁଭବ କରିବାକୁ ଚାହୁଁଛନ୍ତି। ଜିଓ ବର୍ତ୍ତମାନ ସେହି ପ୍ଲାନଗୁଡିକ ଉପରେ 5G ସର୍ଭିସ ପ୍ରଦାନ କରୁଛି ଯେଉଁଥିରେ ୨GB କିମ୍ବା ଅଧିକ ଡେଲି ଡାଟା ଉପଲବ୍ଧ ଅଛି।




ଏପରି ପରିସ୍ଥିତିରେ, ଯେଉଁମାନେ ଦୈନିକ ୧. ୫ ଜିବି ଡାଟା ସହିତ କୌଣସି ପ୍ଲାନ ବ୍ୟବହାର କରୁଛନ୍ତି, ସେମାନେ ଏହି ଭାଉଚର ସାହାଯ୍ୟରେ 5G ର ମଜା ଉଠାଇପାରିବେ। ୬୦୧ ଟଙ୍କାର ଏହି ଭାଉଚର୍ ବାସ୍ତବରେ ୧୨ଟି ଛୋଟ ଭାଉଚରର ଏକ ପ୍ୟାକେଜ, ଯାହାର ପ୍ରତ୍ୟେକ ଭାଉଚରର ମୂଲ୍ୟ ୫୧ ଟଙ୍କା। MyJio ଆପରୁ ଏହି ୫୧ଟଙ୍କାର ଭାଉଚର୍ ଆକ୍ଟିଭ ହୋଇପାରିବ। ଏହି ଭାଉଚର୍ ବ୍ୟବହାର କରି, ଆପଣ ଏକ ବର୍ଷ ପାଇଁ 5G ନେଟୱାର୍କ ସହିତ କନେକ୍ଟ ରହିପାରିବେ। ବିଶେଷ କଥା ହେଉଛି ୫୧ ଟଙ୍କା ଭାଉଚର୍ କେବଳ ସେହି ମାସିକ ପ୍ରିପେଡ ପ୍ଲାନରେ ବ୍ୟବହାର କରାଯାଇପାରିବ ଯାହା ଦୈନିକ ୧. ୫ ଜିବି ଡାଟା ପ୍ରଦାନ କରିଥାଏ। ୬୦୧ ଭାଉଚରକୁ Myjio ଆକାଉଣ୍ଟରେ ଟ୍ରାନ୍ସଫର କରାଯାଇପାରିବ। ତଥାପି, ୫୧ ଟଙ୍କାର ଛୋଟ ଭାଉଚରକୁ ପୃଥକ ଭାବରେ ଟ୍ରାନ୍ସଫର କରାଯାଇପାରିବ ନାହିଁ। ଜିଓ କହିଛି, ଉପଭୋକ୍ତାମାନେ ୬୦୧ Jio True 5G ଅପଗ୍ରେଡ ଗିଫ୍ଟ ଭାଉଚରକୁ ସେମାନଙ୍କ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସେମାନଙ୍କ Jio ନମ୍ବରରେ ରିଡିମ କରିବା ପୂର୍ବରୁ ଟ୍ରାନ୍ସଫର କରିପାରିବେ। ରିଲାଏନ୍ସ ଜିଓର ଏହି ଭାଉଚର୍ ସେହି ୟୁଜର୍ସଙ୍କ ପାଇଁ ବହୁତ ଭଲ, ଯେଉଁମାନେ କମ ମୂଲ୍ୟରେ 5G ର ମଜା ଉଠାଇବାକୁ ଚାହୁଁଛନ୍ତି। ଏହାକୁ ବ୍ୟବହାର କରି, ୟୁଜର୍ସମାନେ ଅଧିକ ଖର୍ଚ୍ଚ ନକରି ସେମାନଙ୍କର ଡାଟା ସ୍ପିଡ ଏବଂ କନେକ୍ଟିଭିଟି ଅପଗ୍ରେଡ କରିପାରିବେ। ଏହି ଭାଉଚରକୁ ରିଡିମ କରିବାକୁ ହେଲେ ଆପଣଙ୍କର MyJio ଆକାଉଣ୍ଟ ଲଗଇନ କରନ୍ତୁ। ଆପ ମେନୁରୁ My Voucher ସେକ୍ସନକୁ ଯାଆନ୍ତୁ। ଉପଲବ୍ଧ ଭାଉଚର ଲିଷ୍ଟରୁ ୬୦୧ ଭାଉଚର୍ ଚୟନ କରନ୍ତୁ। ଭାଉଚରକୁ ରିଡିମ କରିବାକୁ 'Redeem' ବଟନ ଦବାନ୍ତୁ। ଏହାପରେ ଭାଉଚର ରିଡିମ ପ୍ରକ୍ରିୟା ନିଶ୍ଚିତ କରନ୍ତୁ। ଭାଉଚର ରିଡିମ ହେବା ମାତ୍ରେ ଜିଓର 5G ନେଟୱାର୍କ ବ୍ୟବହାର କରିବା ଆରମ୍ଭ କରନ୍ତୁ।

## ଭାରତ ହେବ ବିଶ୍ୱର ଶକ୍ତିକେନ୍ଦ୍ର
### ୨୦୩୦ ସୁଦ୍ଧା ପଛରେ ପଡିବ ଚୀନ

ନୂଆଦିଲ୍ଲୀ: ଭାରତରେ ରୋଜଗାରିଆଙ୍କ ସଂଖ୍ୟା ବଢିବାରେ ଲାଗିଛି। ଦେଶ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି ଆଗକୁ ସାରା ବିଶ୍ୱର ଶ୍ରମ ବଳରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଭାରତୀୟ ଶ୍ରମବଳକୁ ନେଇ ଏଭଳି କିଛି ଶୁଭ ଖବର ଦେଇଛି ଆଞ୍ଜେଲ ୱାନ ୱେଲ୍ଥ ନାମକ ଏକ ସଂସ୍ଥା। ସଂସ୍ଥା ଗବେଷଣା କରି କହିଛି ୨୦୩୦ରୁ ୨୦୫୦ ମଧ୍ୟରେ ସମଗ୍ର ବିଶ୍ୱର ମୋଟ ଶ୍ରମବଳରେ କେବଳ ଭାରତର ଅବଦାନ ୨୦ ପ୍ରତିଶତ ରହିବ। ସରଳ ଭାଷାରେ କହିବାକୁ ଗଲେ ଏହି ଅବଧି ମଧ୍ୟରେ ବିଶ୍ୱର ମୋଟ କର୍ମଜୀବୀଙ୍କ ସଂଖ୍ୟାରେ ୨୦ ପ୍ରତିଶତ କେବଳ ଭାରତର ହେବ। ହେଲେ ଚୀନର ଅବସ୍ଥା କିନ୍ତୁ ଦିନକୁ ଦିନ ଶୋଚନୀୟ ହୋଇପଡୁଛି। ଆଗକୁ ଡ୍ରାଗନର ଶ୍ରମବଳ ଭୟଙ୍କର ଭାବେ ହ୍ରାସ ପାଇବ। ସବୁଠାରୁ ବଡ଼ କଥା ହେଉଛି ଭାରତ ଉଚ୍ଚ ଆୟକାରୀ ପରିବାରଙ୍କ ସଂଖ୍ୟା ମଧ୍ୟ ବଢ଼ୁଛି। ଆଞ୍ଜେଲୱାନ ୱେଲ୍ଥ ସଂସ୍ଥାର ଗବେଷଣା ରିପୋର୍ଟ ଅନୁସାରେ, ୨୦୩୦ ସୁଦ୍ଧା ଦେଶରେ ଥିବା ଉଚ୍ଚ ଆୟକାରି ପରିବାରର ସଂଖ୍ୟା ତିନିଗୁଣ ବୃଦ୍ଧି ପାଇବ। ଉଚ୍ଚ ଆୟକାରି ପରିବାରର ସଂଖ୍ୟାରେ ଆଶାତୀତ ଅଭିବୃଦ୍ଧି ଯୋଗୁଁ ମୁଣ୍ଡ ପିଛା ଆୟ କ୍ଷେତ୍ରରେ ଭାରତ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି । ଉଚ୍ଚ ଆୟକାରୀ ପରିବାର ସଂଖ୍ୟା ବଢ଼ିଲେ ସ୍ୱାଭାବିକ ଭାବେ ନିମ୍ନଆୟକାରୀ ପରିବାର ସଂଖ୍ୟା କମିବ। ରିପୋର୍ଟ ଅନୁସାରେ, ଦେଶରେ ୨୦୧୮ ମସିହାରେ ଥିବା ୪୩ ପ୍ରତିଶତ ସ୍ୱଳ୍ପ ଆୟକାରି ପରିବାରର ସଂଖ୍ୟା ୨୦୩୦ ସୁଦ୍ଧା ୧୫ ପ୍ରତିଶତକୁ ଖସି ଆସିବ। କେବଳ ଯେ ପାରିବାରିକ ଆୟ ବଢୁଛି ତାହା ନୁହେଁ, ଦେଶର ଜିଡିପି ଅନୁପାତରେ ପାରିବାରିକ ଋଣ ବି ବହୁତ କମ ରହିଛି, ଯାହା ଦେଶର ଅର୍ଥନୀତି ପାଇଁ ଶୁଭ ସଂକେତ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦେଶର ଯୁବ ଜନସଂଖ୍ୟା ମଧ୍ୟ ଏହି ଅର୍ଥନୈତିକ ବୈପ୍ଳବିକ ପରିବର୍ତ୍ତନର ଏକ ପ୍ରମୁଖ କାରଣ ହୋଇପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଭାରତରେ ବାସ କରୁଥିବା ଯୁବଗୋଷ୍ଠୀଙ୍କ ହାରାହାରି ବୟସ ୨୯ ରହିଛି। ଅଧିକ ଯୁବ ଜନସଂଖ୍ୟା ଥିବାର କର୍ମବଳ ଅଧିକ ରହିଛି ଓ ନିର୍ଭରଶୀଳତା କମ ରହିଛି। କିନ୍ତୁ ଚୀନ ଓ ୟୁରୋପରେ ସ୍ଥିତି ଓଲଟା ଦେଖିବାକୁ ମିଳିଛି। ଏଠାରେ ଡିପେଣ୍ଡେନ୍ସି ବା ନିର୍ଭରଶୀଳାତ ବଢୁଥିବା କାରଣରୁ ଏହି ଦେଶଗୁଡ଼ିକ ଆଗକୁ ବଡ଼ ଅର୍ଥନୈତିକ ଚ୍ୟାଲେଞ୍ଜ ଦେଖା ଦେଇପାରେ ବୋଲି ଆଞ୍ଜେଲ ୱାନ ସଂସ୍ଥା କହିଛି। ମଜଭୁତ ଅର୍ଥନୀତି ପାଇଁ ଖର୍ଚ୍ଚର ମଧ୍ୟ ଏକ ବଡ଼ ଭୂମିକା ରହିଛି। ଆପଣ ଜାଣି ଖୁସି ହେବେ ଯେ ଭାରତୀୟମାନେ ଅନୁଚିତ ଖର୍ଚ୍ଚ ବଦଳରେ ଉଚିତ ଖର୍ଚ୍ଚ କରୁଛନ୍ତି। କାରଣ ଦେଶର ଜନସଂଖ୍ୟା ଅନୁପାତ ଠାରୁ ପରିବାର ସଂଖ୍ୟା ଅନୁପାତ ବଢୁଥିବାର ଖର୍ଚ୍ଚ ମଧ୍ୟ ଉଚିତ ହେଉଛି। ଯାହା ଦେଶକୁ ଏକ ଉତ୍ତମ ଖର୍ଚ୍ଚ ଶୈଳୀ ଆଡ଼କୁ ଅଗ୍ରସର କରାଉଛି। ଏଥିରେ ଭାରତୀୟ ପରିବାରର ସମୃଦ୍ଧି ପରିଲଖିତ ହେଉଛି। ଅନ୍ୟପଟେ ଟ୍ୟାକ୍ସ କଲେକ୍ସନ ବିଷୟରେ ଯଦି ବିଚାର କରାଯାଏ ତେବେ ରିପୋର୍ଟରେ ଏନେଇ ମଧ୍ୟ ସବୁଜ ସଂକେକ ମିଳିଛି। ରିପୋର୍ଟ ଅନୁସାରେ, ୨୦୨୧ ଠାରୁ ବ୍ୟକ୍ତିଗତ ଆୟ କର କର୍ପୋରେଟ କର ଠାରୁ ବଢ଼ିଛି। ଏଥିରୁ ଜଣାପଡ଼ିଛି ଯେ ଦେଶର ଅର୍ଥନୀତି ମଜଭୁତ କରିବା ଦିଗରେ ଦେଶର ନାଗରିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଦେଶର ଦ୍ରୁତ ଆୟ ଅଭିବୃଦ୍ଧି, ସ୍ୱଳ୍ପ ଘରୋଇ ଋଣ ଏବଂ ଯୁବ କର୍ମଜୀବୀଙ୍କ ଉତ୍ତମ ସ୍ଥିତି ଭାରତକୁ ଏ ବିଶ୍ୱ ଅର୍ଥନୈତିକ ଶକ୍ତି ଭାବରେ ସ୍ଥାନିତ କରିଛି। ଯାହା ଆଗାମୀ ଦଶନ୍ଧି ମଧ୍ୟରେ କେବଳ ଘରୋଇ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଅଭିବୃଦ୍ଧି କରିବ ବୋଲି ଆଞ୍ଜେଲ ୱାନ ୱେଲ୍ଥ କହିଛି।

## ପୁଣି ବଢ଼ିଲା ସୁନା ଦର

**ନୂଆଦିଲ୍ଲୀ, ୨୦।୧୧:** ମହଙ୍ଗା ବଜାର ଭିତରେ ଅଚାନକ ଖସିଥିଲା ସୁନା ଦର। ଉଭୟ ୨୨ ଓ ୨୪ କ୍ୟାରେଟ ସୁନା ଦର ହ୍ରାସ ପାଇଥିଲା। ବିବାହ ଋତୁରେ ସୁନା ଦର ଖସିଥିବାରୁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। କିନ୍ତୁ ଆଜି ସାମାନ୍ୟ ବଢି ସୁନା ଦର। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୧୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୬୨୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧,୧୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୬୨୦ ଟଙ୍କା ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୧୫୦ ଟଙ୍କା ଓ ୭୭ ,୬୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୩୦୦ ଟଙ୍କା ଓ ୭୭ ,୭୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୧୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭ ,୬୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୧୫୦ ଟଙ୍କା ଓ ୭୭ ,୬୨୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୦୦୦ ହଜାର ଟଙ୍କା ହୋଇଛି।

## କମିଲା ପେଟ୍ରୋଲ ଓ ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୫ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୪୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୯ ଟଙ୍କା ୯୭ ପଇସା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୪ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୭୬ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧ୍ୟମରେ ମଧ୍ୟ ଜାଣିପାରିବେ। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ। ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ। ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ। ସୂଚନା ମୁତାବକ, ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ରାଜ୍ୟରେ ଲକ୍ଷେ ଲୋକରେ ୨୦ ହଜାର ଋଣଗ୍ରହିତା

ନୂଆଦିଲ୍ଲୀ, ୨୦/୧୧ : ରାଜ୍ୟରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୦ ହଜାର ହେଉଛନ୍ତି ଋଣଗ୍ରହିତା। ଗ୍ରାମାଞ୍ଚଳରେ ଏହା ୨୦,୬୭୫ ରହିଥିବା ବେଳେ ସହରାଞ୍ଚଳରେ ୧୬,୧୬୨ ଜଣ। ଜାତୀୟ ନମୁନା ସର୍ଭେ କାର୍ଯ୍ୟାଳୟ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ ଏବଂ ୫୦୦ ଟଙ୍କା କିମ୍ବା ଏହାଠାରୁ ଉର୍ଦ୍ଧ୍ୱର୍ ମୂଲ୍ୟର ଋଣକୁ ଏଥିରେ ବିଚାର କରାଯାଇଛି। ଉଭୟ ପ୍ରତିଷ୍ଠାନ ଏବଂ ଅଣ ପ୍ରତିଷ୍ଠାନ ଋଣ ଏଥିରେ ସାମିଲ ରହିଛି। ସାରା ଦେଶର ସ୍ଥିତିକୁ ଦେଖିଲେ ଏହି ବୟସ ବର୍ଗରେ ପ୍ରତି ୧ ଲକ୍ଷ ଲୋକରେ ୧୮,୩୨୨ ଲୋକଙ୍କ ଉପରେ ଋଣ ରହିଛି। ପୁରୁଷ ଏବଂ ମହିଳା କ୍ଷେତ୍ରରେ ଏହା ଲକ୍ଷେରେ ଯଥାକ୍ରମେ ୨୪,୨୧୪ ଏବଂ ୧୨,୨୭୫ ଜଣ। ଗ୍ରାମାଞ୍ଚଳରେ ପ୍ରତି ଲକ୍ଷେ ଲୋକରେ ୧୮,୭୧୪ ଜଣ ଏବଂ ସହରାଞ୍ଚଳର ୧୭,୪୨୨ ଜଣ ଋଣ କରିଛନ୍ତି। ଗ୍ରାମାଞ୍ଚଳରେ ଲକ୍ଷେ ଲୋକରେ ହାରାହାରି ପୁରୁଷ ଏବଂ ମହିଳାଙ୍କ ଋଣଗ୍ରହିତାଙ୍କ ସଂଖ୍ୟା ଯଥାକ୍ରମେ ୨୪,୩୨୨ ଜଣ ଏବଂ ୧୩,୦୧୬ ଜଣ ଅଛି। ସେହିଭଳି ସହରାଞ୍ଚଳରେ ପୁରୁଷ ଏବଂ ମହିଳା କ୍ଷେତ୍ରରେ ଏହା ଯଥାକ୍ରମେ ୨୩,୯୭୫ ଏବଂ ୧୦୫୮୪ ଜଣ। ୧୮ ବର୍ଷରୁ ଉର୍ଦ୍ଧ୍ୱର୍ ବୟସ ବର୍ଗରେ ଓଡ଼ିଶାରେ ୯୫.୭% ଲୋକଙ୍କ ପାଖରେ ବ୍ୟାଙ୍କ ଖାତା ରହିଛି। ଗ୍ରାମଞ୍ଚଳରେ ଏହା ୯୫.୫% ଏବଂ ସହରାଞ୍ଚଳରେ ୯୬.୫% । ପୁରୁଷ ଏବଂ ମହିଳାଙ୍କ କ୍ଷେତ୍ରରେ ଏହା ଯଥାକ୍ରମେ ୯୬.୮ ଏବଂ ୯୪.୫%।

## ଖପ୍ରାଖୋଲରେ ଖତ ଖାଇଲାଣି ମିନି ପାର୍କ ଓ ସେଲ୍ଫି ପଏଣ୍ଟ

**ଖପ୍ରାଖୋଲ,୨୦।୧୧(ସଂଚାର ବ୍ୟୁରୋ):** ସହର ସୌନ୍ଦର୍ଯ୍ୟିକରଣ ପାଇଁ ବିଭିନ୍ନ ସ୍ଥାନ ରେ ମିନି ପାର୍କ, ସେଲ୍ଫି ପଏଣ୍ଟ ମାନେ ବିଜେଡି ଅମଳ ରେ ହୋଇଥିଲା କିନ୍ତୁ ଏବେ ସେଇ ପାର୍କ ଓ ସେଲ୍ଫି ପଏଣ୍ଟ ର ଉଚ୍ଚିତ ରକ୍ଷଣ ବେକ୍ଷଣ ଅଭାବ ରୁ ଖପ୍ରାଖୋଲ ର ସେଲ୍ଫି ପଏଣ୍ଟ ର ଅକ୍ଷର ମାନ ଝଡି ଯାଇଛି । ସେହିପରି ମିନି ପାର୍କ ମାନଙ୍କ ରେ ଅନାବନା ଘାସ ବଢ଼ି ଯିବା ଫଳରେ ସ୍ଥାନ ସ୍ଥାନ ସନ୍ତଶନ୍ତିଆ ହେବା ସହ ଅସୁନ୍ଦର ଦେଖା ଯାଉଛି । ସବୁ ଠୁଁ ଆଶ୍ଚର୍ଯ୍ୟ କଥା ଯେ, ବ୍ଲକ ଅଫିସ ଠୁଁ ପାଖାପାଖି ୫୦୦ ମିଟର ଦୁରରେ ସେଲ୍ଫି ପଏଣ୍ଟ ଥିଲେ ବି ଏହାର ଦୂରାବସ୍ଥା ବାବୁ ମାନଙ୍କୁ ଦୃଷ୍ଟି ଗୋଚର ହେଉନାହିଁ । ଉଦଘାଟନ ର କିଛି ଦିନ ଚକ ଚକ ଥିବା ସେଲ୍ଫି ପଏଣ୍ଟ ଏବେ ଆବର୍ଜନା କୁଣ୍ଡ । ପ୍ରଶାସନ ଟିକେ ଧ୍ୟାନ ଦେବା ଉଚିତ ନ ହେଲେ ଧୀରେ ଧୀରେ ଏହି ଜାଗା ରେ ଅନାବନା ଘାସ ଭର୍ତି ହୋଇ ଆବର୍ଜନା କୁଣ୍ଡ ହୋଇଯିବ । ଖାଲି ଉଦଘାଟନ ସମୟ ରେ ବାବୁ ମାନେ ସେଲ୍ଫି ପଏଣ୍ଟ ରେ ଛିଡା ହୋଇ ସେଲ୍ଫି ନେଇ ବାହାବା ନେବା ଅପେକ୍ଷା ବର୍ତମାନ ସେଲ୍ଫି ପଏଣ୍ଟ ର ଦୂରାବସ୍ଥା କୁ ଧ୍ୟାନ ଦେଲେ ଓ ତା'ର ଯତ୍ନ ନିଆ ଯାଉ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି ।

## ଜିଲ୍ଲା ବରିଷ୍ଠ ନାଗରିକ ସଂଘ ବୈଠକ

**ବଲାଙ୍ଗିର,୨୦।୧୧(ସଂଚାର ବ୍ୟୁରୋ):** ଖୁଜେନପାଲି ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ସଭାପତି ଡ. ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ନୂଆଁଖାଇ ଭେଟ ୨୦୨୪ ପରିବାର ମିଳନ କାର୍ଯ୍ୟକ୍ରମ ବିକ୍ରମାନନ୍ଦ ବହିଦାର, ମୁଖ୍ୟ ଉପଦେଷ୍ଟା ଶୁଭାରମ୍ଭ କରିଥିଲେ। ସଂଘର ସମ୍ପାଦକ ବସନ୍ତ ଆଚାର୍ଯ୍ୟ ଉକ୍ତ ଉତ୍ସବ ସମ୍ବନ୍ଧେ ସମସ୍ତ ପରିବାର ବର୍ଗଙ୍କୁ ସ୍ୱାଗତ କରି ଅଭିନନ୍ଦନ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ସଂଘର ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା ଙ୍କୁ ମଞ୍ଚ ପରିଚାଳନା କରିବାକୁ ଆହ୍ୱାନ କରିଥିଲେ। ମଞ୍ଚରେ ଉପସ୍ଥିତ ଥିବା ଅତିଥିମାନଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ଶ୍ରୀ ବହିଦାର ଙ୍କ ଅଭିଭାଷଣ ପରେ ଶ୍ରୀ ପଣ୍ଡା ମୁଖ୍ୟବକ୍ତା ଜଗଦାନନ୍ଦ ଛୁରିଆ ଏବଂ କବିରାଜ ଭୋଇ, ଅଧ୍ୟକ୍ଷ ସାହାଜବାହାଲ ଡିଗ୍ରୀ କଲେଜ ଆମନ୍ତ୍ରଣ କରି ନିଜର ବକ୍ତବ୍ୟ ରଖିବାକୁ ଅନୁରୋଧ କରିଥିଲେ। ବକ୍ତବ୍ୟରେ ଉଭୟ ବକ୍ତା ପବିତ୍ର ନୁଆଁଖାଇ ଉତ୍ସବର ମହତ୍ୱ, ପାରମ୍ପରିକ ସଂସ୍କୃତି, ମୈତ୍ରୀ ଓ ଭାଇଚାରା ଉପରେ ଚାଞ୍ଚଲ୍ୟକର ବୟାନ ଦେଇ ବରିଷ୍ଠ ନାଗରିକମାନଙ୍କ ଜୀବନ ଓ ଶୈଳୀ ଉପରେ ଯତ୍ନବାନ ହୋଇ ସମାଜ ପାଇଁ କିଛି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



**ବଲାଙ୍ଗିର,୨୦।୧୧(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରେ ଖରିଫ ବର୍ଷ ୨୦୨୪ -୨୫ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଆଜି ପୂର୍ବାହ୍ନ ରେ ଜିଲ୍ଲାପରିଷଦ ସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଈସାଲଓ୍ୱାର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ୟାବିନେଟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ , ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ , ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର , ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୨ ତାରିଖରୁ ପର୍ଯ୍ୟାୟକ୍ରମେ ୯୫,୦୮୭ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୭୬ ଗୋଟି ମଣ୍ଡି ମାଧ୍ୟମରେ (୧୫୮ ପେକ୍ସ ଏବଂ ୧୮ ଏସଏଚଜି ) ୩୪,୦୯,୦୭୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡି ରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା ,ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ମଣ୍ଡି ମାନଙ୍କରେ ଜଣେ ଲେଖାଏ ନୋଡ଼ାଲ ଅଧିକାରୀ ଏବଂ ୪-୫ ଟି ମଣ୍ଡି ରେ ଜଣେ ଲେଖାଏ ସୁପରଭାଇଜିଙ୍ଗ ଅଧିକାରୀ ଙ୍କୁ ଦାୟୀତ୍ୱ ଦିଆ ଯାଇଛି । ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ,ମଣ୍ଡିରେ ବିଜୁଳି, ଭିତ୍ତିଭୂମି,ଆଶ୍ରୟ ସ୍ଥଳ,ଟୋକନ୍ ସମୟ ସୀମା, ଓଜନ ମେସିନ ର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ କହିଥିଲେ ।ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି। ଏହାବାଦ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ ଯାହା ସର୍ବମୋଟ ୩୧୦୦ ଟଙ୍କା ହେବ। ଧାନ ମିଳିବାର ୪୮ ଘଣ୍ଟା ମଧ୍ୟରେ ଯେପରି ଚାଷୀ ଟଙ୍କା ପାଇବ ସେ ବାବଦରେ ମଧ୍ୟ ଧ୍ୟାନ ଦେବାକୁ କହିଥିଲେ । ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନଯାଞ୍ଚ ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ । ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ (ଗ୍ରେନ ଆନାଲାଇଜର) ଏବଂ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା ।

କୌଣସି ଟୋକନ ଯେପରି କ୍ଷତି ନ ହୁଏ ସେଥିପ୍ରତି ଜିଲ୍ଲାପାଳ ଙ୍କୁ ୭ ଦିନ ଅବଧି ବଢ଼ାଇବାକୁ ମଧ୍ୟ କ୍ଷମତା ଦିଆ ଯାଇଛି ।

ବାହାର ଜିଲାରୁ କିମ୍ବା ଆନ୍ତରାଜ୍ୟ ଧାନ ବିକ୍ରି ରୋକ ପାଇଁ ଆରକ୍ଷୀ ଅଧିକ୍ଷକ ବିଭିନ୍ନ ସ୍ଥାନରେ ନାକା ବନ୍ଦୀ କରିବା ତଥା ସିସିଟିଭି ଦ୍ୱାରା ପୋଲିସ ବିଭିନ୍ନ ସ୍ଥାନରେ ଜଗିବ ବୋଲି ସୂଚନା ଦେଇଥିଲେ ।

## ଜନ ଜାତୀୟ ଗୌରବ ଦିବସ

**ବରପାଲି,୨୦।୧୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ବରପାଲି ବ୍ଲକର ଭଟିଗାଁ ଗ୍ରାମ ପଂଚାୟତ ଅନ୍ତର୍ଗତ ଖଇରପାଲି ଗ୍ରାମରେ ବିଶିଷ୍ଟ ଆଦିବାସୀ ନେତା ବିର୍ଷାମୁଣ୍ଡା ଙ୍କୁ ୧୫୦ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ସ୍ୱତନ୍ତ୍ର ପଲ୍ଲିସଭା ଓ ପ୍ରଶିକ୍ଷଣ ଶିବିର ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ରବିକାନ୍ତ ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ ସହିତ ସହିତ ବିର୍ସାମୁଣ୍ଡା ଙ୍କ ଫୋଟୋଚିତ୍ର ରେ ପୂଜାର୍ଚ୍ଚନା କରାଯାଇଥିଲା। ନିଶାମୁକ୍ତ ଭାରତ ସହିତ ସ୍ୱଚ୍ଛ ଭାରତ ଗଠନ କରିବେ ବୋଲି ଶପଥପାଠ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅନନ୍ତ ସେଠ୍, ଜିଲ୍ଲା ପରିଷଦ ସଭ୍ୟ ଆଗଲପୁର ମଣ୍ଡଳ, ହିମାଞ୍ଚଳ ସାହୁ, ସରପଞ୍ଚ ଭଟିଗାଁ ଗ୍ରାମପଞ୍ଚାୟତ, ଦେବରାଜ ତାଣ୍ଡି, ଜିପିଡିଓ, ବର୍ଷାରାଣୀ ମେହେର, ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବରପାଲି ବ୍ଲକ, ଅନିରୁଦ୍ଧ ଭୋଇ, ସମିତି ସଭ୍ୟ, ଭଟିଗାଁ ଗ୍ରାମପଂଚାୟତ, ଧର୍ମରାଜ ସିଂହ ବରିହା, ବ୍ଲକ ସଭାପତି ଆଦିବାସୀ ସଙ୍ଘ, ଜିତେନ୍ଦ୍ରିୟ ଧରୁଆ ପୂର୍ବତନ ସରପଞ୍ଚ ଯୋଗଦାନ କରିଥିଲେ। ତାଲିମ୍ ଶିବିରରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସମାଜ ମଙ୍ଗଳ ଅଧିକାରୀ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

## ବିନା ଅତିଥିରେ ସଭା ଉଦ୍‌ଘାଟନୀ ଉତ୍ସବରେ ଅନୁପସ୍ଥିତ ଲୋକପ୍ରତିନିଧି



**ଯାଜପୁର,୨୦/୧୧(ସଂଚାର ବ୍ୟୁରୋ):** ଯାଜପୁରରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସଭାପତିତ୍ୱରେ ଉଦଘାଟିତ ଏହି ଉତ୍ସବରେ କୌଣସି ମନ୍ତ୍ରୀ, ସାଂସଦ ଓ ବିଧାୟକ ଯୋଗ ଦେଇନଥିଲେ। ଯାହାକି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରୁ ହିଁ ରାଜନୈତିକ କଳି ଦେଖିବାକୁ ମିଳିଛି। କେବଳ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ମାନେ ସାମିଲ ଥିଲେ। ମାତ୍ର କୌଣସି ମନ୍ତ୍ରୀ, ସାଂସଦ ବା ବିଧାୟକ ଉତ୍ସବରେ ସାମିଲ ହୋଇନଥିଲେ। ସୂଚନା ଅନୁସାରେ ଏହି କାର୍ଯ୍ୟକ୍ରମର ନିମନ୍ତ୍ରଣ ପତ୍ରରେ ଦୁଇଟି ଭିନ୍ନ ଦିବସରେ ୭ ବିଧାୟକଙ୍କ ମଧ୍ୟରୁ ୬ ଜଣଙ୍କ ନାମ ଅତିଥି ତାଲିକାରେ ଥିବା ବେଳେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନାମ ଏଥିରୁ ବାଦ ପଡ଼ିଥିଲା। ଯାହାକୁ ନେଇ ଦେଖା ଦେଇଥିଲା ବିବାଦ। ଗତକାଲି ସନ୍ଧ୍ୟାରେ ବିଧାୟିକା ପ୍ରମିଳା ମଲ୍ଲିକ ଗଣମାଧ୍ୟମ ନିକଟରେ ପ୍ରଶାସନ ବିରୋଧରେ ନିଜର ପ୍ରତିକ୍ରିୟା ରଖିଥିଲେ। ଏଥିପାଇଁ ଜିଲ୍ଲା ପ୍ରଶାସନକୁ ଦାୟୀ କରିବା ସହ କଡା ସମାଲୋଚନା କରିଥିଲେ। ତେବେ ତାହାର ପ୍ରତିଫଳନ ପୂର୍ବକ ଆଜିର ଉତ୍ସବର ପ୍ରଥମ ଦିବସରେ ନିମନ୍ତ୍ରିତ ହୋଇଥିବା ବଡଚଣା,ଧର୍ମଶାଳା ଓ କୋରେଇର କୌଣସି ବି ଜଣେ ବିଜେପି ବିଧାୟକ ଉପସ୍ଥିତ ହୋଇନଥିଲେ। ଯାହାକି ଜିଲ୍ଲା ପ୍ରଶାସନକୁ କାର୍ଯ୍ୟକ୍ରମ ପରିଚାଳନା ପାଇଁ ହରଡଘଣାରେ ପକାଇଥିଲା। କେବଳ ବିଳମ୍ବରେ ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ହୋଇଥିଲେ। ଅନ୍ୟପଟେ ଆଜିର ଉଦଘାଟନୀ ଉତ୍ସବରେ ଯୋଗଦେଇ ଜିଲ୍ଲାପାଳ ନିମନ୍ତ୍ରଣ ମୁଦ୍ରଣ ଜନିତ ତ୍ରୁଟି ସ୍ୱୀକାର କରିଥିଲେ। ସେପଟେ ମତ୍ସ୍ୟ ବିଭାଗ ଅଧିକାରୀ ମଧ୍ୟ ନିଜ ବିଭାଗର ତ୍ରୁଟି ପାଇଁ ଭୁଲ ସ୍ୱୀକାର କରିବା ସହିତ କ୍ଷମା ମାଗିଥିଲେ। ସେପଟେ ବିଜେପି ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆ ଯାଇନାହିଁ। ତେବେ କୌଣସି ମନ୍ତ୍ରୀ, ସାଂସଦ ଓ ବିଧାୟକ ଉତ୍ସବରେ ଯୋଗ ଦେଇନଥିବାରୁ ଉତ୍ସବଟି ଫିକା ଲାଗିଥିଲା ଏବଂ ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ଆସନ୍ତାକାଲିର ବୈଠକରେ ନିମନ୍ତ୍ରିତ ସମବାୟ ମନ୍ତ୍ରୀ , ସାଂସଦ ଓ ୨ ବିଜେଡି ବିଧାୟକ ଉପସ୍ଥିତ ରହିବେ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

## ଡୁମାଲ ପରିଷଦର ବୈଠକ

**ଭେଡେନ୨୦।୧୧(ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ଅନ୍ତର୍ଗତ ଗୁନିଆ ପାଲି କେନ୍ଦ୍ର ର ପପଙ୍ଗା ପାହାଡ଼ ତଳେ ଡୁମାଲ ପରିଷଦ ଓଡିଶା, ବରଗଡ଼ ଜିଲ୍ଲା ଶାଖା ର ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସଭାପତି ଗଣେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।



ଏହି ବୈଠକରେ ଡୁମାଲ ପରିଷଦ ଓଡିଶା ର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ ମୁଖ୍ୟ ଅତିଥି ଓ ରାଜ୍ୟ ପରିଷଦର ସହସମ୍ପାଦକ ସତ୍ୟନାରାୟଣ ମେଣ୍ଡଲୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ। ବୈଠକରେ ଡୁମାଲ ଜାତିର ପୂର୍ବରୁ ଚଳିଆସୁଥିବା ସାମାଜିକ ରୀତିନୀତି ଏବଂ ସମ୍ବିଧାନର ସମୀକ୍ଷା ସହ ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଯାଇ ପ୍ରସ୍ତାବିତ ଚିଠା ବରଗଡ଼ ଜିଲ୍ଲା କମିଟି ତରଫରୁ ରାଜ୍ୟ ଡୁମାଲ ପରିଷଦକୁ ପ୍ରଦାନ କରାଗଲା। ସମସ୍ତ ଜିଲ୍ଲା କମିଟି ତରଫରୁ ପ୍ରସ୍ତାବିତ ଚିଠା ମାନଂକୁ ରାଜ୍ୟ ସ୍ତରୀୟ କମିଟିରେ ସମୀକ୍ଷା କରାଯାଇ ସଂଶୋଧିତ ଜାତି ସମ୍ବିଧାନ ପ୍ରସ୍ତୁତ କରାଯାଇ ଆଗାମୀ ରାଜ୍ୟ ସ୍ତରୀୟ ମହାସଭାରେ ପ୍ରକାଶ ପାଇବ। ଏହି ବୈଠକରେ ଜିଲ୍ଲା କମିଟି ର ସମସ୍ତ ସଦସ୍ୟ, ସମସ୍ତ କେନ୍ଦ୍ର କମିଟିର ସଭାପତି ସମ୍ପାଦକ, ରାଜ୍ୟ ପରିଷଦର ସଭ୍ୟ ସଭ୍ୟା ଏବଂ ମା ମାହେଶ୍ୱରୀ ସେନାର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। ସଭା ଶେଷରେ ଜିଲ୍ଲା ସମ୍ପାଦକ ସୁବାସ ଥାଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ




**ସୁନ୍ଦରଗଡ଼,୨୦।୧୧(ସଂଚାର ବ୍ୟୁରୋ):** ବୁଧବାର ଦିନ ଟାଙ୍ଗରପାଲି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ବନ୍ଧପାଲିରେ ବ୍ଲକ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ କୁନ୍ତୀ ପ୍ରଧାନ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝୀ, ଉପାଧ୍ୟକ୍ଷ ଅଜୟ ନାୟକ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ପାତ୍ର, ମହୁଲପାଲି ସରପଞ୍ଚ ଝରଣା ଦଣ୍ଡସେନା, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ ବିମଳା ମାଝୀ ଯୋଗଦାନ କରି ମାନବ ଜୀଓ୍ୱନରେ ବିଜ୍ଞାନର ଉପକାରିତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ୨୨୪ ଟି ପ୍ରକଳ୍ପ ଛାତ୍ର ଛାତ୍ରୀ ମାନେ ପ୍ରଦର୍ଶିତ କରିଥିବା ବେଳେ ତା ।ମଧ୍ୟରୁ ୭ ଟି ବିଭାଗର ପ୍ରକଳ୍ପ କୁ ଜିଲ୍ଲା ସ୍ତରରେ ଭାଗ ନେବା ପାଇଁ ବିଚାରକ ମଣ୍ଡଳୀ ଚୟନ କରିଛନ୍ତି । ସରକାରୀ ଉଚ୍ଚ ବିଦ୍ୟାଳୟର ମାନ୍ୟତା ଆଚାର୍ଯ୍ୟ , ରାଜା ମହାନନ୍ଦିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ତେଲେନଡିହିର ପାର୍ବତୀ ଏକ୍କା, ଟିପିଏସ୍ ଉଚ୍ଚ ବିଦ୍ୟାଳୟ ବନ୍ଧପାଳିର ସୁନୈନା ।ଦେଉରିଆ, ଓଏଭି ଉଜ୍ଜଳପୁରର ଅନ୍ୱେଷା ମେହେର, ଟିଜିପି କଟ୍ରାର ସନ୍ତୋସିନୀ ଭାଇଁସଲ୍, ଉଜ୍ଜଳପୁର ବାଳିକା ଉଚ୍ଚ ବିଦ୍ୟାଳୟର ରାଜଶ୍ରୀ ପଟେଲ ଓ ମିଲେଟ ସେମିନାରରେ ନମ୍ରତା ମହାନନ୍ଦିଆଙ୍କୁ ଚୟନ କରଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳ ହୋଇଥିଲା। ଶିକ୍ଷୟିତ୍ରୀ ଲୀନା।ମୟୀ ପଟେଲ ଓ ସ୍ମିତା ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ମୌସୁମୀ ପଟେଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆରପାରିରେ ସୁଦାମ ମିଶ୍ର

**ସୋନପୁର,୨୦।୧୧(ସଂଚାର ବ୍ୟୁରୋ):** ସଦର ବ୍ଲକ ର ବିଶିମୁଣ୍ଡା ଗ୍ରାମ ପଞ୍ଚାୟତ ଡୁ ଙ୍ଗୁ ରି ପ । ଲି ଗ୍ରାମର ବରିଷ୍ଠ ଶିକ୍ଷାବିତ ତଥା ଖମ୍ବେଶ୍ୱରୀପାଲି



ଅଞ୍ଚଳର ଜଣାଶୁଣା ଅବସରପ୍ରାପ୍ତ ଶିକ୍ଷକ ସୁଦାମ ମିଶ୍ର ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି । ଖମ୍ବେଶ୍ୱରୀପାଲି ଅଂଚଳରେ ଜଣାଶୁଣା ଶିକ୍ଷକ ଭାବେ ବେଶ ପରିଚିତ ଥିଲେ, ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ଅବନୀକାନ୍ତ ମିଶ୍ର,ଜୁଆଇଁ ସଞ୍ଜ ମିଶ୍ର, ମହେନ୍ଦ୍ର ତ୍ରିପାଠୀ ଏବଂ ତାଙ୍କ ମା ଓ ଦୁଇ ଝିଅ ଓ ତାଙ୍କ ଭାଇ ଯୁଗେଶ ମିଶ୍ର ଉପସ୍ଥିତ ଥିଲେ, ଡୁଙ୍ଗୁରିପାଲି ଗାଁ ସ୍ମଶାନ ରେ ତାଙ୍କ ଅନ୍ତିମ ସଂସ୍କାର କରାଯଇଛି । ତାଙ୍କ ପୁଅ ଅବନୀକାନ୍ତ ମିଶ୍ର ମୁଖାଗ୍ନି ଦେଇଥିଲେ ।

## ଲାଉମୁଣ୍ଡା ଅଞ୍ଚଳରେ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡର ଚଢ଼ାଉ

**ବରଗଡ,୨୦।୧୧(ସଂଚାର ବ୍ୟୁରୋ):** ଆଜି ବିଜେପୁର ବ୍ଲକର ଲାଉମୁଣ୍ଡା ଅଞ୍ଚଳରେ ବରଗଡ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡ ଗଠିତ ହୋଇ କୋଟପା ନିୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୮ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ଟ.୨୭୦୦/



ଟଙ୍କା ଜୋରିମାନା ସଂଗ୍ରହ କରାଯିବା ସହ ଜନସାଧରଣଙ୍କୁ ଖାଦ୍ୟରେ ରଂଗ ବ୍ୟବହାର ନ କରିବା, ଖବରକାଗଜ ରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଗଲା । ଉକ୍ତ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ପରମେଶ୍ୱର ନାଏକ, ଜିଲ୍ଲା ପରମର୍ଶଦାତା ଶ୍ରୀ ସୀତେଶ ତ୍ରିପାଠୀ, ଅବକାରୀ ବିଭାଗରୁ ଏ.ଏସ.ଆଇ. ଯତୀନ ଦୀପ, ଇ/ସି ପ୍ରଶାନ୍ତ ବାଗ ଏବଂ ପୋଲିସ ବିଭାଗରୁ ଏ.ଏସ.ଆଇ ଭଗତ ବେହେରା ଓ କନଷ୍ଟେବଳ ବୀରେନ୍ଦ୍ର ପୋଢ଼ ଉପସ୍ଥିତଥିଲେ ।

## ଶିକ୍ଷା ଅଧିକାର ଆଇନ ବାଟବଣା
### ଦୁର୍ବଳ ସ୍ଥିତିରେ ଗୁଣାତ୍ମକ ଶିକ୍ଷା

**କଳାହାଣ୍ଡି,୨୦।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ଶିକ୍ଷା ଅଧିକାର ଆଇନ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେବା ପରେ ୦୬ ରୁ ୧୪ ବର୍ଷ ସହ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରେତେକ ଶିଶୁଙ୍କୁ ମୁକ୍ତ ଓ ବାଧ୍ୟତା ମୂଳକ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି । ଏପରିକି ଅଧାରୁ ପାଠ ଛାଡିଥିଲା ଛାତ୍ର ଛାତ୍ରୀ ଙ୍କୁ ବିଦ୍ୟାଳୟ କୁ ଫେରାଇ ଆଣିବା ପାଇଁ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷରେ ମଧ୍ୟ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରି ହୋଇଥିଲା । ଏ ସବୁ ସତ୍ତ୍ୱେ କଳାହାଣ୍ଡି ଜିଲ୍ଲାରେ ଏ ପର୍ଯ୍ୟନ୍ତ ଶିକ୍ଷା ଅଧିକାର ଆଇନ ସଠିକ ଭାବେ କାର୍ଯ୍ୟକାରି ହୋଇପାରି ନ ଥିବା ଅଭିଯୋଗ ହୋଇଛି । ଗତ କିଛି କିଛି ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ଙ୍କ ସଂଖ୍ୟା କମୁ ଥିବା ଯୋଗୁଁ ସରକାରୀ ବିଦ୍ୟାଳୟ ବନ୍ଦ କରାଯାଇଛି । ଫଳରେ ଏବେ ପାଠ ପ୍ରତି ଆଗ୍ରହ ରଖିଥିବା ଛାତ୍ର ଛାତ୍ରୀ ବାଧ୍ୟ ହୋଇ ଘରୋଇ ବିଦ୍ୟାଳୟ ମୁହାଁ ହେଉଛନ୍ତି । ରାଜ୍ୟ ସରକାରଙ୍କ ୟୁ ଡାଇସ (ଜିଲ୍ଲା ଏକକ ଶିକ୍ଷା ସୂଚନା ବ୍ୟବସ୍ଥା )ଅନୁଯାଇ ଜାତୀୟ ସ୍ତରରେ ପ୍ରାୟ ୧୩ ପ୍ରତିଶତ ବିଦ୍ୟାଳୟ ଶିକ୍ଷା ଅଧିକାର ଆଇନ ରେ କାର୍ଯ୍ୟକାରି ହୋଇ ପାରିଛି । ଜିଲ୍ଲା ରେ ଅଦ୍ୟାବଧି ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀ ଙ୍କ ସଫଳତା ର ହାର ୫୦ ପ୍ରତିଶତ ଟପି ନ ଥିବା ବିକାଶ କନକ୍ଲୋଭ ଓ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରାଯାଇଛି । ତଫସିଲଭୁକ୍ତ ଜନଜାତି ବର୍ଗର ଛାତ୍ର ଛାତ୍ରୀ ଙ୍କ ସଫଳତା ହାର ୫୦ ପ୍ରତିଶତ ରୁ ବି କମ ରହିଛି। ଜିଲ୍ଲାରେ ଘରୋଇ ବିଦ୍ୟାଳୟ ଗୁଡିକରେ ନାମ ଲେଖା ହାର ଜାତୀୟ ହାର ଠାରୁ କମ ଥିଲେ ହେଁ କିଛି କାଂଶରେ ଏହା ବଢୁ ଥିବା ଲକ୍ଷ କରାଯାଇଛି । ଗ୍ରାମାଞ୍ଚଳ ରେ ଘରୋଇ ସ୍କୁଲରେ ନାମ ଲେଖା ହାର ୮.୯ ପ୍ରତିଶତ ଥିବା ବେଳେ ଧର୍ମଗଡ଼ ଅଞ୍ଚଳରେ ଏହା ୧୭.୨ ପ୍ରତିଶତ । ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି ଯେ ୧୦ ଟି ସଫଳତା ସୁଚକାଙ୍କ ଭିତରରୁ ଆମ ଜିଲ୍ଲା ୬ ଟି ପୂରଣ କରୁଛି । ପ୍ରାୟ ୬୦ ପ୍ରତିଶତରୁ ଅଧିକ ବିଦ୍ୟାଳୟ ରେ ଖେଳପଡ଼ିଆ, ବିଦ୍ୟୁତ, କମ୍ପ୍ୟୁଟର ଆଦି ନାହିଁ । ଅନ୍ୟ ପକ୍ଷରେ ଜିଲ୍ଲା ସରକାର ଙ୍କ ସ୍କୁଲ ମନିଟରିଂ ଆପ ରିପୋର୍ଟ ତଥ୍ୟ ଅନୁସାରେ ଜିଲ୍ଲା ର ପ୍ରାୟ ୩୦ ଭାଗ ସ୍କୁଲରେ ପୃଥକ ପାଇଖାନା ନ ଥିବା ବେଳେ ୭୦ ଭାଗ ସ୍କୁଲରେ ବିଦ୍ୟୁତ ଏବଂ ୮୦ ଭାଗ ସ୍କୁଲରେ ଖେଳ ପଡ଼ିଆ ନାହିଁ । ଜାତୀୟସ୍ତର ସହ ଜିଲ୍ଲା ର ବିଭିନ୍ନ କ୍ଷେତ୍ରରେ ସଫଳତା ରିପୋର୍ଟ ତୁଳାତ୍ମକ ବିବରଣୀରୁ ଜଣା ପଡ଼ିଛି ଯେ ଜିଲ୍ଲା ରେ ୨୫ ପ୍ରତିଶତ ସ୍କୁଲରେ ଛାତ୍ର ଛାତ୍ରୀ ଅନୁପାତରେ ଶ୍ରେଣୀ କକ୍ଷ କମ ଥିବା ବେଳେ ଧର୍ମଗଡ଼ ଅଞ୍ଚଳରେ ଏହାର ହାର ୨୫ ପ୍ରତିଶତ । ସେହିପରି କମ୍ପ୍ୟୁଟର କରଣ କ୍ଷେତ୍ରରେ ଏହି ହାର ୧୫.୬ ପ୍ରତିଶତ । ଓଡିଶା ରେ ପ୍ରାୟ ୩୩ ଭାଗ ସ୍କୁଲରେ ବିଦ୍ୟୁତ ସଂଯୋଗ ଥିବା ବେଳେ କଳାହାଣ୍ଡି ଜିଲ୍ଲା ରେ ୦୫ ଭାଗ ସ୍କୁଲରେ ବିଜୁଳି ଅଛି । ତେବେ ସେହିପରି ଭିନକ୍ଷମଙ୍କ ପାଇଁ ରାମ୍ପ ତିଆରି ହାର ଜିଲ୍ଲାରେ ଜାତୀୟ ହାର ଠାରୁ ଅଧିକ ରହିଛି ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ଉଦଳା,୨୦।୧୧(ସଂଚାର ବ୍ୟୁରୋ):** କପ୍ତିପଦା ଉପଖଣ୍ଡର ଉଦଳା ହାଇସ୍କୁଲ ପଡ଼ିଆ ଠାରେ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି



ଉଦ୍‌ଘାଟିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତକରଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଆୟୋଜିତ ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଦିବ ୯ ଘଟିକାରୁ ଉପସ୍ଥିତ କୃଷକ ମାନଙ୍କର ପଞ୍ଜିକରଣ କରାଯାଇଥିଲା । ତତ୍‌ପରେ ଆଜିର କାର୍ଯ୍ୟକ୍ରମର ସମସ୍ତ ଅତିଥ ଉଦଳାର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଡ଼ାକ ବଙ୍ଗଳା ଠାରେ ଉପସ୍ଥିତ ହେବା ପରେ ଆଦିବାସୀ ନୃତ୍ୟ ଦଳ ସହ ଏକ ବିରାଟ ସଭାଯାତ୍ରାରେ ବାହାରି ମେଳା ପଡ଼ିଆ ଠାରେ ପହଞ୍ଚିଥିଲେ ପରେ ମୁଖ୍ୟ ଅତିଥି, ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇଙ୍କ ଦ୍ୱାରା କୃଷି ଯନ୍ତ୍ରପାତି ମେଳାକୁ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା । ତତ୍‌ପରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥି ବିଭିନ୍ନ ଷ୍ଟଲ ପରିଦର୍ଶନ କରି ସଭାସ୍ଥଳରେ ପହଞ୍ଚି ଥିଲେ । କୃଷି ବିଭାଗୀୟ କର୍ମଚାରୀ ଶ୍ରୀୟାସ୍ମିତା ଦାସ ଏବଂ ସତ୍ୟବ୍ରତ ଘୋଡ଼ାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ପୂର୍ବକ ଉତ୍ତରୀୟ ଓ ବ୍ୟାଚ ପରିଧାନ ପରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଧୂପ, ପୁଷ୍ପ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାକାର୍ଯ୍ୟ ପ୍ରାରମ୍ଭରେ ସରସତୀ ଶିଶୁ ବିଦ୍ୟାମନ୍ଦିର, ଉଦଳାର ଛାତ୍ରୀ ମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସିଦ୍ଧାର୍ଥ ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ ଆଜିର ସଭାରେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଉଦଳା ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଶିଷ୍ଟ ଅତିଥି ଭାବେ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ,ସମ୍ମାନିତ ଅତିଥି ଭାବେ କପ୍ତିପଦା ଉପଖଣ୍ଡ ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ, ନରେନ୍ଦ୍ର ଖମାରୀ, ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ନିର୍ବାହୀଯନ୍ତ୍ରୀ (କୃଷି) ଶ୍ରୀନିବାସ ପୃଷ୍ଟି ତଥା କୃଷି ଜିଲ୍ଲା ଅଧୁକାରୀ, ଉଦଳା କାର୍ତ୍ତିକ ଚନ୍ଦ୍ର ସାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ "ଜୟ ଜବାନ୍ ଜୟ କିସାନ" ଉକ୍ତି ଉଦାହରଣ ଦେଇ ବର୍ତ୍ତମାନର ସରକାର କୃଷି ଓ କୃଷକର ଉନ୍ନତି ନିମନ୍ତେ କେତେ ତତ୍ପର ତାହାର ସମ୍ୟକ ସୂଚନା ଦେଇଥିଲେ ।




## ଅଲିଭ ରିଡେଲ କଇଁଚ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଅସ୍ତରଙ୍ଗ,୨୦।୧୧(ସଂଚାର ବ୍ୟୁରୋ):** ବ୍ଲକ ଅନ୍ତର୍ଗତ ପୀର ଜାହାନିଆ ଠାରେ ଅସ୍ତରଙ୍ଗ ବନବିଭାଗ ପକ୍ଷରୁ ବନାଚଂଳ ଅଧିକାରୀ ମୋନାଲିସା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଲିଭ ରିଡେଲ କଇଁଚ ଓ ସାମୁଦ୍ରିକ ଜୀବଙ୍କ ସୁରକ୍ଷା, ଗଣ ଅଣ୍ଡାଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ସମ୍ପର୍କରେ ଏକ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନ କର୍ମଚାରୀ ଓ ନିୟୋଜିତ ସୁରକ୍ଷା କର୍ମୀ ମାନେ ଯୋଗଦାନ କରିଥିଲେ। ପରିବେଶବିତ୍ ସୋଭାକର ବେହେରା ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଅଲିଭରିଡେଲ କଇଁଚ ମାନଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଯେଭଳି ବାଧାପ୍ରାପ୍ତ ନ ହୁଏ ଓ ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ବନାଚଂଳ ଅଧିକାରୀ ମୋନାଲିସା ମହାପାତ୍ର ଉପସ୍ଥିତ ଶିବିରାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ।

## ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ

**ଦଶରଥପୁର,୨୦।୧୧(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତସ୍ତ କସବା ପ୍ରାଥମିକ ବିଦ୍ୟାଳୟରେ ଆଜି ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୋଷାକ ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦଶରଥପୁର ବ୍ଲକର ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା, ସମ୍ମାନିତ ଅତିଥିଭାବେ ଅର୍ଣ୍ଣପୂର୍ଣ୍ଣା ନୋଡାଲ ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି ଗୌତମ ବେହେରା, ବିଦ୍ୟାଳୟ ପରିଚାଳନା ସଭାପତି ଦୀପକ ମଲ୍ଲିକ, ସହକାରୀ ଶିକ୍ଷୟତ୍ରୀ ସଲମା. ମୁର୍ମୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀର ମୋଟ ୫୬ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟ ଦିପୁ ମଲ୍ଲିକ , ଅଞ୍ଜନା ଦଳାଇ, ପ୍ରତାପ , ଓ୍ୱାର୍ଡ ସଭ୍ୟ କାଳନ୍ଦୀ ଚରଣ ମଲ୍ଲିକ,ଅନଳ ମଲ୍ଲିକ, କଳ୍ପନା ମଲ୍ଲିକ, ବିନୋଦିନୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

## ଓଲଟି ପଡ଼ିଲା ଟମାଟୋ ବୋଝେଇ ଟ୍ରକ୍; ଯିଏ ପାରିଲା ବୋହିନେଲା



**କେନ୍ଦୁଝର,୨୦।୧୧(ସଂଚାର ବ୍ୟୁରୋ):** ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିଲା ଟମାଟୋ ବୋଝେଇ ଟ୍ରକ୍। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ନର୍ସରି ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଗାଡ଼ିଟି ଓଲଟି ପଡ଼ିବାରୁ ବୋଝେଇ ହୋଇଥିବା ଟମାଟୋ ସବୁ ଏଣେ ତେଣେ ପଡ଼ି ଯାଇଛି। ଆଉ ଏହାପରେ ଲୋକେ ସେଠାରୁ ଟମାଟୋ ସବୁ ବୋହି ନେଇଯାଉଥିବା ଦେଖିବାକୁ ମିଳିଛି। ସାଇକେଲ୍ ଓ ବାଇକରେ ଲୋକେ ଟମାଟୋ ବୋହି ନେଇ ଯାଇଥିବା ଦେଖିବାକୁ ମିଳିଛି। ଏମିତିକି ରାସ୍ତାରେ ଯା'ଆସ କରୁଥିବା ଲୋକେ ବି ଓହ୍ଲାଇ ଟମାଟୋ ବୋହି ନେଇ ଯାଇଯାଉଛନ୍ତି। ପିଲାଠୁ ବୟସ୍କ କେହି ଏଥିରୁ ବାଦ୍ ପଡ଼ି ନାହାନ୍ତି। ଟମାଟୋ ବୋଝେଇ ଟ୍ରକ୍‌ଟି ଛତିଶଗଡ଼ରୁ କଲିକତା ଅଭିମୁଖେ ଯିବାବେଳେ ଏହି ଦୁର୍ଘଟଣା ଘଟିଛି। ଘନ କୁହୁଡି ଯୋଗୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।